# ଧାରୁଆ ଲୋକ ସଂସ୍କୃତି



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର, ଓଡ଼ିଶା

# ଧାରୁଆ ଲୋକ ସଂସ୍କୃତି

ସଂକଳନ

ଡ଼. ରାଜେନ୍ଦ୍ର ପାଢ଼ୀ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଧାରୁଆ ଲୋକ ସଂସ୍କୃତି


| | | |
|---|---|---|
| ସଂକଳକ | : | ଡ. ରାଜେନ୍ଦ୍ର ପାଢ଼ୀ |
| ପ୍ରକାଶକ © | : | ନିର୍ଦ୍ଦେଶକ,<br>ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ<br>ଆଦିବାସୀ ପ୍ରଦର୍ଶନୀ ପଡ଼ିଆ<br>ୟୁନିଟ୍-୧, ଭୁବନେଶ୍ୱର - ୭୫୧ ୦୦୯ |
| ପ୍ରଥମ ପ୍ରକାଶ | : | ଜାନୁଆରୀ, ୨୦୦୩ |
| ମୁଦ୍ରଣ | : | ଭୋଲାନାଥ ପ୍ରେସ୍<br>୧୨୦୧/୧୬୦୧, ବମିଖାଲ<br>ଭୁବନେଶ୍ୱର-୭୫୧୦୧୦ |
| ମୂଲ୍ୟ | : | ୩୫.୦୦ ଟଙ୍କା ମାତ୍ର |
| ISBN | : | 8188010-10-3 |


**DHARUA LOK SAMSKRUTI**


| | | |
|---|---|---|
| Compliation | : | Dr. Rajendra Padhi |
| Publisher © | : | Director,<br>Academy of Tribal Dialects & Culture<br>Adivasi Exhibition Ground<br>Unit-1, Bhubaneswar - 9 |
| 1st Edition | : | January, 2003 |
| Printed at | : | Bholanath Press<br>Bomikhal, Bhubaneswar- 751010 |
| Price | : | Rs. 35.00 only |

# କୃତଜ୍ଞତା

ଧାରୁଆମାନେ ଅତି ଆଦିମ ଜନଗୋଷ୍ଠୀ । ଏମାନଙ୍କ ସାମାଜିକ ଚାଲିଚଳଣି, ଖାଦ୍ୟପେୟ, ବେଶଭୂଷା, ପୂଜାପାର୍ବଣ, ନୃତ୍ୟଗୀତ ଓ କଳାତ୍ମକ ଅଭିରୁଚିରେ ଆଦିମ ସଭ୍ୟତାର ସଂକେତ ବିଦ୍ୟମାନ । ଏମାନେ ଆଦିମ ବଣ୍ଡା ଜନଜାତିଙ୍କ ପରି ଅତ୍ୟନ୍ତ ରକ୍ଷଣଶୀଳ ଓ ପରଂପରାବାଦୀ । ଏଣୁ ଆଧୁନିକ ସଭ୍ୟତାସହ ସହଜରେ ସାମିଲ ହୋଇପାରୁ ନାହାଁନ୍ତି । ଏମାନେ ଅଧିକାଂଶ ନିରକ୍ଷର ହୋଇଥିବାରୁ ନିଜସ୍ୱ ଲୋକ ସଂସ୍କୃତିର ବିଭିନ୍ନ ଉପାଦାନ ଯଥା - ମିଥ୍, କାହାଣୀ, ଲୋକୋକ୍ତି ଓ ଗୀତସବୁ କେବଳ ଅଲିଖିତ ଭାବେ ମୌଖିକ ପରଂପରାରେ ଗତିଶୀଳ । ଏମାନଙ୍କ ଲୋକ ସଂସ୍କୃତି ସଂପର୍କରେ ଅଦ୍ୟାବଧି କୌଣସି ଗବେଷଣା ଓ ଚର୍ଚ୍ଚା ହୋଇନଥିଲା । ଏମାନଙ୍କ ପାରଂପରିକ ଲୋକସଂସ୍କୃତିର ବିଭିନ୍ନ ଉପାଦେୟ ଉପାଦାନମାନ କ୍ରମଶଃ ଦୁର୍ଗମ ଆଦିବାସୀ ଅଞ୍ଚଳର ଅନ୍ଧାର ଗିରିଗୁହ୍ମ ମଧରେ ବିଲୀନ ହେବାରେ ଲାଗିଛି । ଏଣୁ ଏହି ପରିପ୍ରେକ୍ଷୀରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର କର୍ତ୍ତୃପକ୍ଷ ଧାରୁଆମାନଙ୍କ ଲୋକସଂସ୍କୃତିର ଗବେଷଣା ନିମନ୍ତେ ମୋତେ ଏକ ପ୍ରକଳ୍ପ ପ୍ରଦାନ କରିଥିବାରୁ ଏକାଡେମୀର ନିର୍ଦ୍ଦେଶକ ମହୋଦୟଙ୍କ ନିକଟରେ ମୁଁ ବିଶେଷ କୃତଜ୍ଞ । ଏକାଡେମୀର ସାହାଯ୍ୟ ଓ ବଳିଷ୍ଠ ଉଦ୍ୟମର ଫଳଶ୍ରୁତି ହେଉଛି ଏହି କ୍ଷୁଦ୍ର ପୁସ୍ତିକା । ଏଥିରେ ଧାରୁଆମାନଙ୍କ ଲୋକ ସଂସ୍କୃତି ସଂପର୍କରେ ସଂକ୍ଷିପ୍ତ ପରିଚୟ ପ୍ରଦାନ କରାଯାଇଛି ମାତ୍ର ।

ମୋର ଏହି ଗବେଷଣା କାର୍ଯ୍ୟରେ ଶ୍ରୀ ପୁଷ୍ପ ନାୟକ, ଶ୍ରୀମତୀ ପୁନି ଦୁରୁଆଣୀ (କେରିମିଟି କେନ୍ଦୁଗଡ଼ା), ତାଲୁରୁ, ସୁରିଷପଦର, ଶିରିବେଡ଼ା, ଘୋଡ଼ାଘାଟା, ସାନବୁଡ୍ଡୁଦି ଓ ହଳଦିକୁଣ୍ଡ ଗ୍ରାମର ଧାରୁଆ ଭାଇଭଉଣୀମାନେ ମୋତେ ସାହାଯ୍ୟ କରିଥିବାରୁ ମୁଁ ସେମାନଙ୍କୁ କୃତଜ୍ଞତା ଜଣାଉଛି। ଏକାଡ଼େମୀର ଗବେଷକ ବନ୍ଧୁ ଡଃ. ପରମାନନ୍ଦ ପଟେଲଙ୍କ ଦିଗ୍‌ଦର୍ଶନ ଓ ପରାମର୍ଶରେ ଏହି କଷ୍ଟସାଧ କାର୍ଯ୍ୟଟି ସଂପନ୍ନ ହୋଇ ପାରିଥିବାରୁ ମୁଁ ତାଙ୍କ ନିକଟରେ ବିଶେଷ ଋଣୀ ।

କୁନ୍ଦ୍ରା (କୋରାପୁଟ) ଡଃ. ରାଜେନ୍ଦ୍ର ପାଢ଼ୀ

# ଭୂମିକା

ଜନଜାତି ମାନଙ୍କର ସାଂସ୍କୃତିକ ଐତିହ୍ୟ ଏବଂ ପ୍ରଜାତିକ ବୈଚିତ୍ର୍ୟ ଆକଳନ କରିବାରେ ସେମାନଙ୍କ ପରିବେଶରେ ବିକଶିତ ଲୋକ ସାହିତ୍ୟ ଏକ ପ୍ରମୁଖ ଉପାଦାନ । ଜଗତିକରଣ ଏବଂ ବସ୍ତୁ ସଂସ୍କୃତିର ଉଦ୍‌ବର୍ତ୍ତନରେ ଆମ ଲୋକ ପରମ୍ପରା ଲୋପ ପାଇଯାଉଥିବା ବେଳେ ଜନଜାତୀୟ ଲୋକ ମୌଖିକ ପରମ୍ପରା ଗତିଶୀଳ । ପଡ଼ୋଶୀ ସଂସର୍ଗ ଏବଂ ଗଣ ମାଧ୍ୟମର ପ୍ରସାର ଫଳରେ ଏଗତି ଯଦିଓ ମନ୍ଥର ଓ ପରିବର୍ତ୍ତିତ ତଥାପି ଅନ୍ତଃସ୍ରୋତ ବିଦ୍ୟମାନ । ତଥାପି ତାର ଉନ୍ନତ ଲୋକ ମୌଖିକ ପରମ୍ପରା ପାଇଁ ଜନଜାତୀୟ ସଂସ୍କୃତି ଦିନେ ଯେପରି ଅନ୍ୟମାନଙ୍କ ଆକର୍ଷଣର ହେତୁଥିଲା; ତାହା ଆଜି ଶ୍ରୀହୀନ । ବିଶେଷତଃ ଯୁବପିଢ଼ି ନିକଟରେ ଏହାର ନବସୃଜନ ନାହିଁ । ସେମାନେ ଏ ପରମ୍ପରା ପ୍ରତି ବିମୁଖ ।

ଜନଜାତୀୟ ପରମ୍ପରାରେ ଓଡ଼ିଶାର ଅନ୍ୟତମ ଜନଜାତି "ଧାରୁଆ" ସଂପ୍ରଦାୟ ଅଧ୍ୟୟନର ପୃଷ୍ଠଭୂମିରେ ଏକ ଭିନ୍ନ ରୂପରେ ଆତ୍ମପ୍ରକାଶ କରେ । ଏମାନଙ୍କ ଗୋଟିଏ ଧାରା ଦେଶୀୟ ସଂସ୍କୃତି ଦ୍ୱାରା ଆକ୍ରାନ୍ତ ହୋଇଥିବାବେଳେ ଅନ୍ୟ ଧାରାଟି ସ୍ୱବର୍ଗୀୟ ହୋଇ ସୁଦ୍ଧା ବିବର୍ତ୍ତନର ଜଟୀଳ ମୁହୂର୍ତ୍ତଦେଇ ଗତିଶୀଳ ।

"ଧାରୁଆ", ଜନଜାତି ହିସାବରେ "ଗୋଣ୍ଡ" ଗୋଷ୍ଠୀର ଶାଖା ହୋଇଥିଲେ ମଧ୍ୟ ନିଜସ୍ୱ ମୌଳିକତା ବହନ କରିଥାନ୍ତି । ସରଳ ସ୍ୱଭାବ ଗୁଣ ସଂପନ୍ନ ହୋଇ ମଧ୍ୟ ଉଗ୍ରମଧୁର ରୂପ ନେଇ ଅନ୍ୟାନ୍ୟ ଜନଜାତି ଅପେକ୍ଷା ଆଦିମତର ମନେ ହୋଇଥାନ୍ତି ।

ତେବେ ଯେଉଁ ଶାଖାଟି ଅନ୍ୟମାନଙ୍କ ସଂସ୍ପର୍ଶରେ ଆସି ବିବର୍ତ୍ତିତ ହେବାରେ ଲାଗିଲେ ସେମାନଙ୍କ ସଂସ୍କୃତିର ବିଶିଷ୍ଟ ବିଭାଗ "ଭାଷା" ସଂପୂର୍ଣ୍ଣ ବିଲୁପ୍ତ । ଫଳତଃ "ଦେଶିଆ" ଲୋକ ପରମ୍ପରାକୁ ଆଦରିନେଇ ଏମାନେ ଏକ ନୂତନ ପରମ୍ପରା ସୃଷ୍ଟି କରିଛନ୍ତି । ମାତ୍ର ଅପର ଶାଖାଟି ରକ୍ଷଣଶୀଳ ହୋଇସୁଦ୍ଧା ଭିନ୍ନ

ଭିନ୍ନ ଭାଷା ସମ୍ବନ୍ଧିତ ହୋଇ ଏକ ମିଶ୍ର ପରମ୍ପରାର ଅନୁଗାମୀ ହୋଇଥିବାର ଜଣାଯାଏ । ଧାରୁଆ ଆଞ୍ଚଳିକ ରୂପରେ ''ଦୁରୁଆ'' ହିସାବରେ ପ୍ରଚଳିତ । ଏଇ ''ଦୁରୁଆ''ଙ୍କୁ ପ୍ରକାଶିତ ଲୋକ ସାହିତ୍ୟରେ ଗୁରୁତ୍ୱ ଦିଆଯାଇଛି ।

ପ୍ରକାଶିତ ପୁସ୍ତିକା ଧାରୁଆ ମାନଙ୍କର ଉଭୟ ପରମ୍ପରାର ଉପାଦାନରେ ସମୃଦ୍ଧ । ବିବର୍ତ୍ତିତ ପ୍ରେକ୍ଷାପଟରେ ଏମାନଙ୍କ ଲୋକ ଉପାଦାନ ମିଳିବା ଦୁର୍ମିଳ । ତେବେ ଏ ପରମ୍ପରାଟି ଲୋପ ପାଇଯିବା ପୂର୍ବରୁ ଏ ପ୍ରୟାସ ଯତ୍ କିଞ୍ଚିତ ଆଶ୍ୱାସନା ଆଣିଦେଇଛି ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଓଡ଼ିଶାର ଆଦିବାସୀ ଗୋଷ୍ଠୀ ସମୂହର ଲୋକ ମୌଖିକ ପରମ୍ପରାର ସଂଗ୍ରହ ଓ ପ୍ରକାଶନ ପାଇଁ ଗୁରୁ ଦାୟିତ୍ୱ ବହନ କରିଛି । ପ୍ରକାଶିତ ''ଧାରୁଆ ଲୋକ ସଂସ୍କୃତି'' ତାର ଏକ ଅଂଶ ମାତ୍ର । ପ୍ରକଳ୍ପ ପରିକଳ୍ପନାରେ ଏକାଡେମୀର ପୂର୍ବତନ ନିର୍ଦ୍ଦେଶକ ଡ. ମନ୍ମଥ କୁଣ୍ଡୁ ଏଥିପାଇଁ ସ୍ମରଣୀୟ । ଏକାଡେମୀର ସହକାରୀ ଗବେଷକ ଡ. ପରମାନନ୍ଦ ପଟେଲ ଶ୍ରମ ସ୍ୱୀକାର ପୂର୍ବକ ପାଣ୍ଡୁଲିପି ସଂପାଦନା କରି ମୁଦ୍ରଣ ଉପଯୋଗୀ କରିଥିବାରୁ ସେ ଧନ୍ୟବାଦାର୍ହ ।

ଏହି ପୁସ୍ତିକାକୁ ସଂକଳନ କରିଛନ୍ତି ଡ. ରାଜେନ୍ଦ୍ର ପାଢ଼ୀ, କୁନ୍ଦ୍ରା, କୋରାପୁଟ । ପୁସ୍ତିକା ପ୍ରକାଶନ ଅବସରରେ ଏକାଡେମୀ ତାଙ୍କ ନିକଟରେ କୃତଜ୍ଞ ।

ପ୍ରସନ୍ନ କୁମାର ନାୟକ

(ପ୍ରସନ୍ନ କୁମାର ନାୟକ)

ନିର୍ଦ୍ଦେଶକ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର

# ବିଷୟ ସୂଚୀ


୧. ଉପକ୍ରମଣିକା : ପୃ - ୭-୮

୨. ସାମାଜିକ ଚଳଣି : *ବେଶଭୂଷା, ଗୃହସଜ୍ଜା, ଖାଦ୍ୟପେୟ ଓ ଜୀବିକା, ବଂଶ/ଗୋତ୍ର, ଭାଷା, ପରିବାର ଓ ଗ୍ରାମଶାସନ ବ୍ୟବସ୍ଥା, ଗୋଷ୍ଠୀଜୀବନ, ସନ୍ତାନଜନ୍ମ, କନ୍ୟାରଜବତୀ, ବିବାହ ପରଂପରା, ମୃତକର୍ମ -* ପୃ-୮-୨୦

୩. ପର୍ବପର୍ବାଣୀ ଓ ଧର୍ମବିଶ୍ୱାସ : *ଉଁଆସପରବ, ନୂଆଖିଆ ପର୍ବ, ଦଶରାପରବ, ଦିଆଲିପରବ, କଟାଲନ୍ଦାଏ, ପାଟମାଉଲିଯାତ୍ରା, ଚଇତପରବ -* ପୃ-୨୧-୨୫

୪. ଲୋକ ପରମ୍ପରା : *ଲୋକଗୀତ - ବିବାହଗୀତ, ଖେଳଗୀତ, ଚଇତିପରବଗୀତ -* ପୃ-୨୬-୫୦

ସୃଷ୍ଟି ପୁରାଣ : *ମାଉଲୀ ଓ ହୁଣ୍ଡୀ ଦେବୀଙ୍କ ସୃଷ୍ଟି, ପାହାଡ଼ପର୍ବତ ଓ ଜଙ୍ଗଲର ସୃଷ୍ଟି, ମହୁଲୀମଦର ସୃଷ୍ଟି, ଲନ୍ଦାନିଶା ପାନୀୟର ସୃଷ୍ଟି -* ପୃ-୫୧-୫୬

କାହାଣୀ : *ଶୁଆଶାରୀ କାହାଣୀ, ଅନାଥ ପିଲା କାହାଣୀ, ଶୁନରାଜା କାହାଣୀ -* ପୃ- ୫୬-୭୪

ଲୋକୋକ୍ତି : *ଢ଼ଗ ଢ଼ମାଳି ପ୍ରବାଦ - ପ୍ରବଚନ, ନାଁ ଦିଆ* ପୃ-୭୪-୭୭

୫. ପ୍ରଦର୍ଶନ ଲୋକକଳା : *ଲୋକନୃତ୍ୟ, ଲୋକନାଟ, ଲୋକବାଦ୍ୟ, ଲୋକକଳା -* ପୃ-୭୮-୯୧

୬. ଉପସଂହାର : ପୃ-୯୧-୯୪

୭. ପରିଶିଷ୍ଟ : ପୃ-୯୫-୯୬

# ଧାରୁଆ ଲୋକ ସଂସ୍କୃତି

## ଉପକ୍ରମଣିକା :

କୋରାପୁଟର ଭୌଗୋଳିକ, ଐତିହାସିକ, ସାଂସ୍କୃତିକ ପୃଷ୍ଠଭୂମି ଯେପରି ଅତି ପ୍ରାଚୀନ ଓ ବୈଭବଶାଳୀ ସେହିପରି ଏଇ ମାଟିର ଆଦିମ ଜନଗୋଷ୍ଠୀଙ୍କ ଜୀବନଯାପନ ଶୈଳୀ ଅତ୍ୟନ୍ତ ବୈଚିତ୍ର୍ୟମୟ । ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ ଅଦିମ ଜନଗୋଷ୍ଠୀ ହେଉଛନ୍ତି ଧାରୁଆ । ସାଧାରଣରେ ଏମାନେ ଧୁରୁଆ, ଦୁରୁଆ, ଧୁରଗଣ୍ଡ ହିସାବରେ ମଧ୍ୟ ପରିଚିତ । ଏମାନଙ୍କ ଚାଲିଚଳଣି, ବେଶଭୂଷା, ଧର୍ମଧାରା ଓ କଳାତ୍ମକ ଅଭିରୁଚିକୁ ଅନୁଧ୍ୟାନ କଲେ ଏମାନଙ୍କ ଜୀବନଚର୍ଯ୍ୟାରେ ପ୍ରାଚୀନ ସଭ୍ୟତାର ସଂକେତ ବିଦ୍ୟମାନ । 'ଜାରୁଆ' ଶବ୍ଦରୁ 'ଦୁରୁଆ'ର ଉତ୍ପତ୍ତି । 'ଜାର୍' ହେଉଛି ଜଙ୍ଗଲ ଓ ଜାରୁଆର ଅର୍ଥ ହେଲା ଜଙ୍ଗଲୀମଣିଷ । 'ଜାରୁଆ' ଶବ୍ଦ ରୂପ ଧ୍ୱନ୍ୟାତ୍ମକ ପରିବର୍ତ୍ତନ ହୋଇ କାଳକ୍ରମେ ଦୁରୁଆ / ଧାରୁଆ ହୋଇଥିବା ଅନୁମିତ ହୁଏ । ଏବେବି ଏହି ସଂପ୍ରଦାୟର ବୟସ୍କମାନେ ନିଜକୁ 'ଜାରୁଆ' ବୋଲି କହିଥାନ୍ତି । ଏମାନଙ୍କୁ କେହି କେହି 'ଦୁରୁହ' 'ଧାରୁଆ' ବୋଲି କହିଥାନ୍ତି । ଏମାନେ ସର୍ବପ୍ରଥମେ ଜଙ୍ଗଲ ସଫାକରି ବସତି ସ୍ଥାପନ କରିଥିବା ଦାବୀ କରିଥାନ୍ତି । ଆଲୋଚକ ରସେଲ୍ ଧାରୁଆଙ୍କୁ ଧୂଳିମାଟିର ମଣିଷ ବୋଲି ମତବ୍ୟକ୍ତ କରନ୍ତି । କେତେକ ଗବେଷକ ଧାରୁଆ ଜନଗୋଷ୍ଠୀ 'ଗଣ୍ଡ'ମାନଙ୍କ ଏକ ଉପଗୋଷ୍ଠୀ ବୋଲି ନିର୍ଦ୍ଧାରଣ କରିଛନ୍ତି । ଏମାନେ ପ୍ରଥମେ ମଧ୍ୟ ପ୍ରଦେଶର ବସ୍ତର ଜିଲ୍ଲାର ଲଙ୍ଗଲେଶ୍ୱର ଅଞ୍ଚଳରୁ କେଉଁ ଆଦିମ କାଳରୁ ଆସି ଅବିଭକ୍ତ କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା, କୁନ୍ଦ୍ରା, ମାଥିଲି, କୋଟପାଡ଼, କୋରକୋଣ୍ଡା ଓ ମାଲାକାନଗିରି ଅଞ୍ଚଳରେ ବସତିସ୍ଥାପନ କରିଥିବାର ଜଣାଯାଏ । ଅଦ୍ୟାବଧି ଏହି ଜନଗୋଷ୍ଠୀଙ୍କ ସଂପର୍କରେ କୌଣସି ବିଧିବଦ୍ଧ ଗବେଷଣା ହୋଇନଥିବାରୁ ଏମାନଙ୍କ ସମାଜତାତ୍ତ୍ୱିକ ଓ ନୃତାତ୍ତ୍ୱିକ ଦିଗ ସଂପର୍କରେ ବିଶେଷ ଗବେଷଣାତ୍ମକ ତଥ୍ୟ ଅନୁପଲବ୍ଧ । ତେବେ ୧୯୮୧ ଜନଗଣନା ଅନୁଯାୟୀ ସମଗ୍ର ଓଡ଼ିଶାରେ ଧାରୁଆଙ୍କ ଜନସଂଖ୍ୟା ୮୬୮୧ ଜଣ । କେବଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ

୭୧୮୯ଜଣ ଧାରୁଆ ବାସକରୁଥିବା ବେଳେ ଅବଶିଷ୍ଟ ମୟୂରଭଂଜ ଜିଲ୍ଲାରେ ବାସକରୁଥିବା ସରକାରୀ ପରିସଂଖ୍ୟାନରୁ ଜଣାଯାଏ । ଏହି ଆଦିମ ଜଗଗୋଷ୍ଠୀଙ୍କ ମୂଳ ବସତି ହେଉଛି ମଧ୍ୟ ପ୍ରଦେଶର ବସ୍ତର ଅଞ୍ଚଳ । ଆଦିମ ମଣିଷ ଯେତେବେଳେ ଯାଯାବର ଜୀବନଯାପନ କରୁଥିଲା, ସେତେବେଳେ ସେ ଶିକାର ଓ ଖାଦ୍ୟ ଅନ୍ୱେଷଣ ନିମନ୍ତେ ଗୋଟିଏ ସ୍ଥାନରୁ ଅନ୍ୟଏକ ସ୍ଥାନକୁ ତା'ର ବସତି ସ୍ଥାନାନ୍ତରିତ ହେଉଥିଲା । ପରବର୍ତ୍ତୀ କାଳରେ ଶିକାର ଓ କୃଷିକୁ ଦୃଷ୍ଟିରେ ରଖି ସେ ଘଞ୍ଚ ଜଙ୍ଗଲ ଓ ନଦୀ ଅବବାହିକାମାନଙ୍କରେ ସ୍ଥାୟୀ ବସତିସ୍ଥାପନ କରିଥିଲା । ଏହି ଧାରାରେ ଧାରୁଆମାନେ ଖାଦ୍ୟ ଅନ୍ୱେଷଣରେ ମଧ୍ୟପ୍ରଦେଶରୁ ଆସି ଅବିଭକ୍ତ କୋରାପୁଟ ଜିଲ୍ଲାର ଘଞ୍ଚ ବଣ ପାହାଡ଼ିଆ ଦୁର୍ଗମ ଅଞ୍ଚଳ ଓ ନଦୀ ଅବବାହିକାଗୁଡ଼ିକରେ ବସତି ସ୍ଥାପନ କରିଥିବା ଜଣାଯାଏ । ଅବିଭକ୍ତ କୋରାପୁଟ ଜିଲ୍ଲାର ଧାରୁଆମାନେ ମୁଖ୍ୟତଃ କୋଲାବ ଓ କୁରୁଲୁ ନଦୀ ଅବବାହିକାର ଘଞ୍ଚ ଜଙ୍ଗଲରେ ସେମାନଙ୍କ ବସତି ସ୍ଥାପନ କରିଥିବା ବେଳେ ମାଲକାନଗିରି ଜିଲ୍ଲାର ଧାରୁଆମାନେ ସପ୍ତଧାରା, ସେଲୁରୁ ପ୍ରଭୃତି ନଦୀ ଅବବାହିକାର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ବସବାସ କରି ଆସୁଛନ୍ତି ।

## ସାମାଜିକ ଚଳଣି :

ବେଶଭୂଷା- ଅଧିକାଂଶ ଧାରୁଆଙ୍କ କେଶ କୁଞ୍ଚୁକୁଞ୍ଚୁଆ । ଉଚ୍ଚତା ମଧ୍ୟମ ଧରଣର ଓ ଦେହର ରଙ୍ଗ ଶ୍ୟାମଳ । ନିଗ୍ରୋମାନଙ୍କ ଶାରୀରିକ ଗଠନ ସହ ଏମାନଙ୍କ ସାମଞ୍ଜସ୍ୟ ରହିଥିବା ଅନୁମାନ କରାଯାଏ । ଦୁର୍ଗମ ଅଞ୍ଚଳରେ ରହିଥିବା ଧାରୁଆ ପୁରୁଷମାନେ କୌପୁନି ମାରିଥାନ୍ତି । କେତେକ ଗାମୁଛା, ଧୋତି, ଲୁଙ୍ଗି ଓ କାମିଜ ପିନ୍ଧିଥାନ୍ତି । କିନ୍ତୁ ଗମନାଗମନ ସୁବିଧାଥିବା ଗ୍ରାମମାନଙ୍କରେ ବାସ କରୁଥିବା ଧାରୁଆମାନେ ଧୋତି, ଗଞ୍ଜି, ଲୁଙ୍ଗି, ଗାମୁଛା, କାମିଜ ପ୍ରଭୃତି ପରିଧାନ କରିଥାନ୍ତି । ଧାରୁଆ ରମଣୀମାନେ ପାଚା (କଳା ଧାଡ଼ିପଡ଼ିଥିବା ଧଳାଲୁଗାକୁ ଆଣ୍ଠୁ ଉପରୁ ଗୁଡ଼େଇ ବାମକାନ୍ଧ ଉପରେ ଗଣ୍ଠି ପକାଇ ପିନ୍ଧିଥାନ୍ତି । କେତେକ ଧାରୁଆ ପୁରୁଷ ଲମ୍ବା କେଶ ରଖିବା ଓ ନାକକାନରେ ପାତି (କଳା), ଗୁଣା ପିନ୍ଧିଥିବା ଲକ୍ଷ୍ୟ କରାଯାଏ । ଧାରୁଆ ରମଣୀମାନଙ୍କର ବସ୍ତ୍ର ପରିଧାନ,

କେଶବିନ୍ୟାସ ଓ ଅଳଙ୍କାରରେ ସ୍ୱାତନ୍ତ୍ର୍ୟ ରହିଛି । ଏମାନେ କାନରେ ପାତି (କାନଫୁଲ), ଫୁଲି (ଗୁଣା), ନାକରେ ଦଣ୍ଡି ଓ ଲବଙ୍ଗକଡ଼ି, ବେକରେ ଲୁହା ଓ ଆଲୁମିନିୟମର ଖାଗଲା (ବଳା) ବାଉଁଶମାଳି, ଏତକାନ୍ଧି (କଳା ଓ ନାଲି ରଙ୍ଗର ପୋହଳା ମାଳି) ହାତରେ ବାତ୍‌କୁଲ୍ (ଚୁଡ଼ି) ଓ ଖଡୁ, ଗୋଡ଼ରେ ଖଏଡି (ଖଡୁ) ପଅଁରୀ (ପାଉଁଜି) ପିନ୍ଧିଥାନ୍ତି । ମୁଣ୍ଡର କେଶକୁ ଜଡ଼ାତେଲ ଲଗାଇ ଖୋସାବାନ୍ଧି ସେଥିରେ କୋଶକଣ୍ଟା, ବଣଫୁଲ ଓ କାଠପାନିଆ ଖୋସିଥାନ୍ତି । ଅନ୍ୟାନ୍ୟ ଆଦିବାସୀଙ୍କ ପରି ଧାରୁଆ ପୁରୁଷ ଓ ସ୍ତ୍ରୀ ଉଭୟେ ଶରୀରର ବିଭିନ୍ନ ଅଙ୍ଗରେ ଚିତା କୁଟାଇବା ଦୃଷ୍ଟି ଗୋଚର ହୋଇଥାଏ । ବିଶେଷକରି ଧାରୁଆ ରମଣୀମାନେ ଶରୀରର ବିଭିନ୍ନ ଅଙ୍ଗ ଯଥା- ହାତ, ବାହୁ, କପାଳ, ଗାଲ, ବକ୍ଷ ପ୍ରଭୃତିରେ ଚିତା କୁଟାଇଥାନ୍ତି । ଏମାନଙ୍କ ଦୃଢ଼ ବିଶ୍ୱାସଯେ, ଚିତା କୁଟାଇଥବା ଲୋକର ମୃତ୍ୟୁପରେ ଯମଦଣ୍ଡ ଆଉ ନଥାଏ । ଏମାନଙ୍କ ପୁରୁଷମାନେ ଅଣ୍ଟାରେ ଛୁରୀ, କାନ୍ଧରେ ଧନୁଶର ଓ ଟାଙ୍ଗିଆ ସହ ଦଳଦଳ ହୋଇ ବଣଜଙ୍ଗଲରେ ବୁଲୁଥିବା ଦେଖାଯାନ୍ତି ।

ଗୃହସଜ୍ଜା- ଧାରୁଆ ଗ୍ରାମରେ ଗୃହମାନ ପରସ୍ପର ଛାଡ଼ିଛାଡ଼ି ହୋଇ ରହିଥାଏ । କେତେକ ଗ୍ରାମରେ କେବଳ ଧାରୁଆ ସଂପ୍ରଦାୟ ରହିଥିବା ବେଳେ ଅନ୍ୟ କେତେକ ଗ୍ରାମରେ ଏମାନଙ୍କସହ କମାର, ଗୌଡ଼ ଓ ହରିଜନ ଲୋକ ମିଶି ରହିଥାନ୍ତି । ଏମାନଙ୍କ ଝାଟିମାଟିର କ୍ଷୁଦ୍ର କୁଡ଼ିଆଘରର ଚଟାଣକୁ କଳାମାଟି ଓ ଗୋବରରେ ଭଲ ଭାବେ ଲିପି ସେଥିରେ ରଙ୍ଗମାଟିର ଧାର ଆଙ୍କିଥାନ୍ତି । ଘରର କାନ୍ଥକୁ ଧଳାମାଟିରେ ଲିପି ସେଥିରେ ବିଭିନ୍ନ ପଶୁପକ୍ଷୀ, ବୃକ୍ଷଲତା ଓ ଅନ୍ୟାନ୍ୟ ବର୍ଗାକାର ଓ ଆୟତାକାରର ଚିତ୍ର ଓ ଝୋଟି ଅଙ୍କନ କରିଥାନ୍ତି । ଏମାନେ ବାଉଁଶକାମରେ ଧୂରୀଣ ହୋଇଥିବାରୁ ଘର ଚାରିପଟେ ବାଉଁଶର ସୁନ୍ଦର ଓ ମଜଭୁତ ବାଡ଼ ଦେଇଥିବା ଦୃଷ୍ଟିଗୋଚର ହୁଏ । ଏମାନଙ୍କ ବେଶଭୂଷା, ଗୃହସଜ୍ଜା ଓ ଚିତାକୁଟା ପ୍ରଭୃତିରୁ କଳା ପ୍ରବଣତାର ପରିଚୟ ମିଳିଥାଏ ।

ଖାଦ୍ୟପେୟ ଓ ଜୀବିକା– ଧାରୁଆମାନେ କଠିନ ପରିଶ୍ରମୀ । ଏମାନଙ୍କ ଉଭୟ ପୁରୁଷ ଓ ସ୍ତ୍ରୀ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କୃଷିକାର୍ଯ୍ୟ, ଶିକାର, ବାଉଁଶରେ ବିଭିନ୍ନ ସାମଗ୍ରୀ ବୁଣିବା ଓ ଜଙ୍ଗଲରୁ ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରିବାରେ ବ୍ୟସ୍ତ ରହିଥାନ୍ତି । ଏମାନଙ୍କ ସଂପ୍ରଦାୟରେ ୧୫%ରୁ କମ୍ ସାକ୍ଷର ହେତୁ ଏହି ନିରକ୍ଷର ସଂପ୍ରଦାୟ ଆଧୁନିକ କୃଷିପ୍ରଣାଳୀ ଓ ସରକାରଙ୍କ ବିଭିନ୍ନ ଯୋଜନାରୁ ଲାଭବାନ ହେବା ସମ୍ଭବ ହୋଇନାହିଁ । ପାହାଡ଼ତଳି ଅଞ୍ଚଳରେ ଥିବା ଧାରୁଆମାନେ ପୋଡୁଚାଷ କରୁଥିବା ଦେଖାଯାଏ । ନିଜର ପାରମ୍ପରିକ ଚାଷପ୍ରଣାଳୀରେ ଏମାନେ ଧାନ, ମାଣ୍ଡିଆ, ସୁଆଁ, କାନ୍ଦୁଲ, ମକା, ହଳଦି, ବିରି ପ୍ରଭୃତି ଶସ୍ୟ ଓ ବିଭିନ୍ନ ପନିପରିବା ମଧ୍ୟ ଚାଷ କରିଥାନ୍ତି । ଏମାନେ ଜଙ୍ଗଲରୁ ବିଭିନ୍ନ କନ୍ଦା ଯଥା– ପିଟକନ୍ଦା, ସରନ୍ଦାକନ୍ଦା ପ୍ରଭୃତି ଖୋଳି ଆଣି ସେଗୁଡ଼ିକୁ ସିଝାଇ ଖାଦ୍ୟରୂପେ ବ୍ୟବହାର କରିଥାନ୍ତି । ଆମ୍ବ ଦିନେ ଆମ୍ବ ଖାଇ ଏହାର କୋଇଲିକୁ ଶୁଖାଇ ରଖି ଖାଦ୍ୟାଭାବ ସମୟରେ ଖାଇଥାନ୍ତି । ଜଙ୍ଗଲରୁ କରଡ଼ି, ଛତୁ, କାଇ (ଧଳା ପିମ୍ପୁଡ଼ି), ମହୁଲଫୁଲ, ଫଳ, ସଂଗ୍ରହ କରି ଖାଦ୍ୟରୂପେ ବ୍ୟବହାର କରିଥାନ୍ତି । ଏତଦ୍‌ବ୍ୟତୀତ କରଞ୍ଜମଂଜି, ଶାଳମଂଜି, ମହୁଲଫୁଲ, ଝୁଣା, ଶାଳପତ୍ର, ଶିଆଡ଼ିପତ୍ର, କେନ୍ଦୁପତ୍ର, କାଠ, ବାଉଁଶ, ଲଇ ପ୍ରଭୃତି ସଂଗ୍ରହ କରି ନିକଟବର୍ତ୍ତୀ ବଜାରରେ ବିକ୍ରିକରି ଜୀବିକା ନିର୍ବାହ କରିଥାନ୍ତି । ଏମାନଙ୍କ ଦୈନନ୍ଦିନ ଖାଦ୍ୟ ହେଉଛି ମାଣ୍ଡିଆରେ ତିଆରିପେଜ, ଚୂନାଗୋଳା ତରକାରୀ, ଶାଗଘାଣ୍ଟ, ଆମଟ (ତେନ୍ତୁଳି ଓ ଚାଉଳଚୂନାରେ ରନ୍ଧା ଖଟା) । ଏମାନେ ଜଙ୍ଗଲରୁ ଗୟଳ, ବାରହା, ସମ୍ବର, ଜିଆଦ, ହରିଣ, କୁଟ୍ରା, ଝିଙ୍କ, ମୟୁର, ଭାଲୁ, ମାଙ୍କଡ଼, ମୂଷା, ସାପ, ଏଣ୍ଡୁଅ, ଗୋଧି ଓ ବେଙ୍ଗ ଶିକାର କରି ଖାଇଥାନ୍ତି । ନଦୀରୁ ମାଛ ଧରି ଓ ବାଉଁଶରେ ଡାଟି, ଟାଙ୍ଗୁଡ଼ି, କୁଲା, ଡାଲା ପ୍ରଭୃତି ବୁଣି କିଛି ଅର୍ଥ ଉପାର୍ଜନ କରିଥାନ୍ତି ।

ବଂଶ / ଗୋତ୍ର– ଆଦିବାସୀମାନେ କେତେକ ମୂଳବର୍ଗରୁ ବିଭିନ୍ନ ଉପବର୍ଗ ବା ଗୋଷ୍ଠୀରେ ବିଭକ୍ତ ହୋଇଥିବାରୁ ବିଭିନ୍ନ ଆଦିବାସୀଙ୍କ ବଂଶ ବା ଗୋତ୍ରରେ ସାମଞ୍ଜସ୍ୟ ରହିଥାଏ । ଧାରୁଆମାନେ ନିଜବଂଶ ବା ଗୋତ୍ର ସଂକେତ ଭାବେ

ନାଗ, ବାଘ, କୁମ୍ଭୀର, ହରିଣ, ଛେଳି, କଇଁଚ, ଛଞ୍ଚାଣ ଓ ହସ୍ତୀ ପ୍ରଭୃତି ଜୀବଜନ୍ତୁଙ୍କୁ ଗ୍ରହଣ କରିଥାନ୍ତି । ଏମାନେ ନିଜ ଗୋତ୍ରର ଜୀବଜନ୍ତୁଙ୍କୁ ହତ୍ୟା କିମ୍ବା ଆଘାତ ନକରି ବିଭିନ୍ନ ପର୍ବପର୍ବାଣୀରେ ପୂଜା କରିଥାନ୍ତି । ଅଧିକାଂଶ ଧାରୁଆ ଗ୍ରାମରେ କେବଳ ଏକବଂଶ ବା ଗୋତ୍ରର ଲୋକ ବାସ କରିଆସୁଥିବା ଲକ୍ଷ୍ୟ କରାଯାଏ ।

ଭାଷା- ଅବିଭକ୍ତ କୋରାପୁଟ ଜିଲ୍ଲାରେ ବାସ କରୁଥିବା ଧାରୁଆମାନେ ଦୁଇ ଭିନ୍ନ ଭାଷାଗୋଷ୍ଠୀରେ ବିଭକ୍ତ । କୁନ୍ଦ୍ରା ଓ କୋଟପାଡ଼ ବ୍ଲକରେ ଥିବା ଧାରୁଆମାନେ କୋରାପୁଟର ସଂଯୋଜକଭାଷା 'ଦେଶିୟା' ବ୍ୟବହାର କରୁଥିବା ବେଳେ ବୈପାରୀଗୁଡ଼ା, ମାଥିଲି, କୋରକୁଣ୍ଡା ଓ ମାଲକାନାଗିରି ବ୍ଲକ୍‌ର ଧାରୁଆମାନେ ସେମାନଙ୍କ ନିଜସ୍ୱ ଦୁରୁଆ ପାଟାରେ (ଦୁରୁଆ ଭାଷା) ଭାବ ବିନିମୟ କରିଥାନ୍ତି । ସମଗ୍ର ଧାରୁଆ ଲୋକସଂଖ୍ୟାର ଅର୍ଦ୍ଧାଧିକ ଲୋକ ଯେଉଁ ଧାରୁଆ ଭାଷା ବ୍ୟବହାର କରନ୍ତି ତାହା ଦ୍ରାବିଡୀୟ ଭାଷା ପରିବାର ଅନ୍ତର୍ଗତ ଗଣ୍ଡିଭାଷାର ଏକ ଉପଭାଷା । ଏହି ଉପଭାଷାର ନିଜସ୍ୱ ଶବ୍ଦ ଅନ୍ୟାନ୍ୟ ଭାଷା ଅପେକ୍ଷା ସଳ୍ପ । ଏଥିରେ କୋୟା, ଗଣ୍ଡି, ଦେଶିୟା, ତେଲୁଗୁ, ଓଡ଼ିଆ, ଛତିଶଗଡ଼ି ପ୍ରଭୃତିର ଭାଷାର ବହୁଶବ୍ଦ ପ୍ରବେଶ କରିଥିବାରୁ ଧାରୁଆ ଭାଷାକୁ ଏକ ମିଶ୍ରିତ ଭାଷା ବୋଲି କୁହାଯାଇପାରେ । ଉଦାହରଣ ସ୍ୱରୂପ ନିମ୍ନରେ କେତୋଟି ଧାରୁଆଶବ୍ଦ ଓ ଓଡ଼ିଆ ଅର୍ଥ ଦିଆଗଲା ।

| ଓଡ଼ିଆ | ଧାରୁଆ |
|---|---|
| ଭାଷା | ପାଟା |
| ବାପା | ବୁଆ |
| ମାଆ | ଇଆ |
| ଭାଇ | ଦାଦା |
| ଭଉଣୀ | ବାଈ |
| ମାମୁଁ | ମାମା |

| | |
|---|---|
| ମାଇଁ | ଆନ୍ନା |
| କକା | ଦାଦି |
| ଖୁଡ଼ି | ଆନ୍ନା |
| ପିଉସୀ | ଆନ୍ନା |
| ଭଣଢା | ବାସା |
| ଶାଶୁ | ଆନ୍ନା |
| ଯୁବକ | ଗିଲେନୁକୁଲ |
| ଯୁବତୀ | ଗିଲେ |
| ଆମ୍ବ | ମେତି |
| ଧାନ | ବେଟିଲ |
| ଚାଉଳ | ଚଟକୁଲ |
| ପାଣି | ନିରୁ |
| ନିଆଁ | ପିଚୁ |
| ଲୁଣ | ଚୁପୁ |
| କୁକୁର | ନେଟା |
| ଛେଳି | ମେଁବା |
| ମେଣ୍ଢା | କାରରୁ |
| ଗାଈ | ଗାଈ |
| ମଇଁଷି | ଚିରରୁ |
| ଗୁଣ୍ଡା | ପେପଲ୍ ବାତକୁଲ |
| ମାଛି | ଏତକାନ୍ଦି |
| ଚୁଡ଼ି | ବାତସୁଲ |
| ପାହୁଡ଼ | ପାଏଡ଼ି |

| | |
|---|---|
| ମୁଦି | ବାତକୁଲ, ଚୁଡୁଙ୍ଗ |
| ଖଡୁ | ସିଡୁ |
| ହାତଘଣ୍ଟା | ଗେଡ଼ି |
| ଘୁଷୁରୀ | ବରିଆ |
| ପିଆଜ | ଉଲି |
| ରସୁଣ | କାରିଆ |
| କାଠ | ଦାରୁ |
| ବିବାହ | ସୁସା |
| କହିବା | ଫକ୍ |
| ଲୁଗା | ପଚ୍ଛା |
| ଦିସାରୀ | ଫେଲାତ୍ |
| ଗାଁ ନାୟକ | ନାଇକା |
| ମୁଁ | ଆମ୍ |
| ସେ | ଆବ୍ |
| ତୁମେ | ଇମ୍ |
| ତୁମେ ଯାଅ | ଇମ୍‌ସେଲୁରବେ |
| ମୁ ଯିବି | ଆମ ଚେଣ୍ଡାଣବେ |
| ସେଯିବ | ଆବ୍ ଚେଣ୍ଡାଣ |
| ଭାତ ଖାଇବି | ବେ ତିଣ୍ଡାଣ |

ମୋଟ ଧାରୁଆ ଜନସଂଖ୍ୟାର ଅର୍ଦ୍ଧାଧିକ ନିଜସ୍ୱ ଧାରୁଆଭାଷା ଭୁଲି ସ୍ଥାନୀୟ ସଂଯୋଜକ ଭାଷା ଦେଶିଆକୁ ଆପଣେଇ ନେଲେଣି । ଅବଶିଷ୍ଟ ନିଜସ୍ୱ ଭାଷା କେବଳ ଜାଣିଥାନ୍ତି, ଏମାନଙ୍କ ମଧ୍ୟରୁ କ୍ୱଚିତ୍ 'ଦେଶିଆ' ଭାଷାରେ ଅନ୍ୟମାନଙ୍କ ସହ ଭାବ ବିନିମୟ କରୁଥିବା ଦୃଷ୍ଟିଗୋଚର ହୁଏ ।

ପରିବାର ଓ ଗ୍ରାମଶାସନ ବ୍ୟବସ୍ଥା- ଧୁରୁଆଙ୍କ ପାରିବାରିକ ଓ ଗ୍ରାମ ଶାସନ ବ୍ୟବସ୍ଥା ଅତ୍ୟନ୍ତ ଶୃଙ୍ଖଳିତ ଓ ସୁସଂହତ । ଅନ୍ୟାନ୍ୟ ଆଦିମ ଜନଗୋଷ୍ଠୀଙ୍କ ପରି ଏମାନଙ୍କ ସାମାଜିକ ଜୀବନ ଅତୀତରୁ ଚଳିଆସୁଥିବା ପ୍ରାଚୀନ ପ୍ରଥା ଓ ପରମ୍ପରା ଦ୍ୱାରା ପରିଚାଳିତ । ଏମାନଙ୍କ ପରିବାରର ମୁଖ୍ୟ ଭାବେ ପୁରୁଷ ମାନ୍ୟତା ପାଇଥିଲେ ହେଁ ଧାରୁଆ ନାରୀର ସାମାଜିକ ମର୍ଯ୍ୟାଦା ଓ ଭୂମିକା ଅନସ୍ୱୀକାର୍ଯ୍ୟ । ସମାଜରେ ଉଭୟେ ପୁରୁଷ ଓ ନାରୀ ସମାନ ଅଧିକାର ପାଇଥାନ୍ତି । ପରିବାରର ଆର୍ଥିକ ଉନ୍ନତିରେ ପୁରୁଷ ଅପେକ୍ଷା ନାରୀ ଅଧିକ ଶ୍ରମଦାନ କରିଥାଏ । ଏମାନେ ଗୃହ ପରିଚାଳନା ସହ କୃଷିକାର୍ଯ୍ୟ, ଜଙ୍ଗଲରୁ ବିଭିନ୍ନ ଦ୍ରବ୍ୟ ସଂଗ୍ରହ ଓ ବିଭିନ୍ନ ମଜୁରୀ ଲାଗି ପରିବାର ଚଳାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଧାରୁଆନାରୀ ଅତ୍ୟନ୍ତ ରକ୍ଷଣଶୀଳ ହେଲେ ହେଁ ସେମାନଙ୍କ ପରିବାର ଓ ପରିଧିମଧ୍ୟରେ ଅଧିକ ଚଳଚଞ୍ଚଳ ଓ କର୍ମତତ୍ପର ।

ପ୍ରତ୍ୟେକ ଧାରୁଆ ଗ୍ରାମରେ ଗ୍ରାମର ମୁଖ୍ୟଭାବେ 'ନାଇକା' ବା ନାୟକମାନେ ରହିଥାନ୍ତି । ଏମାନେ ଗ୍ରାମଶାସନ ବ୍ୟବସ୍ଥାକୁ ପରିଚାଳନା ଓ ନିୟନ୍ତ୍ରଣ କରିଥାନ୍ତି । ଗ୍ରାମ ନାୟକ ସଭା ଡକାଇ ଲୋକମାନଙ୍କ ମଧ୍ୟରେ ଗଣ୍ଡଗୋଳ, କଳିକଜିଆ, ଉଦ୍‌ଲିଆ ବିବାହ ପ୍ରଭୃତିର ସମାଧାନ କରିଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ପର୍ବପର୍ବାଣି, ଚାଷକାର୍ଯ୍ୟ, ଗ୍ରାମ ସଫେଇ, ଗ୍ରାମର ଭଲମନ୍ଦ କଥା ଆଦି ସଂପର୍କରେ ଆଲୋଚନା କରିଥାଏ । ଦଶ/ପନ୍ଦରଟି ଧାରୁଆଗ୍ରାମକୁ ନେଇ 'କୁଂଢା' ବା 'ଖଣ୍ଡ' ଗଠିତ । ଏହାର ମୁଖ୍ୟଭାବେ ଭାତନାୟକ ବା ବଡ଼ନାୟକ ଗ୍ରାମମୁଖ୍ୟଙ୍କ ଅମୀମାଂସିତ ବିଷୟସବୁର ସମାଧାନ ନାୟକସଭା ଡକାଇ କରିଥାଏ । ଏହାଙ୍କ ନିଷ୍ପତ୍ତି ଚୂଡ଼ାନ୍ତ । ଗ୍ରାମନାୟକ ଓ ବଡ଼ନାୟକ ଦୋଷୀଙ୍କୁ ଅର୍ଥଦଣ୍ଡ, ନିଆଁପାଣି ମନା ତଥା ବାଛନ୍ଦ କରିବା କ୍ଷମତା ପାଇଥାନ୍ତି । ଗ୍ରାମନାୟକଙ୍କୁ ସହଯୋଗ କରିବାପାଇଁ ପ୍ରତ୍ୟେକ ଗ୍ରାମରେ ଚଲାନ, ବାରିକ ବା ଗାଣ୍ଡାମାନେ ପରଂପରା କ୍ରମେ ରହିଥାନ୍ତି । ପ୍ରତ୍ୟେକ ଗ୍ରାମରେ ସର୍ବସାଧାରଣଙ୍କ ମିଳନପୀଠ ଭାବେ ମେଲାଣଘରମାନ ରହିଥାଏ । ଏଠାରେ ଗ୍ରାମବାସୀମାନେ

ବସି ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥାନ୍ତି । ଏମାନଙ୍କ ଅବିବାହିତ ଯୁବକ ଯୁବତୀଙ୍କ ରାତ୍ରି ଯାପନ ନିମନ୍ତେ ଯେଉଁ ଗୃହଟି ପ୍ରତ୍ୟେକ ଗ୍ରାମରେ ରହିଥାଏ ତାହା ମାଡ଼ିଆନି କୁଡ଼ିଆଡି ବା ଧାଙ୍ଗଡ଼ା ଧାଙ୍ଗଡ଼ୀ ବସା ଭାବେ ପରିଚିତ । ଏଠାରେ ଦୁରୁଆ ଯୁବକ ଯୁବତୀମାନେ ସନ୍ଧ୍ୟାହେଲେ ସମବେତ ହୋଇ ବିଭିନ୍ନ ଖେଳକୁଦ, ନୃତ୍ୟଗୀତ ମଉଜ ମଜଲିସ କରି ଆନନ୍ଦଲାଭ କରିଥାନ୍ତି । ଏହି ଯୁବଅନୁଷ୍ଠାନ ଧାରୁଆମାନଙ୍କ ପାରଂପରିକ ନୃତ୍ୟଗୀତ, ଲୋକାଚାର କୁଳାଚାର, ଅତିଥିସେବା, ନୀତିନିୟମ, ଯୌନଜୀବନର ଶୃଙ୍ଖଳା ପ୍ରଭୃତିର ଶିକ୍ଷାକେନ୍ଦ୍ର ରୂପେ କାର୍ଯ୍ୟ କରିଥାଏ । ନିଜ ପ୍ରଥା ପରଂପରା ଓ କଳାତ୍ମକ ଅଭିରୁଚି ସଂପର୍କରେ ଗ୍ରାମର ବୟସ୍କମାନେ ଯୁବ ଗୋଷ୍ଠୀଙ୍କୁ ଏହି କେନ୍ଦ୍ରମାଧ୍ୟମରେ ମାର୍ଗଦର୍ଶନ କରିଥାନ୍ତି । ଅନ୍ୟଗ୍ରାମରୁ ଯୁବକଯୁବତୀମାନେ ବିଭିନ୍ନ ଉତ୍ସବ ଓ ପର୍ବପର୍ବାଣି ଅବସରରେ ଗ୍ରାମକୁ ଆସି ଏହି ଯୁବ ଅନୁଷ୍ଠାନରେ ନୃତ୍ୟଗୀତ ଓ ଖେଳକୁଦ କରି ରାତ୍ରି ଯାପନ କରିବା ଫଳରେ ନିଜ ମନଲାଖି ଜୀବନସାଥି ବାଛିବାର ସୁଯୋଗ ପାଇଥାନ୍ତି । ଏମାନଙ୍କ ଧାଙ୍ଗଡ଼ା ଧାଙ୍ଗଡୀ ବସା ପାରଂପରିକ କଳା ଓ ରୀତିନୀତି ଶିକ୍ଷାଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

ଗୋଷ୍ଠୀଜୀବନ– ଦୁରୁଆମାନଙ୍କ ସାମାଜିକ ଜୀବନ ଗୋଷ୍ଠୀଗତ । ଏମାନେ ପ୍ରତ୍ୟେକ କାର୍ଯ୍ୟ ସାମୂହିକ ଭାବେ ପାଳନ କରିଥାନ୍ତି । ଗ୍ରାମର ଲୋକଙ୍କ ଏକତା, ଭାତୃତ୍ୱ, ପରସ୍ପର ମଧ୍ୟର ସାହାଯ୍ୟ ସହଯୋଗ ପରମ ଆତ୍ମୀୟତା, ବୟୋଜ୍ୟେଷ୍ଠମାନଙ୍କ ପ୍ରତି ଭକ୍ତି ଓ ସମ୍ମାନ, ଜଣେ ବ୍ୟକ୍ତିର ସମ୍ମାନ ଓ ମର୍ଯ୍ୟାଦାକୁ ସମଗ୍ର ଗ୍ରାମର ବୋଲି ବିଚାର କରିବା ଆଦି ସଦ୍‌ଗୁଣାବଳୀ ଦୁରୁଆ ସାମାଜିକ ଜୀବନର ବୈଶିଷ୍ଟ୍ୟ । ଧାରୁଆ ଗ୍ରାମରେ କାହାର ସନ୍ତାନଟିଏ ଜନ୍ମ ହେଲେ, କାହାର ନିର୍ବନ୍ଧ, ବିବାହ କିମ୍ବା କୌଣସି ଲୋକ ମୃତ୍ୟୁବରଣ କଲେ ସମସ୍ତେ ମିଳିତ ହୋଇ ସୁଖଦୁଃଖରେ ଭାଗୀଦାର ହେବା ଲକ୍ଷ୍ୟ କରିବାକଥା । ଏମାନଙ୍କ ପ୍ରତ୍ୟେକ ଉତ୍ସବ ଓ ପର୍ବରେ ଗ୍ରାମର ପ୍ରତ୍ୟେକ ଘରୁ ଲୋକଙ୍କ ଯୋଗଦାନ ଏକତା, ସଂହତି ଓ ସଂପ୍ରୀତିର ପରିଚୟ ମିଳିଥାଏ । ଗ୍ରାମର କାହା ଘରେ କୌଣସି ଉତ୍ସବ ହେଲେ ସାମର୍ଥ୍ୟ ଅନୁଯାୟୀ କିଛି ଚାଉଳ, ପଇସା ଓ ପନିପରିବା

ଧରି ଯୋଗ ଦେଇଥାନ୍ତି । କାଠସଂଗ୍ରହ ଠାରୁ ଭୋଜିରେ ଖାଦ୍ୟ ପରିବେଷଣ ପ୍ରଭୃତି କାମ ଗ୍ରାମବାସୀମାନେ ପରସ୍ପର ବାଣ୍ଟି ନେଇଥାନ୍ତି ।

ସନ୍ତାନଜନ୍ମ- ଧାରୁଆ ସମାଜରେ ସନ୍ତାନଟିଏ ଜନ୍ମହେଲେ ଗ୍ରାମର 'ବମଲିଡକରୀ' (ବୟସ୍କାଧାଈ)କୁ ଡାକିଥାନ୍ତି । ଯଦି ସନ୍ତାନଟି କନ୍ୟା ହୋଇଥାଏ ତେବେ ତା'ର ନାଭିଟିକୁ କଟୁରୀରେ ଓ ପୁତ୍ର ହୋଇଥିଲେ ଶର (ତୀର)ରେ କଟା କରାଯାଏ । ନିଜ ଘର ଅଗଣାରେ କଟାଯାଇଥିବା ନାଭିଟିକୁ ପୋତାଯାଏ । ସନ୍ତାନଜନ୍ମର ନଅ ଦିନରେ ନାମକରଣ ଉତ୍ସବ ହୋଇଥାଏ । ଦିସାରୀ ନାଭିଟି ପୋତାଯାଇଥିବା ସ୍ଥାନରେ କୁକୁଡ଼ା ବଳି ଦେଇ ପୂଜା କରିଥାଏ । ଧାରୁଆମାନଙ୍କ ବିଶ୍ୱାସଯେ, ନିଜ ପୂର୍ବପୁରୁଷମାନେ ସନ୍ତାନ ସନ୍ତତିଭାବେ ପୁନର୍ଜନ୍ମ ନେଇଥାନ୍ତି । ଏଣୁ ଏମାନେ ନିଜ ପୂର୍ବପୁରୁଷଙ୍କ ନାମାନୁସାରେ ନିଜ ସନ୍ତାନ ସନ୍ତତିଙ୍କ ନାମ କରଣ କରୁଥିବା ଜଣାଯାଏ । ସନ୍ତାନ ଜନ୍ମର ନବମଦିନ ଦିସାରୀ କୁକୁଡ଼ା ବଳି ଦେଇ ପୂଜା କରିଥାଏ । ସନ୍ତାନଟି ଉପରେ ଚାଉଳ ପକାଇ ସୁସ୍ଥ ରହିବାପାଇଁ ଦେବାଦେବୀଙ୍କୁ ପ୍ରାର୍ଥନା କରେ । କୁକୁଡ଼ାଟିକୁ ପୂର୍ବ ପୁରୁଷଙ୍କ ଜଣ ଜଣ କରି ନାମ ଧରି ଚାଉଳ ଖାଇବାକୁ ଦିଅନ୍ତି । ପରିବାରର ଯେଉଁ ମୃତବ୍ୟକ୍ତିର ନାମ ଉଚ୍ଚାରଣ ବେଳେ କୁକୁଡ଼ାଟି ଚାଉଳ ଖୁମ୍ପେ ସନ୍ତାନଟିକୁ ସେଇ ବ୍ୟକ୍ତିର ନାମରେ ଡାକିଥାନ୍ତି । ନିଜର ବନ୍ଧୁ ବାନ୍ଧବଙ୍କୁ ଡାକି ମଦମାଂସରେ ଭୋଜିକରି ନୃତ୍ୟଗୀତରେ ଉତ୍ସବଟି ପାଳନ କରିଥାନ୍ତି ।

କନ୍ୟା ରଜବତୀ- ଧାରୁଆ ସଂପ୍ରଦାୟରେ କନ୍ୟାଟି ପ୍ରଥମକରି ରଜବତୀ ହେଲେ ଯୁକତମାନ ହେଲା ବୋଲି କହନ୍ତି । ନଅଦିନ ପର୍ଯ୍ୟନ୍ତ କନ୍ୟାଟି ନିଜ ଘର କୋଣରେ ଲୁଚି ରହେ । ଉକ୍ତଦିନ ଦିସାରୀ ଆସି ଗୁଣ୍ଡୁରୀ ଚଢ଼େଇ ଓ କୁକୁଡ଼ା ଅଣ୍ଡାବଳି ଦେଇ ପୂଜାପାଠ କରେ । ଧାରୁଆ ସ୍ତ୍ରୀ ଲୋକମାନେ କନ୍ୟାଟିକୁ ନଦୀକୁ ନେଇ ମାଣ୍ଡିଆଚୁନା ଲଗାଇ ଗାଧୋଇ ଦିଅନ୍ତି । ଦଶ ଦିନପରେ କନ୍ୟାଟି ଶୁଦ୍ଧ ସ୍ନାନ କରିଥାଏ । ଏହି ଦିନ ଭୋଜିଭାତ ଓ ନୃତ୍ୟଗୀତରେ ସମସ୍ତେ ମଜଗୁଲ ହୋଇ ଆନନ୍ଦଲାଭ କରିଥାନ୍ତି ।

ବିବାହ ପରଂପରା- ଧାଙ୍ଗୁଆଙ୍କ ବିଭିନ୍ନ ବିବାହ ପ୍ରଥା ମଧ୍ୟରେ ଉଦ୍‌ଲିଆବିବାହ, ନିର୍ବନ୍ଧବିବାହ, ଘର ଜୋଇଁ ବିବାହ, ବିଧବାବିବାହ ଓ ପୁନଃବିବାହ ପ୍ରଥା ପ୍ରଚଳିତ । ଏମାନଙ୍କ ସମାଜରେ ବହୁଳଭାବେ ଉଦ୍‌ଲିଆ ବିବାହ ଅନୁଷ୍ଠିତ ହୋଇଥାଏ । ଏହାର କାରଣ ଧାଙ୍ଗୁଆ ସମାଜ ଯୁବକ ଯୁବତୀମାନଙ୍କୁ ନିଜମନଲାଖି ଜୀବନସାଥି ବାଛିବାର ଅବାଧ ସ୍ୱାଧୀନତା ଦେଇଥାନ୍ତି । ଏମାନେ ପିତାମାତାଙ୍କ ଜ୍ଞାତସାରରେ ସାପ୍ତାହିକହାଟ, ବିବାହ, ନାମକରଣ, ଦଶାହ ଆଦିସାମାଜିକ ଉତ୍ସବ ଓ ବିଭିନ୍ନ ଜାନିଯାତ୍ରାରେ ସମବେତ ହୋଇ ରାତିସାରା ବାହୁରେ ବାହୁଛନ୍ଦି ନୃତ୍ୟଗୀତରେ ନିଜ ନିଜକୁ ହଜାଇ ଦେଇଥାନ୍ତି । ମିଳାମିଶା ଓ ନୃତ୍ୟଗୀତ ମାଧ୍ୟମରେ ପରସ୍ପର ପରସ୍ପରଙ୍କୁ ଉତ୍ତମରୂପେ ଜାଣିବାର ସୁଯୋଗ ପାଇ ପ୍ରେମସଂପର୍କ ସ୍ଥାପନ କରିଥାନ୍ତି । ଯୁବକଟି ନିଜ ମନଲାଖି ଯୁବତୀଟିଏ ବାଛି 'ଉଦ୍‌ଲିଆ' ନେଇଯାଏ । ଉଭୟେ କିଛିଦିନ ଗ୍ରାମବାହାରେ ଜଙ୍ଗଲରେ କିମ୍ବା ନିଜ ବନ୍ଧୁ ବାନ୍ଧବଙ୍କ ଘରେ ରହି ସ୍ୱଗ୍ରାମକୁ ଫେରି ଆସନ୍ତି । ତା'ପରେ ବରପକ୍ଷ କନ୍ୟା ପକ୍ଷଙ୍କୁ 'ଝଲାବାଛା' ବା କନ୍ୟାସୁନା ସ୍ୱରୂପ ଟଙ୍କା, ଚାଉଳ, ଲୁଗା,ମଦ, କୁକୁଡ଼ା ଓ ଘୁଷୁରୀ ଦେଇ ବିବାହ ବନ୍ଧନରେ ଆବଦ୍ଧ ହୋଇ ସାମାଜିକ ସ୍ୱୀକୃତି ପାଇଥାଏ ।

ନିର୍ବନ୍ଧ ବିବାହରେ ବରର ବାପା, ବଡ଼ଭାଇ ଓ ମାମୁଁ କନ୍ୟାଘରକୁ ବିବାହ ପ୍ରସ୍ତାବ ନେଇ ଯାଆନ୍ତି । କନ୍ୟାପିତାଙ୍କୁ କହନ୍ତି ଯେ "ତୁମ ଘରେ ଗୋଟିଏ ସୁବାସିତ ଫୁଲ ଫୁଟିଛି ଆମ ପୁଅକୁ ଦେବକି ?" କନ୍ୟାପିତା ରାଜି ହେଲେ ଉଭୟଙ୍କ ମଧ୍ୟରେ ମଦ ଆଦାନପ୍ରଦାନ ହୁଏ ଓ ବିବାହ ସ୍ଥିରୀକୃତ ହୋଇଥାଏ । ଏହି ପ୍ରକାର ବିବାହରେ ବରପକ୍ଷ କନ୍ୟାପକ୍ଷକୁ ପୂର୍ବନିର୍ଦ୍ଧାରିତ କନ୍ୟାସୁନା ସ୍ୱରୂପ ପାଞ୍ଚପୁଟି ଧାନ, ଡାଣ୍ଡିଏ ମଦ ଓ ସଲପ, ମାଇଲୁଗା (କନ୍ୟାରପିତା ଓ ମାତାଙ୍କୁ ଲୁଗା) କନ୍ୟା ପାଇଁ ଲୁଗା ଜଲାବାସା ବା ବଦଳ, ଲିଆ ଡାଲାଏ ଓ ଘୁଷୁରୀଟିଏ ଦେବାକୁ ପଡ଼ିଥାଏ ।

ଘର ଜୋଇଁ ବିବାହ ପ୍ରଥାରେ ଆର୍ଥିକ ସ୍ୱଚ୍ଛଳ ନଥିବା ଯୁବକ କନ୍ୟାଘରେ କିଛି ଦିନ ରହିବା ପରେ ବିବାହ କାର୍ଯ୍ୟ ସଂପନ୍ନ ହୋଇଥାଏ । ଏହାପରେ ବର କନ୍ୟାଘରେ ସାରାଜୀବନ ରହି ଘରଟିର ସମସ୍ତ ଦାୟିତ୍ୱ ବହନ କରିଥାଏ । ସାଧାରଣତଃ କନ୍ୟାପିତା ଅପୁତ୍ରିକ ହୋଇଥିଲେ ଓ ବର 'ଝଲାଡାବୁ' ବା କନ୍ୟାସୁନା ଦେବାରେ ଅସମର୍ଥ ହେଲେ ଘର ଜୋଇଁ ବିବାହ ଅନୁଷ୍ଠିତ ହୋଇଥାଏ । ଘରଜୋଇଁ ଭାବେ କନ୍ୟାପକ୍ଷରୁ ମନୋନୀତ ଯୁବକଟି କନ୍ୟାଘରେ କିଛିବର୍ଷ ରହି ଚାଷବାସ ଓ ଘର ପରିଚାଳନା କାର୍ଯ୍ୟ କରିବାପରେ ବିବାହ କରିଥାଏ । ତାକୁ ଶ୍ୱଶୁରଘର ସଂପତ୍ତିର ତଦାରଖ ସାଙ୍ଗକୁ ଶାଶୁ ଶ୍ୱଶୁର ଓ ଅନ୍ୟମାନଙ୍କ ଯତ୍ନ ନେବାକୁ ପଡ଼ିଥାଏ ।

ବିଧବା ରମଣୀଟିଏ ଧାଗୁଆ ସମାଜରେ ପୁନଃବିବାହ କରିବା ସୁଯୋଗ ପାଇଥାଏ । ଏମାନଙ୍କ ସମାଜରେ ସ୍ୱାମୀର ମୃତ୍ୟୁପରେ ନିଜ ଦିଅର ସହ ବିଧବାର ବିବାହ ହୋଇଥାଏ । ଯଦି ମୃତ ସ୍ୱାମୀର କେହି ଛୋଟ ଭାଇ ନଥାନ୍ତି, ତେବେ ତାର ପସନ୍ଦ ମୁତାବକ ଅନ୍ୟକାହା ସହ ବିବାହ କରିବା ସ୍ୱାଧୀନତା ପାଇଥାଏ । ଧାଗୁଆ ବିଧବା ରମଣୀର ଏହି ବିବାହରେ କୌଣସି ଭୋଜିଭାତ ହୋଇନଥାଏ । କେବଳ ମଦ୍ୟପାନରେ ବିବାହ କାର୍ଯ୍ୟ ସଂପନ୍ନ ହୋଇଥାଏ । ଧାଗୁଆ ସମାଜରେ ଦିଅର ନିଜ ବିଧବା ଭାଉଜଙ୍କୁ ବିବାହ କରିବାର କାରଣ ଅନୁସନ୍ଧାନରୁ ଜଣାଯାଏ ଯେ, ଘରର ବୋହୂଟିକୁ ଅନ୍ୟକାହା ଘରକୁ ଯିବାପାଇଁ ନଦେବା ।

ପୁନଃ ବିବାହ ବା ଛାଡ଼ପତ୍ର ବିବାହ- ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ, କଳହ ଲାଗି ରହିଲେ, ଉଭୟଙ୍କ ମଧ୍ୟରୁ କେହି ଯଦି ଦୁରାରୋଗରେ ଆକ୍ରାନ୍ତ ହେଲେ କିମ୍ବା ଅନ୍ୟକାହାସହ ଦୈହିକ ସଂପର୍କ ରଖିବା ଜଣାପଡ଼ିଲେ ଛାଡ଼ପତ୍ର ଦେବା ଜଣାଯାଏ । ଧାଗୁଆଙ୍କ 'ନାଇକା' ବା ନାୟକ ଗ୍ରାମସଭା ଡକାଇ ଛାଡ଼ପତ୍ର ସଂପର୍କରେ ନିଷ୍ପତ୍ତି ଗ୍ରହଣ କରିଥାନ୍ତି । ନାୟକଙ୍କ

ନିଷ୍ପତ୍ତି ଅନୁଯାୟୀ ସ୍ଥିରୀକୃତ ଟଙ୍କା 'ଗୁସାନି' (ଛାଡ଼ପତ୍ର ଟଙ୍କା) ବରପକ୍ଷ କନ୍ୟାପକ୍ଷକୁ ଦେବାକୁ ପଡ଼ିଥାଏ । ଛାଡ଼ପତ୍ର ପାଇଥିବା ସ୍ତ୍ରୀଟିର ପୂର୍ବସ୍ୱାମୀଙ୍କୁ ପୁନଃବିବାହ କରିଥିବା ପୁରୁଷ କିଛି ଟଙ୍କା ଦେଇ ଅନୁମତି ମାଗିଥାଏ ।

ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟଙ୍କ ଅନୁରୂପ ଧାରୁଆଙ୍କ ସମଗୋତ୍ରୀୟ ବିବାହ ନିଷେଧ ରହିଛି । ଏମାନଙ୍କ ପ୍ରଚଳିତ ପ୍ରବାଦ ଅନୁଯାୟୀ 'ମାମା ଝି ଗୁଡ଼୍ ଘି' ଅର୍ଥାତ୍ ମାମୁଁଝିଅ ଗୁଡ଼ ଘିଅ ପରି ଆଦରଣୀୟା । ଏଣୁ ଅଧିକାଂଶ କ୍ଷେତ୍ରରେ ମାମୁଁ ଝିଅ ସହିତ ବିବାହ ସଂଘଟିତ ହୋଇଥାଏ । ଏମାନଙ୍କ ବିବାହ ସାଧାରଣତଃ ମାଘ ଓ ଫାଲ୍‌ଗୁନ ମାସରେ ଅନୁଷ୍ଠିତ ହୋଇଥାଏ । କନ୍ୟାକୁ 'ଡିଣ୍ଡାପାନି' ବା କୁମାରୀ ସ୍ନାନ କରାଇ, ନୃତ୍ୟଗୀତ ଓ ପଟୁଆରରେ କନ୍ୟାପକ୍ଷ ବରଘରକୁ ଯାଆନ୍ତି । ବିବାହ ବେଦିରେ ଛାମୁଣ୍ଡିଆ ପକାଇ ଚିତ୍ରବିଚିତ୍ର ମାଟିହାଣ୍ଡି, ଗଛଡାଳ ଓ ଫୁଲରେ ସଜାଇଥାନ୍ତି । ଦିସାରୀ ମନ୍ତ୍ର ଉଚ୍ଚାରଣ କରି ବିବାହ କରିଥାଏ । ବର କନ୍ୟାର ହାତରେ ମୁଦି ପିନ୍ଧାଇ ବାଟରୁ ପାଛୋଟି ନେଇଥାଏ । ସେ ଏକ ବାର୍‌ହାଟିଏ (ସଂପ୍ରତି ଘୁଷୁରୀ) ମାରି କନ୍ୟାସହ ଘରେ ପ୍ରବେଶ କରିଥାଏ । ନୃତ୍ୟ, ଗୀତ, ବାଦ୍ୟନାଦରେ ତିନି/ଚାରିଦିନ ଧରି ବିବାହ ଉତ୍ସବ ଧାରୁଆ ଗ୍ରାମକୁ ମୁଖରିତ କରିଦିଏ । ଶେଷରେ ବରକନ୍ୟାଙ୍କ ବନ୍ଧୁବାନ୍ଧବ ଓ ଜ୍ଞାତିପରିଜନ ଉଭୟଙ୍କ ମୁଣ୍ଡରେ ଚାଉଳ ପକାଇ 'ଟୀକା' ବା ଆଶୀର୍ବାଦ ପ୍ରଦାନ କରିଥାନ୍ତି ।

ମୃତକର୍ମ- ଧାରୁଆ ସଂପ୍ରଦାୟରେ କୌଣସି ବ୍ୟକ୍ତିର ମୃତ୍ୟୁ ଘଟିଲେ ତାକୁ ପୋତି ଦିଅନ୍ତି । ମୃତ୍ୟୁଦିନ 'ପିତା' ପାଳନ କରି ଜ୍ଞାତିପରଜନ ପିତାମାଛ, କଲରାପତ୍ର ଓ ଚାଉଳ ଚୋବାଇଥାନ୍ତି । ଦଶଦିନରେ ଦଶାହ ପାଳନ କରିଥାନ୍ତି । ଏହିଦିନ ସମସ୍ତେ ନଦୀ କିମ୍ବା ପୁଷ୍କରିଣୀରେ ସ୍ନାନକରି ଶ୍ମଶାନକୁ ଯାଆନ୍ତି । ଢୋଲ, ମହୁରୀ, ତିଡ଼ିବିଡ଼ି ବାଦ୍ୟ ବଜାଇ ମୃତ ଲୋକର ଆତ୍ମା ବେନ୍ଦି ବା ଡୁମ୍ବାକୁ ଆବାହନ କରନ୍ତି । ଶଶ୍ମାନରେ ଦିସାରୀ ହଳଦିଭାତ ରାନ୍ଧି ଦୁଇ ଦନାଭାତ

ଘାସବିଛାଇ ମୃତଲୋକ ଉଦ୍ଦେଶ୍ୟରେ ପଛପଟୁ ଫିଙ୍ଗିଦିଏ । ଅନ୍ୟମାନେ ପତ୍ର ଛିଣ୍ଡାଇ କିଛି କିଛି ପଇସା ପକାନ୍ତି । ଉକ୍ତ ପଇସାକୁ ମହୁରୀଆ ଓ ବାଦ୍ୟକାରମାନେ ନେଇଥାନ୍ତି । ମୃତବ୍ୟକ୍ତିର ବ୍ୟବହୃତ କଂସା, ଗିନା, ଲୁଗାପଟା ଓ ଅନ୍ୟାନ୍ୟ ଜିନିଷକୁ ଭଣଜାକୁ ଅର୍ପଣ କରାଯାଏ । ମୃତବ୍ୟକ୍ତିର ପୁତ୍ର ଓ ଆତ୍ମୀୟମାନେ ମୁଣ୍ଡନ ହୋଇ ଭୋଜିଭାତ ଓ ମଦ୍ୟପାନ କରି ଶୁଦ୍ଧ ହୋଇଥାନ୍ତି ।

ତା'ପର ଦିନ 'ହାଟନି' ବା ହାଟ ବସେ । ମୃତବ୍ୟକ୍ତିର ଆତ୍ମୀୟ ସ୍ୱଜନମାନେ ଖପରା ଖଣ୍ଡସବୁକୁ ପଇସା ଭାବେ ରଖି ହାଟରେ କିଣାବିକା କରିବାର ଅଭିନୟ କରନ୍ତି । ମୃତବ୍ୟକ୍ତିଟି ମଥୁରା ହାଟର କିଣାବିକା ସାରି ସ୍ୱର୍ଗଧାମକୁ ଚାଲିଗଲା ବୋଲି ସମସ୍ତେ କୁହାକୁହି ହୁଅନ୍ତି । ଧାଙ୍ଗୁଆଙ୍କ ମତରେ ଏଇ ସଂସାର ଏକ ହାଟ । ଲୋକଟି ଯେତେଦିନ ବଞ୍ଚିଥିଲା ଏଇହାଟରେ କିଣାବିକା କଲାପରି ଜଞ୍ଜାଳରେ ଥିଲା । ସଂସାରର କିଣା ବିକା ବା ଲୀଳା ସରିଯିବାରୁ ଲୋକଟି ସବୁ ସାରି ସ୍ୱର୍ଗଧାମକୁ ଚାଲିଗଲା । ଧାଙ୍ଗୁଆମାନେ ପୁନର୍ଜନ୍ମରେ ପ୍ରଗାଢ଼ ବିଶ୍ୱାସୀ । ମଣିଷର ମୃତ୍ୟୁପରେ ତାର ଭଲ ଓ ମନ୍ଦକର୍ମ ଅନୁସାରେ ସେ ପୁନର୍ବାର ଜନ୍ମ ଗ୍ରହଣ କରିଥାଏ ବୋଲି ଏମାନଙ୍କ ବିଶ୍ୱାସ । ଭଲ କର୍ମକରିଥିଲେ ମଣିଷ ଜନ୍ମ ହୁଏ ଓ ମନ୍ଦ କର୍ମ କରିଥିଲେ ଅନ୍ୟାନ୍ୟ ଜୀବଜନ୍ତୁ ଓ କୀଟପତଙ୍ଗ ହୋଇଥାଏ ବୋଲି ଏମାନଙ୍କ ଦୃଢ଼ ବିଶ୍ୱାସ । ଆର୍ଥିକ ସ୍ୱଚ୍ଛଳ ନଥିବା ଲୋକେ ନିଜ ସୁବିଧା ଅନୁଯାୟୀ ଛଅମାସ / ବର୍ଷେ / ୨ ବର୍ଷରେ ଦଶାହ କାର୍ଯ୍ୟ କରିବା ଦୃଷ୍ଟିଗୋଚର ହୁଏ । କୌଣସିବ୍ୟକ୍ତି ବାଘ, ଭାଲୁ, ସାପ ଓ ଅନ୍ୟାନ୍ୟ ହିଂସ୍ର ଜନ୍ତୁଙ୍କ ଦ୍ୱାରା ମୃତ୍ୟୁବରଣ କଲେ କିମ୍ବା ଜଳରେ ବୁଡ଼ି ମୃତ୍ୟୁ ହେଲେ ତାହାକୁ ବାଘଡୁମ୍ବା, ଭାଲୁଡୁମ୍ବା, ସାପଡୁମ୍ବା ଓ କାମିନୀ ଡୁମ୍ବା ଭାବେ ବିଭିନ୍ନ ଉତ୍ସବରେ ପୂଜାକରି ସନ୍ତୋଷବିଧାନ କରିଥାନ୍ତି । ପରିବାରର କୌଣସି ବ୍ୟକ୍ତି ରୋଗରେ ପଡ଼ିଲେ ଦିସାରୀକୁ ଡାକି ସଂପୃକ୍ତ ଡୁମ୍ବାର ସନ୍ତୋଷ ନିମନ୍ତେ ମଦ, କୁକୁଡ଼ା, ପାରା ପ୍ରଭୃତି ଅର୍ପଣ କରିଥାନ୍ତି ।

## ପର୍ବପର୍ବାଣୀ ଓ ଧର୍ମବିଶ୍ୱାସ :

ଧାରୁଆମାନେ ପ୍ରଗାଢ଼ ଧର୍ମବିଶ୍ୱାସୀ । ଏମାନଙ୍କ ଧର୍ମଧାରା ଜଡ଼ବାଦ ଓ ଚେତନବାଦ ଉପରେ ପର୍ଯ୍ୟବସିତ । ଉଭୟଜଡ଼ ଓ ଜୀବ ଦେହରେ ଦେବତ୍ୱର ଆରୋପ କରି ଏଗୁଡ଼ିକୁ ପୂଜା କରିବା ଏମାନଙ୍କ ଧର୍ମ ବିଶ୍ୱାସର ମୁଖ୍ୟ ବୈଶିଷ୍ଟ୍ୟ । ଏମାନେ ବିଭିନ୍ନ ଉତ୍ସବ ଓ ପର୍ବପର୍ବାଣୀରେ ନିଜ ଗୋତ୍ରର ସଂକେତଙ୍କୁ ପୂଜା କରିବା ସହ ଜଙ୍ଗଲ, ପାହାଡ଼, ପୃଥିବୀ, ନଦୀ ଝୋଲା, ଚନ୍ଦ୍ରସୂର୍ଯ୍ୟ, ଗ୍ରହନକ୍ଷତ୍ର ପ୍ରଭୃତିଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ଏମାନେ ଉପରୋକ୍ତ ଜଡ଼ ଓ ଜୀବ ଆଦି ପ୍ରାକୃତିକ ବିଭବରୁ ଜୀବନଧାରଣର ସକଳ ଉପାଦାନ ଲାଭ କରୁଥିବାରୁ ଏଗୁଡ଼ିକ ନିକଟରେ ବଶତାସ୍ୱୀକାର ପୂର୍ବକ ଦେବତାରୂପେ ପୂଜା ଆରାଧନା କରିଥାନ୍ତି । ଏମାନେ ବାମନ୍‌ଦେଇ (ପାହାଡ଼ଦେବତା), ଜଙ୍ଗଲଦେଇ (ଡଙ୍ଗରଦେବତା), କାମିନୀଦେଇ (ଜଳଦେବତା), ଦୁହ୍ଲଦେବ, ବୁଢ଼ୀ ଠାକୁରାଣୀ, ପାଟଦେବତା, ମାଉଲି ଆଦି ଦେବଦେବୀଙ୍କୁ ବିଭିନ୍ନ ଅବସରରେ ପୂଜା କରିଥାନ୍ତି । ପ୍ରତ୍ୟେକ ଧାରୁଆଗ୍ରାମରେ ହୁଣ୍ଡୀ ବା ଗ୍ରାମଦେବତୀଙ୍କ କୁଡ଼ିଆ ରହିଥାଏ । ବିଭିନ୍ନ ପର୍ବପର୍ବାଣୀ, ଜାନିଯାତ୍ରା, ସାମାଜିକ ଉତ୍ସବ, ଗ୍ରାମରେ କିଛି ରୋଗ ଶୋକ ଓ ଅଘଟନ ଘଟିଲେ ସର୍ବପ୍ରଥମେ 'ହୁଣ୍ଡୀ' ଦେବୀଙ୍କୁ ପୂଜାର୍ଚ୍ଚନା ଓ ମାନସିକ କରାଯାଏ । ଏତଦ୍‌ବ୍ୟତୀତ ପୂର୍ବ ପୁରୁଷଙ୍କ ପରଲୋକଗତ ଆତ୍ମାକୁ 'ବେଦି' ବା ଡୁମ୍ବା ରୂପେ ବିଭିନ୍ନ ଉତ୍ସବରେ ଆବାହନ କରିଥାନ୍ତି । ଏମାନେ ବର୍ଷ ମଧ୍ୟରେ ମୁଖ୍ୟତଃ ଉଆଁସ ପରବ, ନୂଆଖିଆ ପରବ, ଦଶହରା, ଦିଆଲି ପରବ, ପୁଷ ପରବ, ଲନ୍ଦାଖିଆ ପରବ ଓ ଘଣ୍ଟ ପରବ ପ୍ରଭୃତି ପାଳନ କରିଥାନ୍ତି ।

ଗୁନ୍‌ନିଲ୍ ବା ଉଆଁସ ପରବ– ଏହା ଏକ କୃଷିଭିତ୍ତିକ ପର୍ବ । ଶ୍ରାବଣମାସର ଚିତାଲାଗି ଅମାବାସ୍ୟାଦିନ ଏହି ପର୍ବଟି ପାଳିତ ହୁଏ । ଧାରୁଆମାନେ ଜଙ୍ଗଲରୁ ବିଭିନ୍ନ ଔଷଧୀୟ ଚେରମୂଳ ସଂଗ୍ରହ କରି ସେ ଗୁଡ଼ିକୁ ବାଟି ନିଜ ଗୃହ ପାଳିତ ପଶୁମାନଙ୍କୁ ଖୁଆଇଥାନ୍ତି । ଗୋ-ସଂପଦଙ୍କୁ ବିଭିନ୍ନ ରୋଗରୁ ରକ୍ଷା କରିବା ନିମନ୍ତେ ବିଭିନ୍ନ ଚେରମୂଳି ଔଷଧ ପ୍ରତିଷେଧକ ଭାବେ ଦେବା, ଆଦିବାସୀଙ୍କ

ପ୍ରାଚୀନ ପରଂପରା । ଏହି ପର୍ବରେ 'ହୁଣ୍ଡୀ' ବା ଗ୍ରାମଦେବତୀଙ୍କୁ ପୂଜାର୍ଚ୍ଚନା କରାଯାଏ । ଫସଲରେ ରୋଗପୋକ ନଲାଗିବାପାଇଁ କ୍ଷେତରେ ପୂଜାକରି ଏକ କେନ୍ଦୁଗଛର ଡାଳ ପୋତିଥାନ୍ତି । ଅରୁଆଚାଉଳ, କୁକୁଡ଼ା ଅଣ୍ଡା, ସିନ୍ଦୂର, ଫୁଲ, ଧୂପ, କୁକୁଡ଼ା ଓ ମଦରେ ହୁଣ୍ଡୀଦେବୀଙ୍କୁ ସନ୍ତୁଷ୍ଟ କରି ଗୋସଂପଦର ସୁରକ୍ଷା ଓ ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବା ନିମନ୍ତେ ଆକୁଳ ପ୍ରାର୍ଥନା କରିଥାନ୍ତି ।

ନୂଆଖିଆ ପର୍ବ- ଭାଦ୍ରବ ମାସ ବେଳକୁ ଡଙ୍ଗରଧାନ ପାଚିଯାଇଥାଏ ଓ ବିଭିନ୍ନ ପନିପରିବା ହୋଇଥାଏ । ନୂଆକରି ଚାଉଳ ଓ ପନିପରିବା ଖାଇବା ନିମନ୍ତେ ଏହି କୃଷିଭିତ୍ତିକ ପର୍ବଟିକୁ ଧାରୁଆମାନେ ଅତିନିଷ୍ଠାରସହ ପାଳନ କରିଥାନ୍ତି । ନୂଆଚାଉଳ ଓ ପନିପରିବା ମିଶାଇ ଚରୁ (ଖେଚେଡ଼ି) ରାନ୍ଧି ସମସ୍ତେ ନୂଆଲୁଗା ପିନ୍ଧି ନିଜ ପିତୃପୁରୁଷଙ୍କୁ ଓ ଗ୍ରାମଦେବତୀ ହୁଣ୍ଡୀଙ୍କୁ ଅର୍ପଣ କରି ନିଜେ ଖାଦ୍ୟରୂପେ ଗ୍ରହଣ କରିଥାନ୍ତି ।

ଦଶରାପରବ- ଆଶ୍ୱିନମାସର ଦଶହରାରେ ଧାରୁଆ ଗ୍ରାମରେ ଥିବା ହୁଣ୍ଡୀଘର ଓ ମାଉଲି ଦେବୀଙ୍କୁ କୁକୁଡ଼ା, ପାରା, ଅଣ୍ଡା ବଳିଦେଇ ସାମୂହିକ ମଙ୍ଗଳକାମନା କରିଥାନ୍ତି । ବିଭିନ୍ନ ଗ୍ରାମର ଗ୍ରାମଦେବତୀଙ୍କ ପ୍ରତୀକ ଲାଠିଗୁଡ଼ିକୁ ଚିତ୍ରବିଚିତ୍ର କରି ଏହି ସମୟରେ ପୂଜା କରିଥାନ୍ତି । ବଡ଼ ବଡ଼ ଗ୍ରାମମାନଙ୍କରେ ଥିବା ଦେବୀପୀଠରେ ଯେଉଁ ପୂଜାର୍ଚ୍ଚନା ଓ ଯାତ୍ରା ଅନୁଷ୍ଠିତ ହୁଏ ତାହାକୁ ଦେଖିବା ନିମନ୍ତେ ଧାରୁଆମାନେ ଯାଆନ୍ତି । ଜୟପୁର ରାଜାଙ୍କ ଅମଳରେ ସେଠାକାର ଦଶହରା ପଡ଼ିଆରେ ଯେଉଁ ବିରାଟ ଯାତ୍ରା ମହୋତ୍ସବ ହେଉଥିଲା, ଏଥିରେ ଧାରୁଆମାନେ ଯୋଗ ଦେଉଥିଲେ ।

ଦିଲବାର ତିଣ୍ଡା (ଦିଆଲିପରବ) - ଗୋ-ସଂପଦର ସୁରକ୍ଷା ନିମନ୍ତେ ଏହି ପର୍ବଟି କାର୍ତ୍ତିକ ମାସରେ ପାଳିତ ହୋଇଥାଏ । ଗୋସଂପଦର ରକ୍ଷାକର୍ତ୍ତ୍ରୀ ଦେବୀ ଦୁଲାମଦେଇଙ୍କୁ ଏହି ପର୍ବରେ ଆରାଧନା କରାଯାଏ । ଏହି ପର୍ବଦିନ ଧାରୁଆମାନେ ନିଜ ଗାଈ ଗୋରୁମାନଙ୍କୁ ସିନ୍ଦୂର, କଜଳ, ଫୁଲମାଳ ପିନ୍ଧାଇଥାନ୍ତି । ବିଭିନ୍ନ ପନିପରିବା, ବିରି, ଝୁଡୁଙ୍ଗ ଓ ଚାଉଳ ମିଶାଇ 'ଚରୁ' ରାନ୍ଧି ଗାଈଗୋରୁଙ୍କୁ

ଖାଇବାକୁ ଦିଅନ୍ତି । ଗାଈ ଜଗୁଆଳ ବା ଗଉଡ଼ମାନେ ବେଶଭୂଷା ହୋଇ ଗୋରୁମାଲିକର ଘର ଆଗରେ ବାଜା ବଜାଇ ନୃତ୍ୟକରି ଧାନ, ଚାଉଳ, ପଇସା ଓ ଲୁଗାପଟା ମାଗିଥାନ୍ତି । ଧାରୁଆମାନେ ପିତୃ ପୁରୁଷ ଓ ଦେବୀଙ୍କୁ ଗୋସଂପଦର ସୁରକ୍ଷା ନିମନ୍ତେ ପ୍ରାର୍ଥନା କରିଥାନ୍ତି ।

ପୁଷ୍‌ନେଲିନ୍ (ପୁଷ୍‌ପରବ)- ପୌଷମାସର ପ୍ରତିପଦାଦିନ ଜହ୍ନ ଉଇଁଲେ ଧାରୁଆ ଗ୍ରାମରେ ନୃତ୍ୟଗୀତର ମଧୁର ସ୍ୱର ଧ୍ୱନି ମାଧ୍ୟମରେ ପୌଷକୁ ସ୍ୱାଗତ କରାଯାଏ । ପୌଷଠାରୁ ଚୈତ୍ରମାସ ଏହି ଚାରି ମାସ ଅଧିକ ଉତ୍ସବମୁଖର ହୋଇଥାଏ । ଧାରୁଆଗ୍ରାମ, ପୌଷ ପ୍ରତିପଦାଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଧାରୁଆ ଆବାଳବୃଦ୍ଧ ବନିତା ନିଜ କାମଧନ୍ଦା ଛାଡ଼ି ପାରଂପରିକ ପୋଷାକ ପରିଧାନ କରି ନୃତ୍ୟଗୀତ ଓ ପଟୁଆରରେ ବିଭିନ୍ନ ଗ୍ରାମ ବୁଲିଥାନ୍ତି । ଏମାନେ ଘର ଘର ବୁଲି ନୃତ୍ୟଗୀତ କରି 'ପାନିଆକୁନିଆ ମାଗିଥାନ୍ତି । ଏମାନେ ସଂଗୃହୀତ ପଇସା, ଧାନ, ଚାଉଳ ପ୍ରଭୃତିକୁ ହୁଣ୍ଡୀଙ୍କ ପାଖରେ ଏକାଠିକରି ନିଜ ପିତୃପୁରୁଷ ଓ ହୁଣ୍ଡୀଙ୍କୁ ଭୋଗ ଲଗାଇବା ପରେ ଭୋଜିଭାତ ଓ ମଦ୍ୟପାନ କରି ସମସ୍ତେ ନୃତ୍ୟା ଗୀତରେ ରାତିବିତାଇ ଦିଅନ୍ତି ।

କଟାଲନ୍ଦାଏ (ଲନ୍ଦାଖିଆ ପରବ)- ମାଘ ମାସରେ ଏହି ପର୍ବଟି ପାଳନ କରାଯାଏ । ଏହି ମାସରେ ସୁଆଁ ଅମଳ ହୋଇଥାଏ । ସୁଆଁକୁ ସୁଖାଇ ଚୁନାକରି ଧାରୁଆମାନେ ଲନ୍ଦା ପ୍ରସ୍ତୁତ କରିଥାନ୍ତି । ଲନ୍ଦା ଏକ ନିଶାପାନୀୟ ଭାବେ ଧାରୁଆମାନେ ବ୍ୟବହାର କରିଥାନ୍ତି । ଏହି ପର୍ବଦିନ ନୂଆକରି ଲନ୍ଦା ପ୍ରସ୍ତୁତ କରାଯାଏ ଓ ପ୍ରଥମେ ଗ୍ରାମଦେବତୀ ହୁଣ୍ଡୀଦେବୀ, କଙ୍କାଳୀ, ଗୁଡ଼ିମାତାଙ୍କୁଅର୍ପଣ କରି ଏମାନେ ନିଜେ ପାନୀୟ ଭାବେ ଗ୍ରହଣ କରିଥାନ୍ତି ।

ପାଟମାଉଲି ଯାତ୍ରା - ଧାରୁଆମାନେ ଫଗୁଣମାସରେ ପ୍ରତ୍ୟକ୍ଷଦେବୀ ମାଉଲିଙ୍କ ଆସ୍ଥାନରେ ସମସ୍ତେ ସମବେତ ହୋଇ ଦିସାରୀଙ୍କ ମାଧ୍ୟମରେ ଦେବୀଙ୍କୁ ଚନ୍ଦନ, ସିନ୍ଦୂର, ଫୁଲ, ଅରୁଆଚାଉଳ, ନଡ଼ିଆ, ମଦ, କୁକୁଡ଼ା ପାରା ପ୍ରଭୃତି ଅର୍ପଣ କରିଥାନ୍ତି । ସାମୁହିକ ମଙ୍ଗଳ କାମନା କରି ଦେବୀମାଉଲିଙ୍କୁ ପ୍ରାର୍ଥନା

କରନ୍ତି । ଏହି ପର୍ବରେ ଦାଣ୍ଡାହୁଲିଆନୃତ୍ୟ (କାଠିନୃତ୍ୟ) କରି ବିଭିନ୍ନ ଗ୍ରାମ ବୁଲି ଧାନ, ଚାଉଳ, ମାଣ୍ଡିଆ ଓ ପଇସା ମାଗିଥାନ୍ତି ।

ମାଣ୍ଡକୁଲ୍ (ଚଇତ ପରବ) - ଏହି ପର୍ବ କୋରାପୁଟର ବିଭିନ୍ନ ଆଦିବାସୀଙ୍କ ଯେପରି ଏକ ମୁଖ୍ୟ ପର୍ବ ସେହିପରି ଧାରୁଆ ସଂପ୍ରଦାୟଙ୍କ ମଧ୍ୟ ଏକ ମୁଖ୍ୟ ପର୍ବ ରୂପେ ପାଳନ କରାଯାଏ । ପୂର୍ବେ ଏକମାସ ଧରି ଏହି ପର୍ବଟି ପାଳନ କରାଯାଉଥିଲା । ସଂପ୍ରତି ଆଠରୁ ୧୫ଦିନ ଧରି ଏହି ପର୍ବଟି ପାଳିତ ହେଉଥିବା ଲକ୍ଷ୍ୟ କରାଯାଏ । ଏହି ପର୍ବପାଇଁ ଧାରୁଆମାନେ ପନ୍ଦରଦିନ ଧରି ସକଳ କାମଧନ୍ଦା ଛାଡ଼ି ଦେଇଥାନ୍ତି । ଏହି ସମୟରେ ଧାନକୁଟା, ମାଣ୍ଡିଆ ଘୋରା ଓ ଅନ୍ୟାନ୍ୟ କାମ କରିବା ବନ୍ଦ । ଗ୍ରାମର ପ୍ରତ୍ୟେକ ଘରୁ କିଛି ଚାନ୍ଦା ସଂଗ୍ରହ କରାଯାଏ । 'ହୁଣ୍ଡୀ' ଘରକୁ ସାଜସଜାକରି ବିଭିନ୍ନ ଘରୁ ସଂଗୃହୀତ ଧାନ ବିହନକୁ ପୁଡ଼ିଆ କରି ରଖାଯାଏ । ସେଠାରେ ଦିସାରୀ ଘୁଷୁରୀ ବଳି ଦେଇ ବିହନକୁ ପୂଜା କରିଥାଏ ।  ଗ୍ରାମର ମାଉଲି (ଆମାତାଲି, ଧରଣୀମାତା) ଓ ହୁଣ୍ଡୀଙ୍କୁ ପୂଜା କରିବାପରେ ନିଜ ଘରେ ପିତୃପୁରୁଷ 'ବେଦି'ଙ୍କୁ ପୂଜା କରି ଚରୁରାନ୍ଧି ଖାଆନ୍ତି । ଜମିର ଉର୍ବରତା, ଭଲ ଫସଲ ଓ ଗୋସଂପଦର ସୁରକ୍ଷାନିମନ୍ତେ ଦେବଦେବୀ ଓ ପିତୃପୁରୁଷଙ୍କୁ ନିବେଦନକରି ପ୍ରତ୍ୟେକ ବିହନ ପୁଡ଼ିଆ ନେଇ ନିଜ ଜମିରେ ବୁଣିଥାନ୍ତି । ଏହିଦିନ ଦେବତାଙ୍କୁ ଅର୍ପଣ କରିବାପରେ ଆମ୍ବ ନୂଆ କରି ଖାଇଥାନ୍ତି ।

ଚଇତ ପରବର ପଞ୍ଚମଦିନ ଦିସାରୀ ଘରେ ଘଣ୍ଟ ବସାଯାଏ । ବିଭିନ୍ନ ଗ୍ରାମର ଲାଠି (ଗ୍ରାମଦେବତୀଙ୍କ ପ୍ରତୀକ) ମାଉଲିଙ୍କ ନିକଟରେ ସମବେତ ହୁଅନ୍ତି । ସେଠାରେ ଏକ ଯାତ୍ରୀ ସମାରୋହ ହୋଇଥାଏ । ପର୍ବର ଶେଷ ଆଠଦିନ ବେଣ୍ଟଯାତ୍ରା ହୋଇଥାଏ । ଧାରୁଆ ପୁରୁଷମାନେ ଧନୁତୀର, ବର୍ଚ୍ଛା, ଟାଙ୍ଗିଆ ପ୍ରଭୃତି ଅସ୍ତ୍ରଶସ୍ତ୍ର ଧରି ବେଣ୍ଟ (ଶିକାର) କରିବାପାଇଁ ଜଙ୍ଗଲକୁ ଯାଆନ୍ତି । ଜଙ୍ଗଲରୁ ଗୟଳ, ମାଙ୍କଡ଼, ଭାଲୁ, ଡାମଣା, ମୂଷା, ବୋଡ଼ାସାପ, ଗୋଧି ପ୍ରଭୃତି ଜୀବଜନ୍ତୁ ଶିକାର କରିଆଣନ୍ତି । ଧାରୁଆ ସ୍ତ୍ରୀଲୋକମାନେ ନଦୀନାଳରୁ ମାଛ କଙ୍କଡ଼ା ଓ ବେଙ୍ଗ ପ୍ରଭୃତି ମାରି ଆଣିଥାନ୍ତି । ସମସ୍ତେ 'ହୁଣ୍ଡୀ'ଙ୍କ ନିକଟରେ ଭୋଜିକରି

ଖାଆନ୍ତି । ଲନ୍ଦା, ମଦ ମାଂସ ଖାଇ ରାତିସାରା ନୃତ୍ୟଗୀତ କରିଥାନ୍ତି । ଧାରୁଆମାନଙ୍କ ବିଶ୍ୱାସ ଯେ ବିଭିନ୍ନ ଦେବଦେବୀ ଓ ପିତୃପୁରୁଷଙ୍କ ସନ୍ତୋଷ ଅସନ୍ତୋଷସହ ଏମାନଙ୍କ ଜୀବନର ଉତ୍ଥାନ ପତନ ଜଡ଼ିତ । ଏଣୁ ଏମାନେ ବିଭିନ୍ନ ଉତ୍ସବରେ ଦେବଦେବୀ, ଅଦୃଷ୍ଟଗ୍ରହ ଓ ପିତୃପୁରୁଷଙ୍କୁ ବଳି ଓ ମଦ୍ୟ ଅର୍ପଣ କରି ସନ୍ତୋଷ ବିଧାନ କରିଥାନ୍ତି । କୌଣସି ଲୋକ ରୋଗରେ ପୀଡ଼ିତ ହେଲେ କିମ୍ବା ମୃତ୍ୟୁ ବରଣ କଲେ ଗ୍ରାମରେ କୌଣସି ବିପର୍ଯ୍ୟୟ ଘଟିଲେ, ଫସଲହାନି, ଗୋମଡକ ପ୍ରଭୃତି ହେଲେ, ଧାରୁଆ ସମାଜରେ ଦିସାରୀ, ସିରା ଗୁରୁମାଇଙ୍କୁ ଡକାଇ ବିଭିନ୍ନ ଦେବଦେବୀଙ୍କ ପୂଜାର୍ଚ୍ଚନା ଓ ମାଜଣା କରିଥାନ୍ତି । ପୀଡ଼ିତ ଲୋକଙ୍କୁ ଦିସାରୀ ଓ ଗୁରୁମାଇ ଝଡ଼ଫୁଙ୍କା କରି ଦେବଦେବୀଙ୍କୁ ସନ୍ତୁଷ୍ଟ କରିଥାଏ । ବିଭିନ୍ନ ରୋଗ, ମହାମାରି ଓ ଦୈବଦୁର୍ବିପାକରୁ ଗ୍ରାମକୁ ରକ୍ଷା କରିବାପାଇଁ ସିରା ବସାଇବା (କାଳିସୀନୃତ୍ୟ) ଓ ବଉଳାଣିର (ଅଦୃଷ୍ଟଗ୍ରହକୁ ଗ୍ରାମରୁ ବିଦାୟ କରିବା) ଆୟୋଜନ କରିଥାନ୍ତି ।

# ଧାରୁଆ ଲୋକ ପରମ୍ପରା

ଆଦିମଜନଗୋଷ୍ଠୀଙ୍କ ସାମାଜିକ ରୀତିନୀତି, ଧର୍ମୀୟପ୍ରଥା, ପରଂପରା ଓ କଳାତ୍ମକ ଅଭିରୁଚି ଆଦି ମୌଖିକ ପରଂପରାରେ ଗତିଶୀଳ ଓ ସମୃଦ୍ଧ । ଧାରୁଆମାନଙ୍କ ମଧ୍ୟରେ ପ୍ରାୟ ୯୦% ନିରକ୍ଷର । ଏହି ନିରକ୍ଷର ସମାଜରେ ଅତୀତରୁ ଚଳିଆସୁଥିବା ପ୍ରଥା/ପରଂପରା, ନୃତ୍ୟଗୀତ, କାହାଣୀ, ମିଥ୍, ଲୋକୋକ୍ତି ପ୍ରଭୃତି ଗୋଟିଏ ପିଢ଼ିରୁ ଅନ୍ୟ ଏକ ପୀଢ଼ିକୁ ପୁରୁଷାନୁକ୍ରମେ ମୌଖିକ ଧାରାରେ ଗଢ଼ିଆସିଥାଏ । ଏମାନଙ୍କ ସରଳ ଜୀବନ ଚର୍ଯ୍ୟା, ଅତୀତର ଘଟଣା ଦୁର୍ଘଟଣା, ଚାଲିଚଳଣି ତଥା ହୃଦୟର ଭାବାବେଗସବୁ ମିଥ୍, କାହାଣୀ, ଗୀତ ଓ ଲୋକୋକ୍ତି ରୂପେ ଆତ୍ମ ପ୍ରକାଶ କରିଥାଏ । ଏସବୁର କୌଣସି ଲିଖିତରୂପ ନଥାଇ ବି ଶହ ଶହ ବର୍ଷଧରି ଲୋକମୁଖରେ ବଞ୍ଚିରହିବା ମୂଳରେ ଏଗୁଡ଼ିକର ସାମାଜିକ ଉପାଦେୟତା ଓ କଳାତ୍ମକ ସୌନ୍ଦର୍ଯ୍ୟକୁ ଅସ୍ୱୀକାର କରାଯାଇନପାରେ । ପୂର୍ବେ ଆଲୋଚିତ ହୋଇଛି ଯେ, ସମଗ୍ର ଧାରୁଆ ଜନସଂଖ୍ୟାର ଅର୍ଦ୍ଧାଧିକ ସ୍ଥାନୀୟ ଦେଶିୟାଭାଷା ବ୍ୟବହାର କରୁଥିବା ବେଳେ ଅବଶିଷ୍ଟ ଅର୍ଦ୍ଧେକ ଲୋକ ନିଜସ୍ୱ ଧାରୁଆ ଭାଷାରେ କଥାବାର୍ତ୍ତା କରିଥାନ୍ତି । ସୁତରାଂ, ଉଭୟ ଦେଶିୟା ଓ ଧାରୁଆ ଭାଷାରେ ଏମାନଙ୍କ ମୌଖିକ ଲୋକ ସାହିତ୍ୟ ଓ ଲୋକୋକ୍ତି ଲୋକ ମୁଖରେ ସଂଜୀବିତ ।

ଲୋକ ଗୀତ : ଧାରୁଆଙ୍କ ସଂଗୀତ ପ୍ରବଣତା ଓ ଆଶୁକବିତ୍ୱ ହେତୁ ଏମାନଙ୍କ ମୌଖିକ ସାହିତ୍ୟରେ ଗଦ୍ୟ ଅପେକ୍ଷା ପଦ୍ୟ ବା ଗୀତର ସଂଖ୍ୟା ଅଧିକ । ପରିସ୍ଥିତି ଓ ପରିବେଶକୁ ଉପଲକ୍ଷ୍ୟ କରି ମନରୁ ପଦଯୋଡ଼ି ତତ୍କ୍ଷଣାତ୍ ଗୀତ ଗାନ କରିବାରେ ଏମାନେ ସିଦ୍ଧହସ୍ତ । ଏମାନଙ୍କ କୃଷି କର୍ମରେ, ଶିକାରରେ, ବିଭିନ୍ନ ସାମାଜିକ କାର୍ଯ୍ୟରେ, ପର୍ବପର୍ବାଣି ଓ ଦେବଦେବୀ ଆରାଧନାରେ ନୃତ୍ୟଗୀତ ହିଁ ମୁଖ୍ୟ ଅବଲମ୍ବନ । ଏମାନଙ୍କ ନୃତ୍ୟଗୀତର ବୈଶିଷ୍ଟ୍ୟ ହେଉଛି ଶ୍ରୋତା ଓ କଳାକାର ଏକ ଏବଂ ଅଭିନ୍ନ । ନୃତ୍ୟଗୀତ ଏମାନଙ୍କୁ ଅଫୁରନ୍ତ ଆନନ୍ଦ ପ୍ରଦାନ

କରିବାର ଏକମାତ୍ର ମନୋରଂଜନର ମାଧ୍ୟମ ଭାବେ କାର୍ଯ୍ୟ କରିବା ସଂଗେ ସଂଗେ କର୍ମକ୍ଳାନ୍ତ ଜୀବନରେ ଶ୍ରମଲାଘବ କରିବାରେ ସହାୟକ ହୋଇଥାଏ । ବର୍ଷର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅବସରରେ ଗାନ କରୁଥିବା ଧାଗୁଆମାନଙ୍କଠାରୁ ସଂଗୃହୀତ କିଛି ଗୀତ ଓ ଏହାର ଓଡ଼ିଆ ଭାବାର୍ଥ ଏଠାରେ ପ୍ରଦାନ କରାଯାଇଛି ।

**ବିବାହ ଗୀତ : (୧) କନ୍ୟାର ସାଙ୍ଗସାଥିମାନେ ଶାଶୁଘରକୁ ବିଦାୟ ଦେଲାବେଳେ ଗାନ କରୁଥିବା ଗୀତ :**

ବାଲୁରାଇ ବାଲୁରାଇ
ଇନେନିନେ ମାନୁ ମେନାଗିବେ ବାଲୁରାଇ
ଇନେନିନେ ସିମମାନୁ ମେନାଗିବେ ବାଲୁରାଇ
ବାଲୁରାଇ ବାଲୁରାଇ
ତଲିନିତ ବୁଲେ ତରି କେନ୍ଦା ମେନେ ବାଲୁରାଇ
ତଲିନିତ ବୁଲେ ନେରି ତକାନିବେ ବାଲୁରାଇ
ଆଲୁରାଲେ ଆଲରି ଦୁଦୁକାଇ ବାଲୁରାଇ
ଇନେଇନେନ୍ କୁନ୍ଦୁ ଲାଚମେନା ବାଲୁରାଇ
ଇନେ ନିନେ ଦାଣ୍ଡାଜିଡି ମେନାଗିବେ ବାଲୁରାଇ
ତଲିନିତ କୁନ୍ଦୁପୁଚ୍‌କି କୋନ୍ଦାଏରଡ଼ ବାଲୁରାଇ
ତଲିନିଡି କୁନ୍ଦୁପୁଚ୍‌କୁନ୍ ଚେଣ୍ଡା ଏରଡ଼୍ ବାଲୁରାଇ
ଏଣ୍ଡୁନିରବ୍ ମିରେ ମିର୍ ରବେ ବାଲୁରାଇ
ଢାଟୁମିନେ ମିରେ ମରିଏବ୍
ଆଲରାଲେ ଆଲଦୁଦୁକାଇ ବାଲୁରାଇ
ଅରି ଅଗିଲ୍ କିବା ଅଗିଲ୍
ତପ୍ୟାନିବ ବାଲୁରାଇ

ଦାଣ୍ଡୁଲ ଦାଣ୍ଡୁଲ ପାରିଏଲ୍ ଦାଣ୍ଡୁଲ୍
ତାବମିବେ ବାଲୁରାଇ
ଆଲୁରେଲେ ଆଲଣି ଦୂଦୂକାଇ ବାଲୁରାଇ
ମଚର ଉଚେ ଇଅ ମେରଡ୍ ବାଲୁରାଇ
ମଚେ ଉଚେ ଆୟ ମେରହ୍ ବାଲୁରାଇ
ଅଗି ଅଗିଲ୍ କିବା ଅଗିଲ୍
ବୁଭ ନିବେ ବାଲୁରାଇ
ଦାଣ୍ଡୁଲ୍ ଦାଣ୍ଡୁଲ୍ ପାରିଏଟ୍ ଦାଣ୍ଡୁଲ୍ ବୁଡନିବେ ବାଲୁରାଇ
ଆଲରାଲେ ଆଲଗି ଦୂଦୂବାଇ ବାଲୁରାଇ
ଇଦୁମଇଆ ଇଆଇବେ ବାଲୁରାଇ
ନିମୁତାତ ତାତ ଆଇବେ ବାଲୁରାଇ
ଆନବରାନୀ ମେନ୍ଦାଏନ୍ ଚଲୁତିତାପି ଚଲତତିପେ ବାଲୁରାଇ
ଆନଗିର ଦଣ୍ଡି ମେନ୍ଦାଏନି ଖେଟତି ତାପି
ପେଜାଚାବେ ବେ ବାଲୁରାଇ ।
(କୁମାରୀ ଚମ୍ପା ଦୁରୁଆ, ସାନବୁଦ୍ରୁଦି, ମାଲକାନଗିରି)

ଓଡ଼ିଆ ଭାବାର୍ଥ : ରେ ସାଙ୍ଗ, ଆଜି ତୁମକୁ ଆମେ ବିଦାୟ ଦେଉଛୁ । ଆମେ ତୋ ସହିତ ମିଶି ଏତେଦିନ ରହିଥିଲୁ । ରେ ସାଙ୍ଗ, ତୋ ସହିତ ମିଶି ଏଇ ଗାଆଁ ଦାଣ୍ଡରେ ଆମେ କେତେ ଖେଳୁଥିଲୁ, କେତେ ବୁଲୁଥିଲୁ, ହସିଖେଳି ସମୟ ବିତାଉ ଥିଲୁ । ତୋତେ ଆମେ କେତେ କଥା କହୁଥିଲୁ । ରେ ସାଙ୍ଗ, ତୋର ହାତଧରି କେତେ ଡିଆଡେଇଁ ଖେଳ ଏଇ ମଝି ଦାଣ୍ଡରେ ଖେଳିଛି । ଆମେ କେତେ ଦୁଃଖ ସୁଖ ହେଉଥିଲୁ । ରେ ସାଙ୍ଗ ତୋର ହାତକୁ ହାତ, ଛାତିକୁ ଛାତି ମିଶାଇ କେତେ ସ୍ନେହସାଙ୍ଗରେ ରହିଥିଲୁ । ଆଜି ତୋତେ ବିଦାୟ ଦେଉଛୁ । ରେ ସାଙ୍ଗ ଆମେ ମିଶି ବଣକୁ ଯାଉଥିଲୁ । ନଦୀକୁ ଯାଉଥିଲୁ, ସବୁଆଡ଼େ ମିଶି ଯାଉଥିଲୁ । ତୋତେ ନଦେଖିଲେ କ୍ଷଣେ ଆମେ ଅଥୟ

ହେଉଥିଲୁ । ଏବେ ତୋତେ ଆମେ ଛାଡ଼ି ଦେଉଛୁ । ଏକୁଟିଆ ହୋଇଯାଉଛୁ । ଗାଆଁ ଦାଣ୍ଡ ଖାଁ ଖାଁ ଲାଗିବ । ରେ ସାଙ୍ଗ, ତୁ ଆମକୁ ଏକୁଟିଆ କରି ଚାଲିଯାଉଛୁ । ତୁ ତୋ ସ୍ୱାମୀଙ୍କ ସହ ସୁଖରେ ରହ । ଖୁସିରେ ରହ, ରେ ସାଙ୍ଗ ତୋତେ ଆମେ ଆଜି ବିଦାୟ ଦେଉଛୁ । ତୁ ଆମକୁ ପାଶୋରି ଦେବୁନାହିଁ । ମନେ ରଖିଥିବୁ । ପର କରିବୁ ନାହିଁ । ତୁ ଭଲରେ ରହ ।

(୨) ବିବାହବେଳେ କନ୍ୟାକୁ ହଳଦିଲଗାଇବା ବେଳେ ତା'ର ସାଙ୍ଗମାନେ ଗାଇଥାନ୍ତି :-

ଇନଙ୍ଗନାତା ଏରୁଡୁ ମନାଲେ
ଇନୁଙ୍ଗନାତା ନାରୁୟ
ମାଲିନାଗାମୀ ରେଲି ମାଣ୍ଡାଲେ
ମାଲିନାଗାମୀ ରେଲୟ
ବେନେଇତ ରେବା ବେନରତା
ପରୁଅବୁନ୍ଦା ଦୁଲେମେ
ଇନଙ୍ଗୁନାତା ଏରୁଡୁ ମାନାଲେ
ଇନଙ୍ଗୁନାତା ଏରୁଡେ
ଇସୁୟ ଇଜା ଏଜି ମନାଲେ
ସାନାତା କାଣ୍ଡେ ସନାମ
ସୋତାୟ କାଣ୍ଡେ ପେତା ମନାଲେ
ଇମୁୟ ତାତା ତାତା ମନାଲେ
ଇମୁୟତାତା ତାତା ତାତାୟ
ମାଲିନଗାମୀ ରେଲିମାନେୟେ
ମାଲିନଗାମୀ ରେଲତ
ଯେତାୟ କାଣ୍ଡେ
ତାନତା କଣ୍ଡେ ତାନାମ

ଇନ୍‌ଙ୍ଗନାତା ଏଗ୍ରୁଡ ମନାଲେ

ଗଙ୍ଗନାତା ଏଗ୍ରୁଡ୍ରୁ

ଅରିଲ ଅରି କିବା ଅରି

ଦାଣ୍ଡୁଲ୍ ଦାଣ୍ଡୁ ପାରିଆ ପାଣ୍ଡୁ

(ମାଳତି, ଚମ୍ପା, କୁମାରୀ ଦୁରୁଆ, ସାନବୁଡୁଦି : ମାଲାକାନାଗିରି)

ଓଡ଼ିଆ ଭାବାର୍ଥ : ହେ ସାଙ୍ଗ, ଆମେ ବହୁତ ସାଙ୍ଗସାଥୀ ହୋଇଥିଲେ । ତୁ ଆଜି ଆମକୁ ପରକରି ଚାଲିଯିବୁ । ତୋତେ ଆମେ ଗାଧୋଇ ଦେଉଛୁ । ତୋତେ ହଳଦି ଲଗାଇ ଗାଧୋଇ ଦେବୁ । ଆମେ ସବୁବେଳେ ମିଶି ହସ ଖୁସିରେ ଥିଲେ ତୁ ଆଜି ଚାଲିଯିବୁ । ଆଜି ତୁମ ଘରେ ସମସ୍ତେ ଆନନ୍ଦରେ ରହିବା । ନାଚଗୀତ କରିବା । ମଉଜ ମଜଲିସ କରିବା । ଏ ସାଙ୍ଗସୁଖ କାଲିକି ଆଉ ମିଳିବ ନାହିଁ । ତୁ ତୋ ସ୍ୱାମୀକୁ ଧରି ଭଲରେ ଚଳିବୁ । ତୁ ଭଲ ଭାବେ ସୁଖରେ ରହିବୁ । ତୋ ସ୍ୱାମୀର କଥା ମାନିବୁ । ଗଣ୍ଡଗୋଳ କରିବୁ ନାହିଁ । ଆଜି ତୁମ ଘରେ ଆମେ ମଉଜମଜଲିସ୍ କରିବା । ହସ ଖୁସିରେ ଆଜି ଦିନକ ରହିବା ।

(୩) କନ୍ୟା ବିଦା କରିବାକୁ ଆସିଥିବା ଧାଙ୍ଗଡୀ ଓ ବରପକ୍ଷର ଧାଙ୍ଗଡ଼ାମାନେ ଗୀତରେ କହିଥାନ୍ତି :

ହାଇଲେ .. ଗା ..ଇ..ଲେ

ଇ...ଓ...ଇ...ଆଁଲାଗିବେ ଚିପାଲିବଲ

ସିଲାଇ କରେ ନାଇ ନାବେ ତଳେ ଅଇ

ସେଡୁ ପାଡ଼ି ବଅଡୁ ଗେଦେରାମ ତାକ୍‌ମେ

ଦାନ୍‌ବେ ବନେ ବାଗ ଢେ..ଅ

ହାଇଲେ....ଗା...ଇ...ଲେ

ଇ ଓ ଇ ସିଲାଗଅଇ ଦାଅସ ଗେଡୁ ପାଡୁ

ସିଲାଇ ବରେ ନାଚ ନାନେ ତଲେ ଆଇଁ
ସେଡୁ କେଡିବବୁ ଅପଡୁ
ବେଲେଲାଇ ବେଲାଇ ମେଣ୍ଡାନକେ ବାଇନିଙ୍ଗଅ
ହାଇଲେ ରା ଇ ଲେ
ଇ ଓ ଇ ସେଡୁ ପେଲୁ ଆମ୍‌କେ ଏରଡୁ
ସିରେଗ କେ ଲୁମ ତଲେ ଆଇ
ସେଡୁ ଆମ୍‌ଗ ଏରଡୁନ୍ଦେ
ଇ ମୁଡିଦାନ ଗୁଚାଙ୍ଗଡୁ ଆଡମ୍‌ରେ ବାଇ ଙ୍କେଅ
ଇ ଓ ଇ ଆସିରେ ସାକେ କାକଡିକା ଟକ୍
ହାଇଲେ ରା ଇ ଲୋ
ସିଲାଇ ଗରେଇ ନାଇଁ ନାବେ ତଲେ
ଚେହୁ ବାଡ଼ିବଡୁ ଆସଗେତ
ତାକେରି କାଟଇ ମୁଁ ତିନ୍ଦାଦକୁ ଚାଜଡୁ
ଅଡମ୍‌ରେ ବାଇ ଚେ ହେ ଙ୍ଗ ଅ

ଭାବାର୍ଥ : ହେ ଧାଙ୍ଗଡୀମାନେ ତୁମେ ଆମ ଗାଆଁକୁ ଆସିଛ । ତୁମର କିଛି ସୁବିଧା କରିପାରିନୁ । ତୁମ ଖାଇବା ପାଇଁ ଚାଉଳ, ଡାଲି ଓ ପନିପରିବା ନିଅଣ୍ଟ ପଡ଼ିଥିବ । ଅସୁବିଧା ହୋଇଥିବ । କଛି ମନେ କରିବ ନାହିଁ । ତୁମର କିଛି ସୁବିଧା କରିପାରିନୁ । (ଏହାର ଉତ୍ତରରେ ଧାଙ୍ଗଡୀମାନେ କହନ୍ତି) ହେ ଧାଙ୍ଗଡ଼ାମାନେ ଆମେ ବହୁତ ଖୁସି, ଆମର କିଛି ଅସୁବିଧା ହୋଇନି । ତୁମେ ଦେଇଥିବା ଚାଉଳ, ଡାଲି, ପରିବାପତ୍ର ଆମ ପାଇଁ ଯଥେଷ୍ଟ ହୋଇଥିଲା । ଏଣୁ ଆମ ମନରେ ଦୁଃଖନାହିଁ । ଆମେ ବହୁତ ଖୁସି ତୁମର ବନ୍ଧୁଚର୍ଚ୍ଚାରେ ହେ ଧାଙ୍ଗଡ଼ମାନେ ।

(୪) ବରକନ୍ୟାକୁ ହଳଦିଲଗାଇ ଗାଧୋଇବା ବେଳର ଗୀତ :

ଏ...ଏ...ଲୋ...ଗା...ଏଲେ

ଉ..ଇ. ଏନେନା ଇନେ ମାଞ୍ଜୀକୁଟ
ଇନେ ନାଲେ ଇ ନେନ ଜିପାମାଞ୍ଜୀ କ କଟନ୍
ଉଣ୍ଡି ନାନା ମେନେକେ ଚେଡ୍ଡୁ ୟ ୟ
ଏ ଏ ଲୋ ... ରା..ଏ...ଲେ
ଇ..ଇ.. ଗାୟକୁଟ ଏଣ୍ଡାତ ନାନା
ଗାୟୁ କାଟ ତାନା ଇପା ରାଙ୍କେ ତ ନାନା
ନାଞ୍ଜୀ ଗେଟ ଏତେତ ତକ ଚାଡ୍ଡୁୟ ..
ଏ ଲୋ...ରା.. ଏ..ଲେ
ଉ... ଏଡ୍ଡୁ ଏଡ୍ଡୁ ମାନୁ ଗିୟା
ଏ.. ଏଡୁଗ ଏଡୁବେ ଏଦିପା ମାନା ଗୋ ବିୟା
ଏ ଦାନ୍‌ଗା ଦାଦା ଏନେ ମେ ବେ ଚାଙ୍କୁୟା..
ଏ ଲୋ.. ରା... ଏଲେ..
ଉ.... ଏଡ୍ଡୁ ଏଡୁ ପୁନୁ ବିୟା
ଏ ଡୁଗ ଏଡୁଗା ଦିପାପୁଲୁ ବିୟା
ଏ ଦାନ୍‌ଗେ ଇୟା ଏନ୍‌ନେବେ ଚେଡ୍ଡୁୟା
ଏ ଲୋ ରା ଏ ଲେ
ଉ. ଏଡ୍ଡୁ ଏଡୁ ପୁଲେ ବିୟା ୟା
ଏ ଗୁଗ ଏ ଏଗୁଗୁ ପାପୁଲ୍ ବିୟା
ଏ ଦାନ୍‌ଗ ଆଲେ ଏଲୁଭଗ ତାନୁଗା ବିଲାନ
ବେତାନ ଆଲୋ ଏନ୍‌ଗ
ଏ ଗୁଟୁ ତାଲେକେ ଇଆଲଦିପା ଚିଣ୍ଡୁ ଏଗୁଡ୍
ପୁଲୁ ବିୟା ଏ ଦାନ ଦଇୟା ଏଲୁ ଏଣ୍ଡିକେ ଚାଡୁଇୟା
ଏଲୋ ରା ଏଲେ
ଗିଆନ୍ ଇଲେ ରେଗେ
ଇଣ୍ଡୁ ଏରଡ୍ଡୁ ଚିନ୍ଦୁ ବିୟା ଏଦନ ତଇୟା

ଏ ଦାଦି ଏଗାଡ୍ ଏଗାର ଚଇୟ
ଯାଣ୍ଡେ ତଲେ ଚାନ୍ତି ଦିପା ଦିନା ଜୁକ
ଏଣ୍ଡା ବେଟ୍ମା ଏଦାଚାଡୁ ୟ
ଉ ନିୟା ଗୁକି ଚିଣ୍ଡାବେ ନାନା
ଢିଲ ବିୟା ଏକେ ନାନ ଚିଲା ଦୁକି
ଏଲୋ ଗା ଏଲେ
ଉ ଚାଣ୍ଡେକେ ଚାନ୍ତି ପରି ଜୁକୁ
ଚାଣ୍ଡେ ବେଲେ ଚାଣ୍ଡ ପେପେ
ଚାଣ୍ଡି ବେଦା ଦା ଏଣ୍ଡିବେ ପାରୁ

ଭାବାର୍ଥ : କନିଆ ଆସିଲା । ବେଳେ ହୋଇଗଲାଣି । ଆଉ ଡେରି କରନାହିଁ । ଲଗ୍ନ ଫିଟିଯିବ । ବରକନ୍ୟାଙ୍କୁ ହଳଦି ଲଗାଇ ଭଲଭାବେ ଗାଧୋଇଦିଅ । ଶୀଘ୍ର ଗାଧୋଇଦିଅ । ଆଉ ଡେରି କରନାଇଁ । ଆଜି ଖୁସି କରିବା । ସମସ୍ତେ ଲନ୍ଦା ଓ ମଦଖାଇ ନାଚଗୀତ କରିବା । ଆଉ ଡେରି କରନାହିଁ । ହଳଦି ଲଗାଇ ବରକନ୍ୟାଙ୍କୁ ଶୀଘ୍ର ଗାଧୋଇଦିଅ । ଲଗ୍ନ ଗଡ଼ିଯିବ । ଆଜି ଲନ୍ଦା ଓ ମଦଖାଇ ମଉଜ କରିବା । ନାଚଗୀତ କରିବା, ଆଜି ଖୁସି କରିବା ।

କଟନୀଗୀତ : ବିବାହ ସମୟରେ ବରପକ୍ଷ ଓ କନ୍ୟାପକ୍ଷ ପରସ୍ପରଙ୍କୁ ଥଟ୍ଟା ପରିହାସ କରି ଗାଇଥାନ୍ତି । ବରର ସାଂଗ ଓ କନ୍ୟାର ସାଙ୍ଗମାନଙ୍କ ମଧ୍ୟରେ ଉକ୍ତି ପ୍ରତ୍ୟୁକ୍ତି ଓ ହାସପରିହାସ ହୋଇଥାନ୍ତି ।

ଯୁବକ : କଟନି କଟନି ମୋର ଢାଇ ଢାମ କୋଲି
ପଶିଗଲାରେ ଭୁକ ପଶିଗଲା ଭୁକ
ଆସିଲାରେ ଭୁକ ପଶିଗଲା ଭୁକ
ଫୁଲ ଝୁମାଇଲୁରେ ..
ସରଢ ଚାମଣ୍ଡା ମୋର ଢାଇ ଢାମ କୋଲି

ମୁଇଁ ମାରେରେ ଗୀତ ମୁଇଁ ମାରେ ଗୀତ

ମୁଇଁ ମାରେ କାଇ ଗୀତ

ଯୁବତୀ : ଯାଏସ୍ ଯାଏସ୍ ସୁନାବାଏ ଲୋକ

କନସାଇ କାଇ ବାସା

କନସାଇ ବାସା

କନସାଇ ବାସା

ସପୁରୁ ଚାଉଲ ପିଲ ପରୁଆରେ ମୋର କେରେମିଟିଆ ଭାଇ

ପଠାଇଦେବି ସାଂସ

ହଇ ବଲାରେ (ହୁଳହୁଳି)

ଯୁବକ : କଟନି କଟନି ମୋ ଭାଇ ଭାମକୋଲି

ଉଲ ଉଲି କାଇ ଦେଲା

ଉଲ ଉଲି ଦେଲୁ

ଉଲ ଉଲି ଦେଲୁ

ସପୁରୁ ବାଉଁଶ ଟିକଟ ହେଲାରେ ମୋର ମାଲକଣ୍ଡାନନି

ମୋ ଭାଇ ଭାମ ବସିଗାଲାରଥେ

ବସିଗାଲ କାଇରଥେ

ଫୁଲ ଝୁମାଇଲୁ ରେ

ଯୁବତୀ : ସୁରୁସୁରୁ କିଆରୀ ମୋର ଶରୀରକାଇ

ବଡ଼େ କାଇ ଡେଲା

ବଡ଼େ ବଡ଼େ ଡେଲା

ବଡ଼େ ବଡେ ଡେଲା

ପାଞ୍ଚବରଷର କମାନି ଗାଲାରେ ମୋର କେର ମିଟିଆଭାଇ

ଏସୁର ଧରା ଦେଲ

ଏସୁର ଧରା ଦେଲ

ଏଫୁଲ୍ ଝୁମାଇଲୁରେ (ହୁଳହୁଳି)

ଯୁବକ : ସରଗି ଚାମଣ୍ଡା ମୋର ଜାଇ ଜାମଫୁଲ ସହିଲାର ବେଶୀ

ଫୁଲ ସହେବେଶୀ

ଫୁଲ ସହେ ବେଶୀ

ନାଇଁ କର ବାଇ ବାଇର ବେଲାରେ ମୋର ଜାଇ ମୋର

ଆଡରେ ରଥର ସମ

ଆତରେ ରଥର ସମ

ଆତ ରଥ ସମ ଭିଡିଲା ମୋର ମାଲକଣ୍ଠାନନି

ଇଡି ଯାଉରାତ

ଇଡି ଯାଉ ରାତ

ଫୁଲ ଝୁମାଇଲୁ ରେ

ଯୁବତୀ : ସରଗି ଚାମଣ୍ଡା ସୁନାବାଏ ଲୋକ ହଲାଇଲୁରେ ବତୀ

ଝୁଲାଇଲୁରେ ବତୀ

ଝୁଲାଇଲୁ ବତୀ

ବତୀ ମାରି ବତୀ ଜଲାଇଲୁରେ ମୋର କେରମିଟିଆ ବାବୁ

ବତୀ ମାରି ବତୀ ଲିଭାଇଲୁରେ ମୋର

କେରମିଟିଆ ଭାଇ ଷଲ ଘଡି ରାତ

ଏପିଲା ଧିରେ ଆସାରେ (ହୁଳହୁଳି)

(ଲଖଣ ଦୁରୁଆ ଓ ପୂର୍ଣ୍ଣି ଦୁରୁଆ : କେନ୍ଦୁଗୁଡ଼ା କେରମିଟି)

ଭାବାର୍ଥ : ଯୁବକ - କଟନି କଟନି (ଗୀତର ନାମ) ହେ ମୋ ଜାମକୋଳି, ଆମକୁ ଭୋକ ହେଲାଣି, ଆମେ ଫୁଲ ଝୁଲାଇ ଆସିଲୁ । ଶାଳଗଛର ଛାମୁଣ୍ଡିଆ, ହେ ମୋର ଜାମ କୋଳି, ଆମେ ଗୀତ ମାରୁଛୁ, ଫୁଲ ଝୁଲାଇଛୁରେ..

ଯୁବତୀ : ହେ ମୋର ସୁନା ଭାଇମାନେ ତୁମେ ପହଞ୍ଚିବା ପୂର୍ବରୁ ଆମେ ସବୁ ଚାଉଳରେ ସଞ୍ଜା ପଠାଇଦେବୁ ତୁମ ପାଖକୁ । ତୁମେ ଧୈର୍ଯ୍ୟ ଧର (ହୁଳହୁଳି ଦେବା)

ଯୁବକ : ତୁମେ ହୁଳହୁଳି ଦେଲଣି । ଏବେ ସବୁବାଉଁଶ ପାଇଁ ଟିକେଟ ପଡୁଛି, ହେ ଜଙ୍ଗଲର ସବୁ କଣ୍ଟା ପରିଝିଅ, ସବୁ ବାଉଁଶ ତିଆରି ରଥରେ ବସିଗଲା । ଆମ ଫୁଲ ଝୁଲାଇଲୁ ।

ଯୁବତୀ : ସୋରିଷର କିଆରୀରେ ବଡ଼ ବଡ଼ କାଠ ଖୁଣ୍ଟ, ମୋର ଦେହ ଥରି ଉଠୁଛି । ଏବେ ତୁମର ପାଞ୍ଚ ବର୍ଷର ରୋଜଗାର ଏହି ବିବାହରେ ଖର୍ଚ୍ଚ ହୋଇଗଲା । ଏବର୍ଷ ତୁମେ ବାଧ ହୋଇ ଧରାପଡ଼ିଗଲ ।

ଯୁବକ : ଶାଳ ଗଛର ଛାମୁଣ୍ଡିଆ, ହେ ମୋର ଜାମ ଫୁଲ, ଆମେ ବେଶୀ ସହ୍ୟ କଲୁ, ଆଉ ମନା କରନାହିଁ । ତୁମେ ଏହି ପଟୁଆର ସହିତ ଆମ । ହେ ଜଙ୍ଗଲର କଣ୍ଟା ପରିଝିଅ, ତୁମେ ଆମ ସହ ଆସ । ରାତିଟା ବିତାଇଦେବା ।

ଯୁବତୀ : ଶାଳଗଛର ଛାମୁଣ୍ଡିଆ, ହେ ସୁନାପିଲା ମାନେ ତୁମେ ବତୀ ଜଳାଇ ଆସିଲ, ବତୀ ଲିଭାଇ ପୁଣି ବତୀ ଜଳାଇଲ । ହେ କେରମିଟିଆ ବାବୁମାନେ, ଷୋହଳ ଘଡି ରାତିରେ ତୁମେ ବତୀ ଜଳାଇ ପୁଣି ଲିଭାଇ ଦେଲ, ହେ ପିଲାମାନେ, ତୁମେ ଧୀରେ ଧୀରେ ଆସ, ନଚେତ୍ ଅନ୍ଧାରରେ ପଡ଼ିଯିବ ।

ଖେଳଗୀତ :

ଆଲରିୟ ଆଲେ ...
ଉଁ ... ଆଲରିବେ
ଚିଲ ବେଲନା ନାବତ ଲେତ ଇନନାଇ ଇନେ
ଗଜରାଜ କିଜି ଉବାରଚଜି ମେନର କଚଣାୟ
ରଜବେଦି ନାଲ ତଲତ ଇତନିତେ ନାନା
ଗଜରଜ ଜି ମେନୁଗ ତନ୍ଦୟ..

ଆଲରିୟ ଆଲେ
ଉଁ ଆଲରିବେ
ଆଲେ ଆମୁଗାଏରଡ଼ ତହତଆମ୍ ଗରଜ
ମେନ୍ଦୁମାଏ ରଡ ନେତତ ଗେଜ୍ଜିରେର ମୋଙ୍ଗାଗୟ
ଆଲରିୟ ଆଲେ..
ଉଁ ଆଲରିବେ ଦଦଗୟେ..
ଆଇନେନାଇଁ ନେନ କରେ ତ ଜେଜ୍ଜରାଜତି
ଉପର ତଜ୍ଜି ମେନାକର ତଦେବେ ..
ଆଲରିୟ ଆଲେ....
ଉଁ ଆଲଗିବେ ତଲତେନେ
ଆମେରେନ ନେନେ ତରେଜ ଆୟରାଜରାଜିତ
ଇବେଦେଚ ଉବାରଜଜ୍ଜି ଗଜାରଜଜ୍ଜି ମେନ୍‌ମାତଜ୍ଜେଲେ
ଆଲରି ଆଲେ..
ଉ ଆଲଗିବେ ତଦଗୟେନ
ଆମେରନ୍ ନନେତଲେତ ରକେୟରତ
ତିଲ୍ଲି ନଇଡ ଦଣ୍ଡୁକାଲମେ ଅରୁଗଲ ମେନ
ପଜ୍ଜନତ ମେନତ ଏର୍‌ୟାମିଗ
(ମାଲତୀ୍ ଦୁରୁଆ, ଚମ୍ପା ଦୁରୁଆ : ସାନବୁଡୁଦି, ମାଲକାନଗିରି)

ଓଡ଼ିଆ ଭାବାର୍ଥ : ହେ ସାଙ୍ଗ, ଆଜି ଆମେ ମିଶିକରି ସାଙ୍ଗ ହୋଇ ଅଛୁ । କାଲିକି ଆମ ଏପରି ମିଶିକି ରହିପାରିବା ନାହିଁ । ଦିନେନା ଦିନେ ଅନ୍ୟ ଆଡ଼େ ଚାଲିଯିବା । ଆଉ ଖୋଜିଲେ ବି ସାଙ୍ଗହୋଇ ଏମିତି ଖେଳିପାରିବାନି, ବୁଲି ପାରିବାନି । ଏବେ ଆସ ହେ ସାଙ୍ଗ, ଆମେ ହସିଖେଳି ସମୟ ବିତାଇ ଦେବା । ଆମେ ଆଉ ହସିଖେଳି ପାରିବାନାହିଁ । ଏକଥା ଭାବିଲେ ବହୁତ ଦୁଃଖ ଲାଗୁଛି । ହେ ସାଙ୍ଗ, ଆସ ଆଜି ଏଇମଝି ଦାଣ୍ଡରେ ଖେଳିବା, ହସ ଖୁସିରେ ସମୟ ବିତାଇଦେବା ।

(୨) ଏଣ୍ଡିଆନା (ଡିଆଁଖେଳ )ଗୀତ :

ଇଆକାଇ ଆଜିଡି ଖେଲୁକାଇ ଜାମା
ଇଆକାଇ ଆଜିଡ଼ି ଖେଲୁକାର ଜାମା
ଆମର ବାଟେ ଖେଲୁ କିଆକାଇ ସପୁରୁବାଲି
ଲିକରୟା ଆଟା ଖେଲୁ
ଲିକରାୟା ଅଟା ଖେଲୁ
ଏଦେକାଇ ସପୁରୁବାଲି
ଏଦେକାଇ ସପୁରୁବାଲି ଲକୟାଆଟା ଖେଲୁ
ଇଆକାଇ ଆଜିଡ଼ି ଖେଲୁକାଇ ଜାମା
ଇଆକାଇ ଆଜିଡ଼ି ଖେଲୁକାଇ ଜାମା
ଆମର ବାଟେ ଖେଲୁ
ଏନେ ବେଲ ବେଲ ନଡେର ବେଲ
ଏନେ ବେଲ ବେଲ ନଡେର ବେଲ
ଆମର କେ ଚାଣ୍ଡୁଆ ବେଲକାଇ ସପୁରୁ ବାଲି
ଲକରୟା ଆଟା ଖେଲୁ
ଏ ଦେକାଇ ସପୁରୁବାଲି ଲକରାୟା ଆଟା ଖେଲୁ

(କୁମାରୀ ଦୁରୁଆ ଓ ଚମ୍ପା ଦୁରୁଆ : ସାନବୁଡୁବ : ମାଲକାନାଗିରି)

ଓଡ଼ିଆ ଭାବାର୍ଥ : ହେ ସାଙ୍ଗ ସରୁ ବାଲି (ସାଙ୍ଗ), ଲୁଚକାଳି ଓ ଡିଆଁ ଖେଳ ଖେଳିବା ଆସ । କେଉଁ ପ୍ରକାର ଖେଳ ଖେଳିବା ହେ ସାଙ୍ଗ, ଲୁଚକାଳି ଓ ଡିଆଁ ଖେଳ ଖେଳିବା । ଆମର ଦାଣ୍ଡରେ ଖେଳିବା ଆସ । ହେ ସାଙ୍ଗ, ଲୁଚକାଳି ଖେଳିବା ଆସ । ଏପଟେ ସେପଟେ ଦେଖୁ ଦେଖୁ ବେଳ ଗଡ଼ିଯାଉଛି । ସମୟ ସରିଯାଉଛି । ହେ ସାଙ୍ଗ, ଆଉ ଡେରି କରିବା ନାହିଁ । ଲୁଚକାଳି ଓ ଡିଆଁ

ଖେଳ ଖେଳିବା ଆସ । କାଲିକି ଆଉ ସମୟ ମିଳିବନି । ହେ ସାଙ୍ଗ, ଲୁଚକାଳି ଖେଳିବା ଆସ ।

(୩) ଦୁରୁଆ ଧାଙ୍ଗଡ଼ାମାନେ ରାତିରେ ହାତ ଧରାଧରି ହୋଇ ଖେଳିଥାନ୍ତି । ଏହି ସମୟର ଗୀତ :

ଏଡୁ ଏଡୁ ରା ତିଆଇ ତବେ
ଏଡୁ ଏଡୁ ଢେ ଢେ
ଲେ.. ଏ ଦୁଦୁ
ଲେ.. ଏ ଏଡୁ ଏଡୁ ତେଗିୟାରି ପାପୁନାନାର ଢିଅତି
ଏଡୁ.. ଏଡୁ.. ଗନ୍‌ତି ଆଗିନ ପାପୁ ଆରନ୍‌ଲେ
ଏଡୁ ଏ ନ୍ତାନ କହି ଆଇନ ପାପୁ ନାନା ଢିଅତି ଅରେ
ଏ ଏଡୁଏଡାନ ତେଲ ଏଣାନ୍ ପାପୁ ଆରନ୍ ଲେବୁ
ନ୍ତିଆଗିନ୍ ପାପୁ ଏରଡୁ ଏରନ୍‌ଲେ ନିରୁପକାଇ
ଲେରେ ଲେରେ ଢିଅତିରେ
ନିରୁ ପକାଇ ଲେରେ ଲେରେ
ଏଲି ଆଗିନ ପାପୁ ଆଗିନ୍ ବେଲେ ପକାନଲେ
ଏଡୁ ଏଡୁ ରାତି ଆଗିତବେ
ଏଡୁ ଏଡୁ ଢେଢେ
ଲେ ଏ ଦୁଦୁ ।

ଭାବାର୍ଥ : ଆସ ସମସ୍ତେ ମିଶି ହାତ ଧରାଧରି ହୋଇ ଖେଳିବା । ଏକଦୁଇ ଗଣି ଗଣି ଖେଳିବା । ଆସ ଦଉଡି ଦଉଡି ଖେଳିବା । ଗୀତଗାଇ ଗାଇ ଖେଳିବା । ଆସ ହାତ ଧରାଧରି ହୋଇ ଖେଳି ଖୁସି କରିବା । ବେଳ ହୋଇଗଲାଣି । ଶୀଘ୍ର ଆସ ଖେଳିବା ।

## ଚଇତ ପରବ ଗୀତ :

କୋରାପୁଟର ଆଦିବାସୀମାନଙ୍କ ଚଇତ ପରବ ଗୀତର ବୈଶିଷ୍ଟ୍ୟ ରହିଛି । ଅନ୍ୟ ଅଞ୍ଚଳର ଚଇତପରବଗୀତ ଠାରୁ କୋରାପୁଟର ବିଭିନ୍ନ ଆଦିବାସୀ ସଂପ୍ରଦାୟଙ୍କ ଏହି ଗୀତର ସ୍ୱରଝଙ୍କାର ଭାବାବେଗ ଓ ଗାୟନ ପରିପାଟୀରେ ସ୍ୱାତନ୍ତ୍ର୍ୟ ବିଦ୍ୟମାନ । ଧାଙ୍ଗୁଆ ସଂପ୍ରଦାୟଙ୍କ ଗୀତ କୁଡ଼ିଆ (ପୁରୁଷକଳାକାର) ଓ ଗୀତ କୁଡ଼ିଆଣୀ (ସ୍ତ୍ରୀ କଳାକାର)ମାନେ କେବଳ ଚୈତ୍ର ପର୍ବରେ ଯେ ଏହି ଗୀତ ଗାନ କରିଥାନ୍ତି, ତାହା ନୁହେଁ ବିଭିନ୍ନ ଅବସରରେ ଯେଉଁ ଶୃଙ୍ଗାର ଧର୍ମୀ ପ୍ରଶ୍ନୋତ୍ତର ମୂଳକ ଗୀତ ଗାନ କରିଥାନ୍ତି, ତାହା ଚଇତ ପରବଗୀତ ନାମରେ କଥିତ । ଏମାନେ ଆଶୁକବି ହୋଇଥିବାରୁ ପରିବେଶ ଓ ପରିସ୍ଥିତିକୁ ଉପଜୀବ୍ୟକରି ମନରୁ ପଦଯୋଡ଼ି ତତ୍‌କ୍ଷଣାତ୍ ଗୀତ ବାନ୍ଧିବା ଏହି ଗୀତର ବିଶେଷତ୍ୱ । ଏମାନଙ୍କ ମଧ୍ୟରେ ଗୀତ ମାଧ୍ୟମରେ ପ୍ରଶ୍ନୋତ୍ତର ଚାଲେ । ବିଜୟ ଲାଭ କରିଥିବା କଳାକାରଙ୍କୁ ଫୁଲମାଳ, ମୁଦି, ମିଠାଖଜା, ପାନ ଓ ବସ୍ତ୍ରାଦି ଉପହାର ଦିଆଯାଏ । ଏପରିକି ଗୀତ କୁଡିଆଣୀ ଗୀତରେ ପରାଜୟ ବରଣ କଲେ ଗୀତ କୁଡ଼ିଆ ସାଙ୍ଗରେ ତାକୁ ରହିବାକୁ ପଡ଼ିଥାଏ ସାରାଜୀବନ । ଏହି ଚଇତ ପରବ ଗୀତର ସୀମା ଓ ସରହଦ ନିର୍ଣ୍ଣୟ କରିବା କଷ୍ଟସାଧ୍ୟ । ଏହାର ପରିସର ଏତେ ବ୍ୟାପକଯେ, ଛନ୍ଦରାଗିଣୀ ଏକା ହେଲେ ହେଁ ପ୍ରତ୍ୟେକ ପଂକ୍ତିର ଭାବରେ ନୂତନତା ଲକ୍ଷ୍ୟ କରାଯାଏ । ଏହାର କାରଣ ପୂର୍ବପ୍ରସ୍ତୁତି କିମ୍ବା ମୁଖସ୍ଥବିନା ଜଣକର ଗୀତ ମାଧ୍ୟମରେ ପ୍ରଦାନ କରିଥାଏ । ଧାଙ୍ଗୁଆ ସଂପ୍ରଦାୟଙ୍କ ଦେଶିୟା ଭାଷାରେ ଅସଂଖ୍ୟ ଚଇତପରବ ଗୀତ ଶୁଣିବାକୁ ମିଳିଥାଏ । ତନ୍ମଧ୍ୟରୁ କିଛି ଗୀତ ହେଉଛି :-

ଚଇତ ପରବଗୀତ ପ୍ରାରମ୍ଭରେ ଦେବଦେବୀ ବନ୍ଦନା :

ପୁରୁଷ - ଇ..ଏ.. ଜୟମହାମାଇ ଜୟମା କମଲା
ଜୟ ମାଗୋ ଦନ୍ତେଶ୍ୱରୀ
ତମର ନାମ ଧରି ଗୀତ ମୁଇଁ ଗାଇବି
ମାଟିକୁ ସୁରନା କରି
ମୁଇଁ ମାଟିକେ ସୁରନା କରି ଗରୀ ଧନ

ମାଟିକେ ସୁରନା କରି
ଦେବତା ଆସନେ ଖିଲର ଲାଟି
ଜୁଆର ଜୁଆର ଲାଟି
ମଞ୍ଚ ମଣ୍ଡଲରେ ଦେବତା କେତେ
ଗୋଟେ ଗୋଟେ କରି କଇବି କେତେ
ଆଉରି ଗୋଟେକେ ଡୁମ୍ମା
ରହେଲାକ ଧନୀ ଦିଣ୍ଡାକ କୁଲରେ
ଆଗ ରଜା ଗୁଡ଼ା ଭୀମା
ମୋର ଆଗେ ରଜା ଗୁଡ଼ା ଭୀମା ନାଦେକାସ
ଆଗରଜା ଗୁଡା ଭୀମା ।

ଭାବାର୍ଥ : ହେ ଜୟ ମହାମାୟୀ, ଜୟ ମା କମଳା, ହେ ମା' ଦନ୍ତେଶ୍ୱରୀ, ତୁମର ନାମ ଧରି ମୁଁ ଗୀତ ଗାଇବି, ମାଟି ମା'କୁ ସ୍ମରଣା କରି । ଦେବତାଙ୍କ ଆସନରେ ବାଉଁଶର ଲାଠି (ଦେବତାଙ୍କ ପ୍ରତୀକ) ହେ ମା'ମାଟି ଦେବତା, ପୃଥିବୀମାତା, ତୋତେ ଜୁହାର । ଏହି ମଞ୍ଚପୁରରେ ଯେତେ ଦେବତା ଅଛନ୍ତି ମୁଁ କଣ ଜଣ ଜଣ କରି ସମସ୍ତଙ୍କୁ ଡାକି ପାରିବି ? ଆଉ ଗୋଟିଏ ଦେବତା 'ଡୁମ୍ମା' (ପିତୃ ପୁରୁଷଙ୍କ ଆତ୍ମା) ତାଙ୍କୁ ଜୁହାର । ରାଜାଙ୍କ ନଅରରେ ଥିବା ଭୀମାଦେବତାଙ୍କୁ ମୁଁ ଆଗ ସ୍ମରଣା କରିବି ।

ସ୍ତ୍ରୀ : ଇ..ଏ.. ତୁମେ ଗୁହାରିଲେ ଦେବୀ ଦେବତାକେ
ଆମେ ଗୁହାରିବୁ କାକେ
ହଇ ରସବତୀ ଏଇମୋ ସେବତୀ ଆମେ ଗୁହାରିବୁ କାକେ
ତୁମେ ଗୁହାରିଲେ ଦେବୀ ଦେବତାକେ
ଆମେ ଗୁହାରିବୁ କାକେ
ଆମେ ଗୁହାରିବୁ କାକେ
ଆମ ଗାଏଁ ଅଛେ ମାଉଲି ମାତା

ତାକେ ଗୁହାରିବୁ ଆମେ

ତାକେ ଗୁହାରିବୁ ଅମେ ଆଜି ହେଲେ

ତାକେ ଗୁହାରିବୁ ଆମେ

ଭାବାର୍ଥ : ହେ, ତୁମେ ସବୁ ଦେବୀଦେବତାଙ୍କୁ ଗୁହାରିଲେ ଆମେ କାହାକୁ ଗୁହାରିବୁ । ହେ ରସବତୀ, ହେ ମୋର ସେବତୀ ଆମେ କାହାକୁ ଗୁହାରିବୁ ? ଆମର ଗ୍ରାମରେ ଅଛନ୍ତି ମାଉଳି ମାତା । ତାଙ୍କୁ ଆଜି ଆମେ ଗୁହାରିବୁ ।

ପୁ - ଇ..ଏ... ତମେ ଗୁହାରିବ ଦେବୀ ଦେବତାକେ

ଆମେ ଗୁହାରିବୁ କାକେ

ଆମେ ଗୁହାରିବୁ କାକେ ଗୋରୀଧନ

ମାତା ମାଉଳିକି ମାନ ମାଗି ଯିବି

ଦେବକି ନଦେବ ମୋକେ

ଦେବକି ନ ଦେବ ମୋକେ ରସବତୀ

ଦେବକି ନଦେବ ମୋକେ

ଭାବାର୍ଥ : ତୁମେ ଦେବୀ ଦେବତାଙ୍କୁ ଗୁହାରିଲେ, ହେ ଗୋରୀଧନ, ଆମେ କାହାକୁ ଗୁହାରିବୁ । ଆମେ ମାଆ ମାଉଳୀଙ୍କୁ ଆମର ସମ୍ମାନରକ୍ଷା ନିମନ୍ତେ ନିବେଦନ କରିବୁ । ସେ ଆଶୀର୍ବାଦ ଦେବେକି ନଦେବେ ମୋତେ ?

ସ୍ତ୍ରୀ : ଇ....ଏ...ଆମର କେନ୍ଦୁଗୁଡ଼ା ପାଟ ବାଉନି

ଲୁଆର ଦେବତା ମାଆ ଦାଉନି

ଲୁଆର ହୁଣ୍ଡୀ ଦାରୁନି

ଆମର କେନ୍ଦୁଗୁଡ଼ା ପାଟ ବାଉନି

ଲୁଆର ଜଗତ ମାଆ ଦାଉନି

ରଖି ମାଏ ଭଣ୍ଡାରୁନି

ଆମର ଗାଏଁ ଅଛେ ବୁଢ଼ୀ ଠାକୁରାନୀ
ତାକେ ଗୁହାରିବୁ ଆମେ
ତାକେ ଗୁହାରିବୁ ଆଜି ଆମେ

ଭାବାର୍ଥ : ହେ, ଆମର କେନ୍ଦୁଗୁଡ଼ାରେ ପାଟମାଉଲି ଅଛନ୍ତି । ହେ ମାଆ ଜୁହାର । ହେ ହୁଣ୍ଡୀ ମାଆ ଜୁହାର । ହେ ମାଆ ଭଣ୍ଡାର ଘରଣୀ ତୁମକୁ ଜୁହାର । ଆମର ଗାଆଁରେ ଅଛନ୍ତି ବୁଢ଼ୀ ଠାକୁରାଣୀ ଆମେ ତାଙ୍କୁ ଗୁହାରିବୁ । ଆଜି ଆମେ ତାଙ୍କୁ ଗୁହାରିବୁ ।

ପୁ - ଜୟମା କାଲିକା ଜୟ ମାଗୋ ଦନ୍ତେଶ୍ୱରୀ
ଜୟ ମାଗୋ ଦନ୍ତେଶ୍ୱରୀ
ଚଇତ ପରବ ଗୀତକେ ରଖୁନି
ଡାଲ ମୁଲିଆ ଦୁଇଟା ଗାଉ
ଡାଲ ମୁଲିଆ ଦୁଇଟା ଗାଉ ରସବତୀ
ଡାଲ ମୁଲିଆ ଦୁଇଟା ଗାଉ
ନାନାରସବତୀ ବଲାରେ ମାଲତୀ
ଡାଲମୁଲିଆ ଦୁଇଟା ଗାଉ
ଶୁନିବା ଲୋକକେ
ଡାଲ ମୁଲିଆ ଗାଇ ଟକୁନି
ଶୁନିବା ଲୋକକେ ଜଟୁ
ଶୁନିବା ଲୋକକେ ଜଟୁ ।

ଓଡ଼ିଆ ଭାବାର୍ଥ : ହେ ଜୟ ମାଆ କାଳିକା, ଜୟ ମାଗୋ ଦନ୍ତେଶ୍ୱରୀ, ଚଇତପରବଗୀତ ମୁଁ ଗାଇବି ତୁ ରକ୍ଷାକରଗୋ ମାଆ । ଚଇତ ପରବଗୀତର ଡାଲମୁଲିଆ (ବିଭିନ୍ନ ଭାବରଗୀତ) ଗାଇବା । ହେ ରସବତୀ, ହେ ମୋର ମାଳତୀ ଦିପଦ ଚଇତ ପରବଗୀତ ଗାନ କରିବା । ଶୁଣିବା ଲୋକଙ୍କୁ ଗୀତଗାଇ ଭୁଲାଇଦେବା, ଗୀତ ଗାଇ ଆମେ ଶୁଣିବା ଲୋକଙ୍କୁ ମଜ୍ଜେଇ ଦେବା ।

ସ୍ତ୍ରୀ - ହଇ ଏ ମୁଦିଁ ମାଗିବୁ ବୋଇଲେ ମୁଦିଁ ନ ଆନୁ

ଗୀତ ଗାଏବେ ବୋଇଲେ ଗୀତ ନଏ ଆନୁ

ତମର ଗାଁଏ କଲୁ ବାସା

ହଏରସବତୀ ହଏବଲା ମାଲତୀ ତମର ଗାଏଁ କଲୁବସା

ହୀରା ନୀଲା ମୁଦିଁ ସଜାଇ ରଖୁକାଇ

ଆମର କେନ୍ଦୁଗୁଡ଼ା ହାଟେ ଆନ୍‌କେ ଆସା

ଏବେଲା ମାଲତୀ ଆମର କେନ୍ଦୁଗୁଡ଼ା ହାଟେ ଆନ୍‌କେ ଆସା

ଏ ବେଲା ମାଲତୀ ଆମର କେନ୍ଦୁଗୁଡ଼ା ହାଟେ ଆନ୍‌କେ ଆସା

ଆମର କେନ୍ଦୁଗୁଡ଼ା ଆନ୍‌କେ ଆସା

ଆଜିହେଲେ ଆସିବି ..

ଭାବାର୍ଥ : ହେ, ତୁମେ ମୁଦି ମାଗିବ ଯଦି ଆମେ ମୁଦି ଆଣିନାହୁଁ । ଗୀତ ମାଗିବ ଯଦି ଗୀତ ଆଣିନାହୁଁ । ତୁମର ଗାଆଁରେ ଆସି ଆମେ ରହିଛୁ । ଆମେ ହୀରା ନୀଳା ମୁଦି ସଜେଇ ରଖିଥିବୁ । ତୁମେ ଆମର କେନ୍ଦୁଗୁଡ଼ା ହାଟକୁ ନେବାପାଇଁ ଆସ । ହେ ମାଳତୀ, ତୁମେ ଆମର କେନ୍ଦୁଗୁଡ଼ା ଗାଆଁକୁ ମୁଦି ନେବାକୁ ଆସ ।

ପୁ - କାକଡ଼ି ମସଲା ବାରଖଣ୍ଡ ପାଲି

ମଝେ ଗାଉଁ ବସେ ବାଲି

ନାନା ରସବତୀ ମଝେ ଗାଉଁ ବସେ ବାଲି

ତମ ସଂଗେ ବନ୍ଧୁ ହୋଇଲି ବାଇ

ମୋକେ କିରସ ଦେଲ ଲଗାଇ

ମୋକେ ଛାଡ଼ିବାକୁ ମନନାଇଁ

ନାନାରସବତୀ ବୋଲରେ ମାଲତୀ ମୋକେ ଛାଡ଼ିବାକୁ ମନନାଇଁ ।

ଭାବାର୍ଥ : ହେ କାକୁଡ଼ି ଲଟା ଚାରିଆଡ଼େ ମାଡ଼ିଗଲା । ଗାଆଁ ମଝିରେ ବାଲିଯାତ୍ରା ବସେ । ହେ ରସବତୀ, ଗାଆଁ ମଝିରେ ବାଲିଯାତ୍ରା ବସେ । ହେ

ବନ୍ଧୁ, ତୁମ ସହ ମିଶି ପାଗଳ ହୋଇଗଲି । ମୋତେ କି ପ୍ରକାର ରସ ଲଗାଇ ଦେଇଛ ଯେ, ତୁମକୁ ଛାଡ଼ିବା ମୋର ମନ ହେଉନି । ହେ ରସବତୀ, ହେ ମାଳତୀ, ତୁମକୁ ଛାଡ଼ିବାକୁ ମୋର ଇଛା ହେଉନି ।

ସ୍ତ୍ରୀ – ବାଉଁଶ ଉପରେ ବସିଲା ଶାରୀ
ଆମେ ପରଘର ପର ବୁଆରୀ
କଥା କହୁ ଅଛି ନୟନ ଠାରି
କହ କାନ୍ତ ଫେଡିକରି
କହ କାନ୍ତ ଫେଡିକରି
ନଏ କାନ୍ତ ମନ ମାରି
କାଇଲା ଜୀବନ ଅରଜିଲା ଧନ
ନଏ କାନ୍ତ ମନ ମାରି
ନଏ କାନ୍ତ ମନ ମାରି
ଆଜି ହେଲେ ନଏ କାନ୍ତ ମନ ମାରି
ଛାଡ଼ି ନ ଛାଡ଼ି ନଯା ବନ୍ଧୁ ବତାସ ଜନି ଡଙ୍ଗରେ
ଜନି ଡଙ୍ଗରେ ଜନି ଡଙ୍ଗରେ
ଜନି ଡଙ୍ଗରେ ଜନି ଡଙ୍ଗରେ
ମୁଇଁ ଆସିବି ତମ ସଙ୍ଗରେ
ଆଜି ହେଲେ ଆସିବି ତମ ସଙ୍ଗରେ

ଭାବାର୍ଥ : ହେ ବାଉଁଶ ଉପରେ ଶାରୀ ବସିଲା । ଆମେ ହେଉଛୁ ପରଘରର ବୋହୂ । ତଥାପି ଆଖି ନଚାଇ କଥା କହୁଛୁ । ହେ ପ୍ରିୟ ଖୋଲି କରି କହ ତୁମ ମନର କଥା । ତୁମେ ମନମାରି ରହ ନାହିଁ । ଅସହାୟ ଜୀବନ ଓ ଅର୍ଜିତ ଧନ । ତୁମେ ମନମାରି ରହ ନାହିଁ । ତୁମେ ଛାଡ଼ିଯାଅ ନାହିଁ ମୋତେ, ମୁଁ ଜହ୍ନିବାଡ଼କୁ ଆସିବି ତୁମରି ସାଥେ ।

ପୁ - ଏ... ହେ..... ଶଏ ଶାରୀ ଶୁଆ ଘଟ ମାଲିଆରେ
ଉତରିଲା ଡେଲି ଥିଲେ
ନାନା ରସବତୀ ଏବୋଲା ମାଲତୀ
ଉତରିଲା ଡେଲିଥିଲେ ।
ଆଖି ମାରିଦେଲେ ଆସିବୁ ଆମେରେ
ତମରି ସୁଦୟା ହେଲେ
ମୋର ନାନା ରସବତୀ ଏ ବୋଲା ମାଲତୀ
ତମରି ସୁଦୟା ହେଲେ

ଭାବାର୍ଥ : ହେ, ଶହେ ଶାରୀଶୁଆ ଜମା ହୋଇ କାଠ ଖୁଣ୍ଟ ଉପରକୁ ଓହ୍ଲାଇଲେ । ତୁମେ ଆଖି ମାରିଦେଲେ ଆମେ ତୁମ ସହ ଆସିବୁ । ତୁମର ସୁଦୟା ହେଲେ ଆମେ ଆସିବୁ । ହେ ରସବତୀ, ହେ ମାଲତୀ ଆମେ ତୁମସହ ଆସିବୁ ।

ସ୍ତ୍ରୀ – ଏ .. ହେ.. ଧାନ ବୁନିଗଲି ନାଲି କେ ନାଲି
ଗାଈ ଖାଇଗଲା କେଦନ କଲି
ମୁଁଇ ସେଦିନ ସେ ହାଟେ ଗଲି
ହାଏ ରସବତୀ ମୁଇଁ ସେଦିନ ସେ ହାଟେ ଗଲି
ପାରୁଆ ଦିନକେ ଡିଣ୍ଡାରଇ ରଲି
ମୁଇଁ ସେଦିନ ଡିଣ୍ଡାରଇଲି
ଏସୁର ଦିନକେ ଘର ଜଞ୍ଜାଳରେ ମୁଁଇ ସେଦିନ
ଗୁମାନରେ ଭାରିଗଲି

ଭାବାର୍ଥ : ହେ, ଧାନ ବୁଣିଦେଲି ଧାଡ଼ି ଧାଡ଼ି, ଗାଈ ଖାଇ ଦେଲାରୁ କାନ୍ଦିଲି । ମୁଁ ସେଦିନ ହାଟକୁ ଯାଇଥିଲି । ମୁଁ ସେଦିନ ଯୁବତୀଥିଲି । ଏବେ ମୁଁ ଘର ଜଞ୍ଜାଳରେ ବୁଡ଼ି ରହିଛି । ଅଭିମାନରେ ଚାଲିଗଲି ।

ପୁ- ଏ ହେ ନାନା ରସବତୀ ବଲାବ ମାଲତୀ
ଗୁମାନରେ ଭାରିଗଲୁ
ତମେଗୁମାନରେ ଭାରିଗଲ
ଗୁମାନରେ ଭାରିଗଲ
ଆସିବି ବୋଲି ବାକେ ମୁଇଁ ବାଟେ ରହିଗଲି
ଟକି ହୋଇ ମରିଗଲି
ଇଟା ଝିକି ହୋଇ ମରିଗଲି
ଆଜି ହେଲେ ଝିକି ହୋଇ ମରିଗଲି ।

ଭାବାର୍ଥ - ହେ, ନାନା ରସବତୀ, ହେ ମାଳତୀ, ତୁ ଗୁମାନରେ ଚାଲିଗଲୁ । ତୁ ଆସିବୁ ବୋଲି କଥା ଦେଇଥିବାରୁ ମୁଁ ବାଟରେ ତୋତେ ଅପେକ୍ଷା କରିଥିଲି । କିନ୍ତୁ ତୁ ନ ଆସିବାରୁ ମୁଁ ଠକିହୋଇ ମରିଗଲି । ମୁଁ ହତାଶ ହୋଇ ମରିଗଲି ।

ସ୍ତ୍ରୀ - ଏ ହେ ପିପଲ ପତର ପରନି ମାରେ
ତୋତେ ଦେଖି ଧନ ଜୀବନଝୁରେ
ଡେନା ଧରି ନେତି ଗରେ
ହାଏ ରସବତୀ ଡେନା ଧରି ନେତି ଗରେ
ତମର ଘରେ ଅପା ଜାନି ଶୁନି ଜାଇସି ବୋଲି
ଅଲପ ଜୀବନ ଡରେ
ଆଜି ହେଲେ ଅଲପ ଜୀବନ ଡରେ ।

ଭାବାର୍ଥ : ହେ, ଓସ୍ତ ପତ୍ର ପବନରେ ଥରି ଉଠେ । ହେ ଧନ, ତୋତେ ଦେଖି ମୋ ଜୀବନ ଝୁରି ହୋଇ ଯାଉଛି । ହେ ରସବତୀ, ତୋତେ ଡେଣା ଧରି ମୋ ଘରକୁ ନେଇଥାନ୍ତି । ତୁମ ଘରର ଲୋକ ଶୁଣିଦେବେ, ଜାଣିଦେବେ ବୋଲି ମୁଁ ଟିକେ ଡରୁଛି । ଆଜି ମୁଁ ଟିକେ ଡରୁଛି ।

ପୁ- ଏ ହେ ଜଡ଼ା ମୁଡ଼ାନଲି ଅଁଷା ଭଙ୍ଗା ନଲୀ
ବେକରେ ଗୁଲିରେ

ବାନୁଆ ବନରେ ଥିଲି
ମୁଇଁ ଫଲନାତୋର ମୋର କାଢେରଇଲେ
ଭୁତିନା ପଠାଇ ତର
ମୁଇଁ ଫଲନା ତର ମୋର କାଢେ ଉଇଲେ
ଭୁତିନା ପଠାଇ ତର
ଭୁତିନା ପଠାଇ ତର
ମୁଇଁ ଦୁଃଖ ଚିନା କରି ପୋଷିବି ମୋର
ବପା ନ ଦେଲାନି ତର

ଭାବାର୍ଥ : ହେ, ମୁଁ ମୋଡ଼ା ବନ୍ଧୁକସହ ବେକରେ ଗୁଳି ପକାଇ ବଣରେ ବାଣୁଆ ହୋଇ ରହିଥିଲି । ମୁଁ ଅମୁକ ଲୋକ ମୋର ହୋଇ ତୁ ରହିଲେ ତୋତେ କୁଲି ଲାଗିବାକୁ ପଠାଇବି ନାହିଁ । ତୋର ଦୁଃଖ ଜାଣି ତୋତେ ମୁଁ ପୋଷିବି । ତୋ ବାପା ମୋତେ ତ ଦେଉନି ।

ସ୍ତ୍ରୀ – ଏ .. ହେ.. ଆମେ ତିନି ନାରୀ ଡଲି କିଆରୀ ତୁମେ ତ ବୃଷ ନଙ୍ଗଲ

ଏ ରସବତୀ ବଳାରେ ମାଲତୀ ତୁମେ ତ ବୃଷ ନଙ୍ଗଲ
ଈଶ୍ୱର ମାଗିବାର ବଏଲ ନଙ୍ଗଲ
ଇନ୍ଦ୍ରକେ ମାଗିବାର ଜଲ
କମାଇ ଜମାଇକରି କୁଟୁମ୍ବ ପାଲିଲେ
ସମସ୍ତେ ବୋଲିବାର ଭଲ
ଆଜି ହେଲେ ସମସ୍ତେ ବୋଲିବାର ଭଲ
କି କରି ମରି ଏକଟା କାଇଜନେ
କି କରି ମରି ଏକ୍‌ଟା କାଇଜନେ
ଦୁଇ କଟା ଜନେ
ଦୁଇକଟା ଜନେ

ମୁଁଇ ଉଲୁକି ମରିଲି ବନେ
ଆଜି ହେଲ ମୁଁଇ ଉଲୁକି ମରିଲି ବନେ

ଭାବାର୍ଥ : ଆମେ ତିନି ନାରୀ ଅପନ୍ତରା ଜମିପରି । ତୁମେ ବଳଦ ଓ ନଙ୍ଗଳ ପରି ପୁରୁଷ ଜାତି । ଏରସବତୀ, ଏ ମାଳତୀ ତୁମେ ତ ବଳଦ ଓ ନଙ୍ଗଳ । ଈଶ୍ୱରଙ୍କୁ ବଳଦ ନଙ୍ଗଳ ମାଗିବା ଓ ଇନ୍ଦ୍ରକୁ ଜଳ ମାଗି ପରିଶ୍ରମକରି କୁଟୁମ୍ବ ପାଳିଲେ ଆମକୁ ସମସ୍ତେ ଭଲ କହିବେ । ମୁଁ ଦୁଇ ନାଆଁରେ ଗୋଡ଼ ଦେଇଛି। କଣ କରିବି । କେଉଁ ବଣରେ ଯାଇ ପଶିବି, ଭାଲି ଭାଲି ମରିବି ।

ପୁ- ଇ... ଏ.. ତର ପରାଧନ ମୋର ଘରେ ରଇଲେ
ଲେଡି ଚୁମା ଦେତି ଡେବିରି ଗାଲେ
ଡେବିରି ଗାଲେ ଡେବିରି ଗାଲେ
ମୁହଁ ଦେଖାଦେଖି ଗୁପତ ଭାବନା
ଚେଗତି ବଇଁଶ ବେଲେ
ଚେଗତି ବଇଁଶ ବେଲେ ଗରୀଧନ
ଚେଗତି ବଇଁଶ ବେଲେ

ଭାବାର୍ଥ : ହେ, ତୋର ପରି ଧନ ମୋର ଘରେ ରହିଲେ । ତୁମର ବାମ ଗାଲରେ ଜୋରକରି ଚୁମା ଦେଉଥାନ୍ତି । ତୋର ମୁହଁ ଦେଖିକି ଘରେ ରହିଥାନ୍ତି । ତୋ ସହ ପ୍ରଣୟରେ ମାତିରହିଥାନ୍ତି । ଏଇ ଉତର ବୟସରେ ହେ ଗୋରୀ ଧନ, ଆସ ଆମେ ମାତିଯିବା ।

ସ୍ତ୍ରୀ - ଏ...ଇ.... ଆସିବୁ ପରାତ ତୁମ ଘରକୁ
ଅନଜଲ ଦେଇ ରଖ ଆମକୁ
ତମ ପଡ଼ିଶାରେ ଥିବି
ରସବତୀ.. ତମ ପଡ଼ିଶାରେ ଥିବି
ଯାହା ଦେଲେ ଧନ ତାହା ଖାଇବି

ତମର ହୋଇ ରହିବି
ଆଜି ହେଲେ ତମର ହୋଇ ରହିବି ।

ଭାବାର୍ଥ : ମୁଁ ତୁମ ଘରକୁ ଯିବି । ମୋତେ ଅନ୍ନ ଜଳଦେଇ ରଖିବ । ତୁମ ପଡ଼ିଶାଘରେ ଆମେ ରହିବୁ । ଯାହା ତୁମେଦେବ ଆମେ ଖାଇକି ତୁମର ହୋଇ ରହିବୁ । ଆଜି ମୁଁ ତୁମର ହୋଇ ରହିବି ।

ପୁ- ତୁମେ ଗୋରୀଧନ ମୋର ଘରେ ଥିଲେରେ
ତୁମେ ଗୋରୀଧନ ମୋର ଘରେ ଥିଲେ ରେ
ସେବା କରିଥିକାର ଦିନରାତି ଧନ
ମୋର କଥା ଭଲେ ରଲେ
ନାନା ରସବତୀ ହେ ବୋଲା ମାଲତୀ
ମୋର କଥା ଭଲେ ରଲେ

ଭାବାର୍ଥ : ତୁମ ପରା ଗୋରୀଧନ ମୋ ଘରେ ରହିଲେ ମୁଁ ଦିନରାତି ତୁମର ସେବା କରିଥାନ୍ତି । ମୋ କଥା ଭଲରେ ମାନି ରହିଲେ ହେ, ରସବତୀ, ମୁଁ ତୁମର ଦିନରାତି ସେବା କରିଥାନ୍ତି ।

ସ୍ତ୍ରୀ - ଲଙ୍କାର ରାବନ ଟେକା ଦରପନ
ଆଏ ରସବସୀ ସବୁଠରେ ଶୋଭାବନ
ତୋର ପରା ଛାଲିଆ ମୋର ଘରେ ଥିଲେରେ
ଭିକ୍ଷା ମାଗି ଯିବା ଦିନ
ଭିକ୍ଷା ମାଗି ଯିବା ଦିନ
ଆଜି ହେଲେ ଭିକ୍ଷା ମାଗି ଯିବା ଦିନ ।

ଭାବାର୍ଥ : ହେ, ଲଙ୍କାର ରାବଣ ଦର୍ପଣ ପରି ସବୁଠାରେ ସୁନ୍ଦର । ହେ ରସବତୀ, ତୁ ଭାରି ସୁନ୍ଦର । ତୋ ପରି ଚାଲାକ ଲୋକ ମୋ ଘରେ ଥିଲେ, ଆମେ କିଛି ନ ହେଲେ ବି ଭିକ୍ଷାମାଗି ଦିନରାତି ବଞ୍ଚି ପାରିବା ।

**ସୃଷ୍ଟିପୁରାଣ :**

ସୃଷ୍ଟି ପୁରାଣ ବା ମିଥ୍ ପୌରାଣିକ କାହାଣୀର ଚରିତ୍ରାୟନ ଯୁକ୍ତ ଦୈବିକ ଓ ଅଲୌକିକ ବିଷୟ ସମ୍ବଳିତ ଗଦ୍ୟ । ବିଭିନ୍ନ ଆଦିବାସୀଙ୍କ ପରି ଧାରୁଆଙ୍କ ବିଶ୍ୱାସଯେ, ଏହି ପୃଥିବୀରେ ଜଡ଼ ଓ ଜୀବଜଗତ କେତେକ ଅଦୃଶ୍ୟ ଶକ୍ତିଙ୍କ ଦ୍ୱାରା ପରିଚାଳିତ । ଏଥିପାଇଁ ଏମାନେ ବହୁ ଅଦୃଶ୍ୟଶକ୍ତିଙ୍କୁ ବିଭିନ୍ନ ଦେବଦେବୀରୂପେ ପୂଜା କରିଥାନ୍ତି । ସୃଷ୍ଟି ପ୍ରାରମ୍ଭରୁ ଅଲିଖିତ ଭାବେ ଚଳିଆସୁଥିବା ସାମାଜିକ ଓ ଧର୍ମୀୟ ରୀତିନୀତି ଓ ପ୍ରଥା ପରଂପରା ପରବର୍ତ୍ତୀ କାଳରେ କିମ୍ବଦନ୍ତୀ ଓ ମିଥ୍‌ର ରୂପ ଗ୍ରହଣ କରିଥାଏ । ଧର୍ମୀୟ ବିଶ୍ୱାସ ହିଁ ମିଥ୍‌ର ପ୍ରାଣ । ଧାରୁଆମାନଙ୍କ ପୂଜା ପାର୍ବଣ, ଦେବଦେବୀ ଉପାସନା, ଏମାନଙ୍କ ମହିମା ଓ ସୃଷ୍ଟି ରହସ୍ୟ ତଥା ମାନବଦାନବ, ଜଳ, ଅଗ୍ନି, ବାୟୁ, ପାହାଡ଼, ପର୍ବତ, ବଣଜଙ୍ଗଲ, ଚନ୍ଦ୍ରସୂର୍ଯ୍ୟ ଓ ଗ୍ରହନକ୍ଷତ୍ର ପ୍ରଭୃତି ଜଡ଼ ଓ ଜୀବ ଜଗତର ସୃଷ୍ଟି ରହସ୍ୟ ମୂଳକ ଆଖ୍ୟାନସବୁ ମିଥ୍‌ରୂପରେ ପ୍ରଚଳିତ । ଏମାନଙ୍କ ମିଥ୍ ମଧ୍ୟରେ ମାଉଳି ଓ ହୁଣ୍ଡୀ ଦେବୀଙ୍କ ସୃଷ୍ଟି, ପାହାଡ଼ ପର୍ବତ, ବଣ ଜଙ୍ଗଲ, ମହୁଲୀ ଓ ଲନ୍ଦା ନିଶାପାନୀୟ ଆଦିର ସୃଷ୍ଟି ମୂଳକ ମିଥ୍ ପ୍ରଚଳିତ ଥିବା କ୍ଷେତ୍ର ଅଧ୍ୟୟନରୁ ଜଣାଯାଏ ।

ମାଉଳୀ ଓ ହୁଣ୍ଡୀ ଦେବୀଙ୍କ ସୃଷ୍ଟି – ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀଙ୍କ ପ୍ରତ୍ୟକ୍ଷ ଦେବୀ ହେଉଛନ୍ତି ମାଉଳୀ ଦେବୀ । ଏହି ଦେବୀ ଧାରୁଆଙ୍କ ଇଷ୍ଟଦେବୀ ବୋଲି ଦାବୀ କରନ୍ତି । ପ୍ରତ୍ୟେକ ଧାରୁଆ ଗ୍ରାମରେ ଏକଗଛ ମୂଳରେ ଗ୍ରାମର ରକ୍ଷାକର୍ତ୍ତୀ ଦେବୀ ହୁଣ୍ଡୀ ବା ଗ୍ରାମଦେବତୀଙ୍କ ଆସ୍ଥାନ ରହିଥାଏ । ମାଉଳୀ ଓ ହୁଣ୍ଡୀ ଦେବୀଙ୍କ ସୃଷ୍ଟି ସଂପର୍କରେ ଧାରୁଆ ସଂପ୍ରଦାୟରେ ପ୍ରଚଳିତ ମିଥ୍‌ଟି ଏହିପରି : ପ୍ରଥମେ ଧାରୁଆଙ୍କ ସାତଭାଇଥିଲେ । ସେତେବେଳକୁ ଗ୍ରାମରେ ମାଉଳୀ, ହୁଣ୍ଡୀ କିମ୍ବା ଦିସାରୀ ଓ ଗୁରୁମାଈ କେହି ନଥିଲେ । ଦିନେ ସାନଭାଇ ଜଙ୍ଗଲକୁ ଶିକାର କରିବାକୁ ଯାଇଥାଏ । ସେ ଜଙ୍ଗଲରେ ବୁଲୁ ବୁଲୁ ଏକ ପାହାଡ଼ର ବଡ଼ ପଥର ଖଣ୍ଡ ଉପରେ ଗୋଟିଏ ଗୟଳ ମରିପଡ଼ିଥିବାର ଦେଖିଲା । ସେଦିନ ସନ୍ଧ୍ୟାରେ ସେ ଘରକୁ ଫେରିଲା । ରାତିରେ ତାକୁ ସ୍ୱପ୍ନ ହେଲା ।

ସ୍ୱପ୍ନରେ ତାଙ୍କୁ କେହି କହିଲେ ଯେ, ଆଗାମୀ ତିନି/ଚାରିଦିନ ଭିତରେ ତାଙ୍କ ଅଞ୍ଚଳରେ ପ୍ରଳୟ ହୋଇ ସମସ୍ତେ ଭାସିଯିବେ । ଏଥିରୁ ରକ୍ଷା ପାଇବା ପାଇଁ ଗ୍ରାମରେ ହୁଣ୍ଡୀ ଦେବତା ବୋଲି ଗ୍ରାମଦେବତୀଙ୍କୁ ବସାଇବାକୁ ପଡ଼ିବ ଓ ପାହାଡ଼ରେ ମାଉଳୀଙ୍କୁ ମଧ୍ୟ ପୂଜା କରିବାକୁ ପଡ଼ିବ । ଦେବୀଙ୍କ ପୂଜା ଦାୟିତ୍ୱ ଗ୍ରାମର ଜଣେ ଜଣାଶୁଣା ବ୍ୟକ୍ତିଙ୍କୁ ଦିସାରୀ ଭାବେ ଦେବାକୁହେବ ଓ ଲୋକଙ୍କୁ ଝଡ଼ାଫୁଙ୍କା କରିବାପାଇଁ ଏକ ନାରୀକୁ ଗୁରୁମାଇ ଭାବେ ଦାୟିତ୍ୱ ଦେବାକୁ ହେବ । ସ୍ୱପ୍ନ ଦେଖି ସାନ ଭାଇଟି ତା'ପରଦିନଠାରୁ ଭୀଷଣ ଜ୍ୱରରେ ପୀଡ଼ିତ ହେଲା । ସେ ତା'ର ଅନ୍ୟଛଅ ଭାଇଙ୍କୁ ଡାକି ସେ ସ୍ୱପ୍ନ ଦେଖିଥିବା ସମସ୍ତ କଥା କହିଲା । ସେମାନେ ଗ୍ରାମକୁ ରକ୍ଷା କରିବାପାଇଁ ଏକ ଗଛମୂଳେ ପଥରପୋତି ଗ୍ରାମରେ ହୁଣ୍ଡୀଙ୍କୁ ବସାଇଲେ ଓ ପାଖ ପାହାଡରେ ମାଉଳୀଦେବୀଙ୍କୁ ପ୍ରତିଷ୍ଠା କରି ଗ୍ରାମର ଜଣେ ଜାଣିବାଲୋକଙ୍କୁ ଦିସାରୀ ଭାବେ ଦାୟିତ୍ୱ ଦେଇ ଦେବୀଙ୍କ ପୂଜା କରାଇଲେ । ଲୋକଙ୍କୁ ଝଡ଼ାଫୁଙ୍କା କରିବାପାଇଁ ଗ୍ରାମର ଜଣେ ବୟସ୍କା ସ୍ତ୍ରୀ ଲୋକଙ୍କୁ ଗୁରୁମାଇ ହେବାକୁ କହିଲେ । ଏହା କରିବାପରେ ସାନଭାଇର ଦେହ ସୁସ୍ଥ ହୋଇଗଲା । ସତକୁ ସତ ପ୍ରବଳ ବର୍ଷା ଓ ବନ୍ୟାହୋଇ ପ୍ରଳୟ ହେଲା । କିନ୍ତୁ ତାଙ୍କର କୌଣସି କ୍ଷତି ହେଲାନାହିଁ । ସେହିଦିନଠାରୁ ଧାରୁଆଙ୍କ ପ୍ରତିଗ୍ରାମରେ ହୁଣ୍ଡୀ ଦେବୀ ଓ ନିକଟସ୍ଥ ପାହାଡ଼ରେ ମାଉଳୀଦେବୀ, ଗ୍ରାମରେ ଦିସାରୀ ଓ ଗୁରୁମାଇଙ୍କ ସୃଷ୍ଟି ହୋଇଛି ବୋଲି ଏମାନଙ୍କ ବିଶ୍ୱାସ ।

ପାହାଡ଼ ପର୍ବତ ଓ ଜଙ୍ଗଲର ସୃଷ୍ଟି – ଏକଦା ସମଗ୍ର ପୃଥିବୀ ଜଳମଗ୍ନ ଥିଲା । ପାହାଡ଼ ପର୍ବତ ଓ ବଣଜଙ୍ଗଲ କିଛି ନଥିଲା । ଜଳ ମଧ୍ୟରେ ଏକ ବିରାଟ ଅସୁର ରହିଥିଲା । ମହାପ୍ରଭୁ ବୁଢ଼ାଦେବ ପୃଥିବୀ ସୃଷ୍ଟି କରିବାକୁ ଇଚ୍ଛା କଲେ । ସେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଜଳମଧ୍ୟରେ ଉଭାହେଲେ । ଅସୁର ସହିତ ଯୁଦ୍ଧ କରି ଅସୁରକୁମାରିଦେଲେ । ଅସୁରର ମାଂସ ଯେଉଁଠାରେ ପଡ଼ିଲା, ସେସବୁରୁ ମାଟି ସୃଷ୍ଟି ହେଲା ଓ ହାଡ ସବୁ ଯେଉଁଠି ଗଦା ହୋଇ ରହିଲା ସେଠାରେ ପାହାଡ଼ ସୃଷ୍ଟି ହେଲା ବୋଲି ଧାରୁଆଙ୍କ ବିଶ୍ୱାସ ରହିଛି ।

ମହୁଲୀ ମଦର ସୃଷ୍ଟି – ପୃଥିବୀ ସୃଷ୍ଟି ହେବା ପରେ ବିଭିନ୍ନ ଗଛର ସୃଷ୍ଟିହେଲା । କିନ୍ତୁ ମହୁଲଗଛ ସୃଷ୍ଟି ହୋଇ ନଥାଏ । ଧାରୁଆଙ୍କ ବିଶ୍ୱାସ ଯେ, ସ୍ୱୟଂ ମହାପ୍ରଭୁ ମହୁଲଗଛ ସୃଷ୍ଟି କରିଛନ୍ତି ଓ ଏହାକୁ ନିଶା ପାନୀୟ ଭାବେ ବ୍ୟବହାର କରିବାକୁ ଆଦେଶ ଦେଇଛନ୍ତି । ଏମାନଙ୍କ ପ୍ରଚଳିତ ମିଥ୍ ଅନୁଯାୟୀ, ସୃଷ୍ଟି ସର୍ଜନା ପରେ ଗୋଟିଏ ପରେ ଗୋଟିଏ ଗଛ ସ୍ୱୟଂ ମହାପ୍ରଭୁ ସୃଷ୍ଟି କଲେ । ତା'ପରେ ମହୁଲଗଛ ସୃଷ୍ଟି କରି ତା'ର ଫୁଲକୁ ଖାଇଲେ । ତାହା ମିଠା ଲାଗିଲା । ଏପରି କିଛିଦିନ ଖାଉ ଖାଉ ଫୂର୍ତ୍ତି ଓ ନିଶା ଲାଗିଲା । ସେ ଧାରୁଆମାନଙ୍କୁ କହିଲେ ଯେ ତୁମେ ମହୁଲଗଛର ଫୁଲକୁ ଖାଇ ଫୂର୍ତ୍ତି ହେବ, ଏହାକୁ ମୋତେ ଭୋଗ ଲଗାଇ ଖୁସି କରିବ । ସେହିଦିନଠାରୁ ଧାରୁଆମାନେ ମହୁଲଫୁଲ ଓ ସେଥିରୁ ପ୍ରସ୍ତୁତ ମହୁଲୀକୁ ଦେବତାଙ୍କୁ ଅର୍ପଣ କରିବାପରେ ହିଁ ନିଜେ ବ୍ୟବହାର କରିଥାନ୍ତି ।

ଲନ୍ଦା ନିଶା ପାନୀୟ ସୃଷ୍ଟି– ଧାରୁଆମାନଙ୍କ ବଡ଼ ଦେବ ପୃଥିବୀ ସୃଷ୍ଟି କରି ତାଙ୍କର ଆଦିପିତା ଓ ଆଦିମାତାଙ୍କୁ ସୃଷ୍ଟି କଲେ । ବହୁତ ଦିନ ପର୍ଯ୍ୟନ୍ତ ସେମାନଙ୍କ ସନ୍ତାନସନ୍ତତି ହେଲା ନାହିଁ କି ସେମାନେ ପରସ୍ପର ପ୍ରତି କାମାସକ୍ତ ହେଲେନାହିଁ । ଏଣୁ ବଡ଼ଦେବ ଲନ୍ଦା ପ୍ରସ୍ତୁତ କରିବା ପ୍ରଣାଳୀ ଆଦିପିତା ଓ ଆଦିମାତାଙ୍କୁ ବତାଇଦେଲେ । ସୁଆଁ, ମାଣ୍ଡିଆକୁ ସିଝାଇ ତାକୁ କିଛିଦିନ ରଖି ତାକୁ ପିଇବାକୁ ନିର୍ଦ୍ଦେଶ ଦେଲେ । ସେଥିରେ ନିଶାପାଇଁ ଚେରମୂଳି ମିଶାଇବା କଥା ମଧ୍ୟ କହିଦେଲେ । ମହାପ୍ରଭୁଙ୍କ କଥା ଅନୁସାରେ ଧାରୁଆ ଆଦିପିତା ଓ ମାତା ଲନ୍ଦା ପ୍ରସ୍ତୁତ କରି ଦେବତାଙ୍କୁ ଅର୍ପଣ କରିବାପରେ ନିଜେ ମଧ୍ୟ ପାନକଲେ । ଲନ୍ଦା ପିଇ ନିଶାସକ୍ତ ହୋଇ ପରସ୍ପର ପ୍ରତି ଆକୃଷ୍ଟ ହେଲେ, ଏମାନଙ୍କ ସଂଗମ ହେବାରୁ ଧାରୁଆଙ୍କ ନୂତନ ବଂଶଧରଙ୍କ ଉତ୍ପତ୍ତି ହେଲା । ଏହି ଲନ୍ଦାରେ କାମୋଦ୍ଦୀପକ ଶକ୍ତି ରହିଥିବା ଦୁରୁଆମାନେ ସ୍ୱୀକାର କରନ୍ତି । ସୁଆଁ ଓ ମାଣ୍ଡିଆ ଉତ୍ପାଦନପରେ ଲନ୍ଦା ତିଆରି ପାଇଁ ମାଘ ମାସରେ ଲନ୍ଦାଖିଆ ପର୍ବପାଳନ କରିଥାନ୍ତି ଓ ପ୍ରଥମେ ଦେବତାଙ୍କୁ ଅର୍ପଣ କଲାପରେ ଏମାନେ ସେବନ କରିଥାନ୍ତି ।

ଡଙ୍ଗରାନୀ ଦେବୀଙ୍କ ସୃଷ୍ଟିମିଥ୍ - ଥରେ ଜଣେ ଧାରୁଆଲୋକ ଜଙ୍ଗଲପାଖ ଡଙ୍ଗରରେ କନ୍ଦା ଖୋଳୁଥିଲା । ସେ କନ୍ଦା ଖୋଳୁ ଖୋଳୁ ତା' ଶାବଳଟି ଗୋଟିଏ ସ୍ଥାନରେ ବାଜି ମାଟିରୁ ରକ୍ତ ଝରିବାକୁ ଲାଗିଲା । ସେ ଆଶ୍ଚର୍ଯ୍ୟ ହୋଇ କନ୍ଦା ଖୋଳିବା ବନ୍ଦ କରି ଗାଆଁକୁ ଫେରି ଆସିଲା । ଗାଆଁର ନାୟକ ଓ ଦିସାରୀଙ୍କୁ ରକ୍ତ ଝରିବା ସଂପର୍କରେ କହିଲା । ନାୟକ, ଦିସାରୀ ଓ ଗାଆଁଲୋକେ ସେଇ ସ୍ଥାନକୁ ଯାଇ ସତ୍ୟାସତ୍ୟ ପରୀକ୍ଷା କଲେ । ପ୍ରକୃତରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରୁ ରକ୍ତ ଝରୁଥିବା ଦେଖି ଦେବୀ ଫୁଟି ବାହାରିଛନ୍ତି ଜାଣିପାରି ସେଇ ସ୍ଥାନରେ ପୂଜାର ବ୍ୟବସ୍ଥା କରାଗଲା । ସେଇ ସ୍ଥାନଟି ଡଙ୍ଗରରେ ଥିବାରୁ ଦେବୀଙ୍କ ନାମ 'ଡଙ୍ଗରାନୀ' ବା 'ଡଙ୍ଗରଦେଈ' ରଖାଗଲା । ଧାରୁଆମାନେ ଡଙ୍ଗରଚାଷ ପୂର୍ବରୁ ଡଙ୍ଗରର ରକ୍ଷାକର୍ତ୍ତ୍ରୀଭାବେ ପଶୁପକ୍ଷୀ ବଳି ଓ ମଦ୍ୟ ପ୍ରଦାନ ପୂର୍ବକ ଡଙ୍ଗରଦେଈଙ୍କୁ ପ୍ରଚୁର ଫସଲ ପାଇଁ ପ୍ରାର୍ଥନା କରିଥାନ୍ତି । ଏମାନଙ୍କ ଦୃଢ଼ ବିଶ୍ୱାସଯେ, ଡଙ୍ଗରଦେଇ ସକଳ ଆପଦ ବିପଦରୁ ରକ୍ଷା କରିଥାନ୍ତି । ଏଥିପାଇଁ ଏମାନେ ବିଭିନ୍ନ ପର୍ବ ପର୍ବାଣୀରେ ଅନ୍ୟାନ୍ୟ ଦେବଦେବୀଙ୍କ ସହ ଡଙ୍ଗର ଦେଈଙ୍କୁ ମଧ୍ୟ ପୂଜା କରିଥାନ୍ତି ।

ବଳି ପ୍ରଥାର ସୃଷ୍ଟି ମିଥ୍ - ଥରେ ଧାରୁଆ ଅଞ୍ଚଳରେ ବହୁତ ଦିନ ଧରି ବର୍ଷା ବର୍ଷି ହେଲାନାହିଁ । ଗଛ, ପତ୍ର, ନଦୀନାଳସବୁ ଶୁଖିଗଲା । ଚାଷବାସ ନ ହେବାରୁ ଲୋକେ ଖାଇବାକୁ ନ ପାଇ ଡହଳବିକଳ ହେଲେ । ଭୂଇଁ ସବୁ ଟାଙ୍ଗରା ହୋଇଗଲା । ଗାଈଗୋରୁ ଓ ମଣିଷମାନେ ପିଇବାକୁ ପାଣିଟୋପାଏ ବି ପାଇଲେ ନାହିଁ । ଚାରିଆଡ଼େ ହାହାକାର ପଡ଼ିଗଲା । ସମସ୍ତେ ମୁଣ୍ଡରେ ହାତଦେଇ ବସିଲେ ।

ଦିନେ ଏକ ଧାରୁଆ ବୁଢା ଚିନ୍ତାରେ ଜମିର ହିଡରେ ବସିଥିଲା । ଆଷାଢ଼ର ମେଘ ଶୂନ୍ୟ ଆକାଶକୁ ଅନାଇ ଆଖିରୁ ଲୁହ ଗଡ଼ାଉଥିଲା । ଏହି ସମୟରେ ଶୂନ୍ୟବାଣୀ ହେଲା ଯେ ମାଉଳି ଠାକୁରାଣୀ ଅସନ୍ତୁଷ୍ଟ ହେବାରୁ ଏପରି ଦୁର୍ଭିକ୍ଷ ପଡ଼ିଲା । ତାଙ୍କୁ ରକ୍ତ ଦେଇ ସନ୍ତୁଷ୍ଟ କରିବାକୁ ପଡ଼ିବ । ବୁଢ଼ାଯାଇ ଗାଆଁର

ନାୟକ ଓ ପୂଜାରୀକୁ ସବୁକଥା କହିଲା । ସେମାନେ ବିଶ୍ୱାସ କଲେ ନାହିଁ । ସେଦିନ ରାତିରେ ପୂଜାରୀକୁ ଦେବୀ ସ୍ୱପ୍ନରେ କହିଲେ ଯେ, ବଳି ପ୍ରଦାନ କଲେ ବର୍ଷା ହେବ । ନହେଲେ ସମସ୍ତେ ମରିଯିବେ ।

ତା'ପର ଦିନ ପୂଜାରୀ ଗାଆଁର ନାୟକଙ୍କୁ ମାଉଳିଦେବୀଙ୍କ ସ୍ୱପ୍ନକଥା କହିଲା । ନାୟକ ସଭା ଡକାଇ ଠାକୁରାଣୀଙ୍କ ପୂଜାର ଆୟୋଜନ କଲେ । ସେଇ ପୂଜାରେ ପ୍ରଥମ କରି ପୋଢ଼, ଛେଳି, ମେଣ୍ଢା ଓ କୁକୁଡ଼ା ବଳି ଦିଆଯାଇ ଦେବୀଙ୍କୁ ସନ୍ତୁଷ୍ଟ କଲେ ଓ ବର୍ଷା ହେଲା । ସେଇଦିନ ଠାରୁ ଧାରୁଆଙ୍କ ପ୍ରସିଦ୍ଧ ଦେବୀ ମାଉଳିମାଆଙ୍କୁ ବିଭିନ୍ନ ପଶୁପକ୍ଷୀ ବଳି ଦିଆଯାଉଥିବା ଏମାନଙ୍କ ଦୃଢ଼ ବିଶ୍ୱାସ ।

**ପୃଥିବୀ ସୃଷ୍ଟି ମିଥ୍** – ଦୁରୁଆମାନଙ୍କ ଏକ ମିଥ୍‌ରୁ ଜଣାଯାଏ ଯେ, ସମଗ୍ର ଜଗତ ପ୍ରଳୟ ଜଳରେ ବୁଡ଼ି ରହିଥିଲା । ସର୍ବଶକ୍ତିମାନ ମହାପ୍ରଭୁ ସେଇଜଳରେ ଏକ ପଦ୍ମ ଫୁଲରେ ବସିଥିଲେ । ସେ ପୃଥିବୀ ଓ ଜୀବ ଜଗତ ସୃଷ୍ଟି କରିବାକୁ ଇଛା କଲେ । ସେ ନିଜ ଶରୀର ମଳିରୁ ଏକ କାଉ ସୃଷ୍ଟି କଲେ । ସେଇ କାଉକୁ ମାଟି ଆଣିବାକୁ ଆଦେଶ ଦେଲେ । କାଉଟି ବହୁତ ଦିନ ମାଟି ଖୋଜି ଖୋଜି ଶେଷରେ ଏକ କଇଁଛ ପାଖରେ ଯାଇ ପହଞ୍ଚିଲା ଓ ମାଟି ଦେବାକୁ ଅନୁରୋଧ କଲା । କଇଁଛଟି କାଉକୁ କେଞ୍ଚୁଆ ପାଖକୁ ନେଲା ଓ ଦୁହେଁ ମାଟି ମାଗିଲେ । ସେତେବେଳକୁ କେଞ୍ଚୁଆଟି ନିଘୋଡ଼ ନିଦରେ ଶୋଇଥିଲା । କାଉ ଓ କଇଁଛ ମହାପ୍ରଭୁଙ୍କ ଆଦେଶ କଥା କେଞ୍ଚୁଆକୁ କହିଲେ । ତାଙ୍କ ଆଦେଶ ନ ମାନିଲେ ତାକୁ ହତ୍ୟା କରିବେ ବୋଲି ଧମକ ମଧ୍ୟ ଦେଲେ । କେଞ୍ଚୁଆ ଭୟରେ ନିଜ ମୁଣ୍ଡ ଉପରକୁ ଉଠାଇବା କ୍ଷଣି କଇଁଛ ତାର ବେକୁ ଧରିଲା । କେଞ୍ଚୁଆଟି ଛଟପଟ ହୋଇ ପ୍ରାଣ ବିକଳରେ କଳା ଓ ହଳଦିଆ ମାଟି ବାନ୍ତି କଲା । କାଉ ଏଇ ମାଟିକୁ ତା'ର ଥଣ୍ଟରେ ଧରି ମହାପ୍ରଭୁଙ୍କ ପାଖରେ ପହଞ୍ଚିଲା । ମହାପ୍ରଭୁ କୁଆଠାରୁ ମାଟି ଦେଇ ନିଜ ପାପୁଲିରେ ଗୋଲାକାର ଭାବେ ଚକଟି ସେଇଟିକୁ ପ୍ରଳୟ ଜଳରେ ସ୍ଥାପନ କଲେ । ଏଇଟି ହେଲା ଏବର ଗୋଲାକାର ପୃଥିବୀ ।

ମହାପ୍ରଭୁ ପରେ ପରେ ମଣିଷ ଓ ଅନ୍ୟାନ୍ୟ ଜୀବଜଗତ ସୃଷ୍ଟି କଲେ । ଆଜି ବି ଧାରୁଆସମାଜରେ ପୃଥିବୀସୃଷ୍ଟି ଓ ଏହାର ଆକାର ଗୋଲ ସଂପର୍କରେ ଉପରୋକ୍ତ ବିଶ୍ୱାସ ପ୍ରଚଳିତ ।

**କାହାଣୀ :**

କାହାଣୀ କହିବା ଓ ଶୁଣିବା ଆଦିମ ମଣିଷର ସହଜାତ ପ୍ରବୃତ୍ତି ହୋଇଥିବାରୁ ବିଭିନ୍ନ ଆଦିବାସୀ ସଂପ୍ରଦାୟରେ ଅସଂଖ୍ୟ କାହାଣୀ ପ୍ରଚଳିତ ରହିଛି । ଧାରୁଆମାନଙ୍କ ମଧ୍ୟରେ ମୁଖ୍ୟତଃ କାଳ୍ପନିକ, ପ୍ରେମ ଓ ବୀରତ୍ୱ ମୂଳକ, ପଶୁପକ୍ଷୀ ଭିତ୍ତିକ, ଭୂତପ୍ରେତ ମୂଳକ ପ୍ରଭୃତି କାହାଣୀ ଶୁଣିବାକୁ ମିଳିଥାଏ । ଏତଦ୍‌ବ୍ୟତୀତ ରାମାୟଣ, ମହାଭାରତ ଓ ବିଭିନ୍ନ ପୁରାଣର କିଛି ଚିତ୍ତାକର୍ଷକ ଆଖ୍ୟାନମାନ ଏମାନଙ୍କ ସଂସ୍କୃତି ସହ ଖାପ ଖୁଆଇ ଲୌକିକସ୍ତରକୁ ଓହ୍ଲାଇ ଆସିଥିବା ଜଣାଯାଏ । ଧାରୁଆଙ୍କ ସଂଗୃହୀତ କାହାଣୀଗୁଡ଼ିକ ମଧ୍ୟରେ ଶୁଆଶାରୀ କାହାଣୀ, ଶୁନରଜା କାହାଣୀ, ଅନାଥପିଲା, ଭୀମ ଓ ଅସୁରକଥା, ମାଙ୍କଡ଼ ଓ ବାଘକଥା, ଲବକୁଶ, ଲକ୍ଷ୍ମୀପୂଜା, ବାଂଜାରଜା ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏହି କାହାଣୀ ସବୁ ଏମାନଙ୍କୁ ମନୋରଂଜନ ପ୍ରଦାନ କରିବା ସଂଗେ ସଂଗେ ନୀତିଶିକ୍ଷାର ବଳିଷ୍ଠ ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ । ସଂଗୃହୀତ କେତୋଟି କାହାଣୀର ସଂକ୍ଷିପ୍ତ ରୂପ ହେଉଛି :

ଶୁଆଶାରୀ କାହାଣୀ – ଶୁଆଟିଏ ଶାରୀଟିଏ ଜଙ୍ଗଲର ଗୋଟିଏ ଗଛ କୋରଡ଼ରେ ରହୁଥିଲେ । ସେମାନଙ୍କ ବହୁତ ଛୁଆଥିଲେ । ସେମାନେ ଖାଦ୍ୟ ପାଉନଥିଲେ । ଛୁଆମାନଙ୍କୁ କିପରି ବଞ୍ଚାଇବା ଚିନ୍ତାରେ ଶୁଆଶାରୀ ଥାଆନ୍ତି । ଏ ଦୁହେଁ ପ୍ରତିଦିନ ଗଛ ଡାଳରେ ବସି ଦୁଃଖ ସୁଖ ହେଉଥାନ୍ତି । ଦିନେ ଶୁଆଶାରୀ କଥାବାର୍ତ୍ତା ହେଉଥାନ୍ତି କଣ ଖାଇ ସେମାନ ବଞ୍ଚିବେ । ଶାରୀ ଶୁଆକୁ କହିଲା 'ତୁ ମୋ ପରି ଝିଣ୍ଟିକା ମାରି ଚଳ । ତୋ ଛୁଆଙ୍କୁ ଝିଣ୍ଟିକା ମାରି ଦିଅ । ଶୁଆ କହିଲା ''ନାହିଁ, ମୁଁ ବଟଫଳ ଖାଇ ଚଳିବି ।'' ଶାରୀ କହିଲା 'ଏ ରାଜ୍ୟରେ ତିନି/ଚାରି ବର୍ଷ ହେଲା ବର୍ଷାବର୍ଷ ନଥିବାରୁ ମରୁଡ଼ି ପଡ଼ିଛି । ଫସଲ

କି ଗଛପତ୍ର କିଛି ନାହିଁ । ଜୀବଜନ୍ତୁ ଓ ଗାଈଗୋରୁ ମରିଗଲେଣି । ଆମେ ଭବିଷ୍ୟତରେ କିପରି ଚଳିବା ? ଏହି ସମୟରେ ଜଣେ ଗୁରୁ ବାବା ସନ୍ଧ୍ୟା ସ୍ନାନ ସାରି ସେଇ ବାଟ ଦେଇ ଯାଉଥିଲେ । ସେ ଶୁଆଶାରୀଙ୍କ କଥାବାର୍ତ୍ତା ଶୁଣିବାପାଇଁ ସେଠାରେ କିଛି ସମୟ ଠିଆ ହୋଇ ରହିଲେ । ଶୁଆ କହିଲା, ଏହି ଦୁଇ/ତିନି ଦିନ ମଧ୍ୟରେ ରାଜ୍ୟରେ ପ୍ରବଳ ବର୍ଷା ହୋଇ ପ୍ରଳୟ ହୋଇଯିବ । ଏଥିରୁ କିପରି ରକ୍ଷା ପାଇବା ? ଶୁଆ ଶାରୀଙ୍କ ସବୁକଥା ଗୁରୁବାବା ଶୁଣି ରାଜାଙ୍କୁ ଜଣାଇବାପାଇଁ ଗଲେ । ସେ ଯାଇ ରାଜ ନଅରରେ ପହଞ୍ଚିଲେ । ରାଜ କର୍ମଚାରୀମାନେ ସାଧୁବାବାଙ୍କୁ ରାଜାଙ୍କ ଦରବାରରେ ନେଇ ପହଞ୍ଚାଇ ଦେଲେ । ସାଧୁବାବା ରାଜାଙ୍କୁ ପ୍ରଶ୍ନ କଲେ, ''ଆପଣ ରାଜ୍ୟର ଭବିଷ୍ୟତ କଥା କଣ ଜାଣିଛନ୍ତି । ଏହି ନିକଟରେ କ'ଣ ହେବ କହିପାରିବେକି ?'' ରାଜା କହିଲେ ''ମୁଁ ଆସନ୍ତା କାଲି ରାଜ୍ୟର ବଡ଼ ଜ୍ୟୋତିଷଙ୍କୁ ପଚାରି ଆପଣଙ୍କ ପ୍ରଶ୍ନର ଉତ୍ତର ଦେବି ।'' ଗୁରୁବାବାଙ୍କ ରାତି ରହିବାର ସମସ୍ତ ବନ୍ଦୋବସ୍ତ ନଅରରେ କରି ରାଜା ଅନ୍ତଃପୁରକୁ ଗଲେ । ତା'ପର ଦିନ ସକାଳୁ ରାଜା ଜ୍ୟୋତିଷଙ୍କୁ ଡାକି ଭବିଷ୍ୟତ ସଂପର୍କରେ ପ୍ରଶ୍ନ ପଚାରିଲେ । ସେ ଜ୍ୟୋତିଷଙ୍କଠାରୁ ସଠିକ୍ ଉତ୍ତର ନ ପାଇ ଗୁରୁବାବାଙ୍କୁ ଭବିଷ୍ୟତ ସଂପର୍କରେ ପଚାରିଲେ । ଗୁରୁବାବା କହିଲେ ''ଆସନ୍ତା ଦୁଇ/ତିନି ଦିନ ମଧ୍ୟରେ ରାଜ୍ୟରେ ପ୍ରବଳ ବର୍ଷା ହେବ ଓ ବନ୍ୟାରେ ପ୍ରଳୟ ସୃଷ୍ଟି ହୋଇ ଘରଦ୍ୱାର ଓ ଧନଜୀବନ ହାନୀ ଘଟିବ । ଏଣୁ ଆପଣ ଏବେଠାରୁ ହିଁ ପ୍ରଜାମାନଙ୍କୁ ନିରାପଦ ସ୍ଥାନକୁ ନେଇ ଯାଆନ୍ତୁ । ରାଜା ଗୁରୁବାବାଙ୍କ କଥାକୁ ହଠାତ୍ ବିଶ୍ୱାସ କରି ନପାରି କହିଲେ, ''ଯଦି ଆପଣଙ୍କ କଥା ସତ ନ ହୁଏ, ତେବେ ମୃତ୍ୟୁ ଦଣ୍ଡ ଦିଆଯିବ ।'' ଏଣେ ରାଜା ନଦୀ ତଟର ପ୍ରଜାମାନଙ୍କୁ ନିରାପଦ ସ୍ଥାନକୁ ନେଇଗଲେ । ସତକୁ ସତ ତା'ର ତିନିଦିନ ପରେ ଭୀଷଣ ବର୍ଷା ହୋଇ ନଦୀରେ ବନ୍ୟା ଆସିଲା । ବହୁ ଘରଦ୍ୱାର, ଗାଈଗୋରୁ ଭାସିଗଲେ । କିନ୍ତୁ ନଦୀତଟ ଗାଆଁର ପ୍ରଜାମାନେ ନିରାପଦ ସ୍ଥାନରେ ଆଶ୍ରୟ ନେଇଯାଇଥିବାରୁ ସେମାନେ ବଞ୍ଚିଗଲେ । କେହି ହେଲେ ମୃତାହତ ହେଲେ ନାହିଁ । ରାଜା

ଗୁରୁବାବାଙ୍କ କଥା ସତ ହେବାରୁ ତାଙ୍କୁ କ୍ଷମା ମାଗିଲେ । ସେହିଦିନଠାରୁ ଗୁରୁବାବାଙ୍କୁ ସସମ୍ମାନେ ନିଜ ରାଜଦରବାରରେ ଉଚିତ ସ୍ଥାନ ଦେଇ ନିଜ ଗୁରୁ ଭାବରେ ରଖିଲେ । ରାଜ୍ୟର ଯେଉଁ ଜ୍ୟୋତିଷମାନେ ଭବିଷ୍ୟତ ସଂପର୍କରେ ସଠିକ୍ କହି ପାରି ନଥିଲେ ସେମାନଙ୍କୁ ଶୂଳୀଦଣ୍ଡ ଦିଆଗଲା ।

ଅନାଥପିଲା – ଗୋଟିଏ ଗ୍ରାମରେ ଜଣେ ଅନାଥ ପିଲା ଥିଲା । ତା'ର ବାପା ମାଆ କେହି ନଥିଲେ । ସେ ଖାଇବାକୁ ପାଉ ନଥିଲା । ସେ ଭୋକ ଶୋଷରେ ପଡ଼ିରହିଥିଲା । ସେଇ ଗ୍ରାମରେ ଥିଲେ ଜଣେ ଧନୀ ସାହୁକାର । ଅନାଥ ପିଲାଟି ପ୍ରତି ତାଙ୍କର ଦୟା ହେଲା । ସେ ପିଲାଟିକୁ ନିଜ ଘରେ ରଖି ପାଳିବାକୁ ମନକଲେ । ଅନାଥ ପିଲାଟିକୁ ନିଜ ଘରେ ଆଣି ରଖିଲେ । ପିଲାଟିକୁ ମଣିଷ କରିବାପାଇଁ ଚେଷ୍ଟା କଲେ ।

ପିଲାଟି କ୍ରମେ ବଡ଼ ହେବାକୁ ଲାଗିଲା । ତା'ର ବିବାହ ବୟସ ହେବାରୁ ସାହୁକାର ତାକୁ ବାହା କରିବାକୁ ଚିନ୍ତାକଲେ । କନ୍ୟାଟିଏ ଠିକ୍ କରି ଅନାଥପିଲାଟିକୁ ବାହା କରେଇଦେଲେ । ତା'ପାଇଁ ଘରଦ୍ୱାର କରିଦେଲେ । ତାକୁ କିଛି ଜମି ଦେଇ ଚାଷକରି ନିଜେ ବଞ୍ଚିବାପାଇଁ କହିଲେ । ପିଲାଟିକୁ ଅଲଗା ହୋଇ ରହି ତା' ନିଜକଥା ନିଜେ ବୁଝୁ ବୋଲି କହିଲେ । ସାହୁକାର ପିଲାଟିକୁ କହିଲେ ''ତୋତେ ବଡ଼ କଲି, ତୋର ବୁଦ୍ଧିଜ୍ଞାନ ହେଲା । ଏବେ ତୁ ନିଜେ ତୋ ପରିବାର ଚଳାଇ ଖୁସିରେ ରହ ।'' ପିଲାଟି କହିଲା ''ତୁମେ ମୋତେ ଛୋଟରୁ ବଡ଼ କଲ । ମୁଁ ମରିଥାନ୍ତି, ମୋତେ ବଞ୍ଚାଇ ମଣିଷ କଲ । ଏବେ ମୋର ନିଜେ ଚଳିବା ପାଇଁ ସାହସ ନାହିଁ ।'' ଏହାଶୁଣି ସାହୁକାର କହିଲେ, ''ଏଣିକି ତୁ ଯେମିତି ହେଲେ ତୋର ନିଜବୁଦ୍ଧିରେ ଚଳିବାପାଇଁ ଚେଷ୍ଟା କର । ମୁଁ ବା କେତେଦିନ ବଞ୍ଚିବି । ଏଣୁ ତୁ ତୋ ନିଜକଥା ଚିନ୍ତାକର । ଭଲ ଭାବେ ଜମିବାଡ଼ି ଚାଷ କରି ବଞ୍ଚିକି ରହ । ପିଲାଟି କଣ କରିବ ସେ ଜମିବାଡ଼ି କାମ କରି ନିଜ ବୁଦ୍ଧିରେ ଚଳିଲା । ପରିଶ୍ରମ କରି ଫସଲ ଅମଳ କଲା । ଭଲ ଭାବେ ତାର ପରିବାରକୁ ଚଳାଇଲା । ସାହୁକାରର ବୁଢ଼ା ବୟସରେ ତା'ର ସମସ୍ତ ଯତ୍ନ ନେଲା ପିଲାଟି । ତା'ର ଋଣ ଶୁଝିବାପାଇଁ ଚେଷ୍ଟା କଲା ।

ଶୁନରାଜା କଥା – ଗୋଟିଏ ଦେଶରେ ଜଣେ ରାଜାଥିଲେ । ସେଇ ରାଜ୍ୟରେ କେବଳ ମାଉଳି ମାଆ ଦେବତା ଥିଲେ । ଆଉ କେହି ଦେବତା ଗଛ ପତ୍ର କିଛି ନଥିଲା । କ୍ରମଶଃ ଗୋଟିଏ ପରେ ଗୋଟିଏ ଦେବତା ସୃଷ୍ଟି ହେଲେ । ଏହି ରାଜା ପୃଥିବୀରୁ ଜନ୍ମ ନେଇଥିଲେ । ତାଙ୍କ ସହ ରାଣୀ ମଧ୍ୟ ପଥରରୁ ଫୁଟି ଜନ୍ମ ହେଲେ । ସୁନା ଓ ରୂପା ଦୋଳିରେ ଝୁଲି ଝୁଲି ପବନ ଆହାର କରି ବଞ୍ଚୁଥିଲେ । କିଛିଦିନ ପରେ ଅନ୍ନଜଳ ଖାଇଲେ । କିଛିଦିନ ପରେ ମାଟିରୁ ବତିଶ ମୂଳରାଜା ଜନ୍ମ ହେଲେ । ସେ ସୁନାରୂପା ଦୋଳିରେ ଝୁଲି ଝୁଲି ରହିଥିଲେ । ଦାସ ଦାସୀସବୁ ତାଙ୍କ ସେବା କରୁଥିଲେ । ଆଗରୁ ଜନ୍ମିଥିବା ଶୁନରାଜାଙ୍କ ରାଣୀ ବତିଶମୂଳରାଜାର ଭଉଣୀ ହୋଇଥିଲେ । ରାଜା ଭଉଣୀର ଘରକୁ ଗଲେ । ସେତେବେଳେ ରାଜ୍ୟର ରାଜା ଭାବେ କେହି ସିଂହାସନରେ ବସି ନଥିଲେ । ଏଣୁ ପ୍ରଜାମାନେ ବଡ଼ ଅସୁବିଧାରେ ଥିଲେ । ସବୁ ପ୍ରଜା ମିଶି ଚିନ୍ତାକଲେ ଯେ, ରାଜ୍ୟ ଚଳାଇବାପାଇଁ ରାଜାଙ୍କୁ ଗାଦିରେ ବସାଇବାକୁ ପଡ଼ିବ । ଏଣେ ରାଜ୍ୟରେ ଶୁନରାଜା ଓ ବତିଶମୂଳ ରାଜା, ଏଇ ଦୁଇଜଣଙ୍କ ଭିତରୁ କିଏ ରାଜା ହେବ, ଏହି ଭାଳେଣି ପଡ଼ିଲା । ରାଜ୍ୟରେ ଥିବା ଐରାବତ ହାତୀକୁ ଫୁଲମାଳ ଦେଇ ରାଜାଙ୍କ ମୁଣ୍ଡରେ ସୁନାକଳସୀ ଓ ଫୁଲମାଳ ପିନ୍ଧାଇ ଆଣିବାକୁ କହିଲେ । ହାତୀ ଦଶଦିନ କାଳ ବୁଲି ବୁଲି କାହାରିକୁ ଠିକ୍ କରି ନପାରିବାରୁ ପ୍ରଜାମାନେ ନିଜେ ରାଜା ବାଛିବାକୁ ବାହାରିଲେ । ସମସ୍ତ ଲୋକ ବତିଶ ମୂଳ ରାଜାଙ୍କୁ ଉପଯୁକ୍ତ ଭାବି ହାତୀକୁ ଏହାଙ୍କ ବେକରେ ସୁନା କଳସୀ ଫୁଲମାଳି ପିନ୍ଧାଇବା ପାଇଁ କହିଲେ । ହାତୀଯାଇ ବତିଶମୂଳ ରାଜାଙ୍କ ବେକରେ ସୁନା କଳସୀ ଓ ଫୁଲମାଳ ପିନ୍ଧାଇ ଦେଲା । ଲୋକେ କୁହା କୁହି ହେଲେ ଏଡ଼େ ସୁନ୍ଦର ଓ ବୁଦ୍ଧିମାନ ରାଜା ଥାଉଁ ଥାଉଁ ଆମେ ତୁଚ୍ଛା ଚିନ୍ତାରେ ପଡ଼ିଥିଲୁ । ଆମର ଚିନ୍ତା ଆଜି ଦୂର ହେଲା ।

ବତିଶମୂଳ ରାଜାଙ୍କୁ ନେଇ ପ୍ରଜାମାନେ ସିଂହାସନରେ ବସାଇ କହିଲେ "ମହାରାଜ, ଏବେ ଆପଣ ରାଜ୍ୟ ଶାସନକରନ୍ତୁ । ଦୋଷୀଙ୍କୁ ଦଣ୍ଡ ଦିଅନ୍ତୁ ।"

ରାଜା କହିଲେ ଆଜିଠାରୁ ମୁଁ ରାଜ୍ୟର ଶାସନ ଭାର ନେଲି । ରାଜ୍ୟର ଶାନ୍ତିଶୃଙ୍ଖଳା, ହାନୀଲାଭ ବୁଝିବା ମୋର ଦାୟିତ୍ୱ । ମଣିଷ ମାରିବା ଲୋକଙ୍କୁ ଫାଶୀଦଣ୍ଡ, ଗୋରୁମରାଙ୍କୁ ଆଠଦିନ ଜେଲ ଦଣ୍ଡ ଓ ଧନଚୋରଙ୍କୁ ଜେଲଦଣ୍ଡ ଦିଆଯିବ । ରାଜାଙ୍କୁ ହାତୀ ଉପରେ ବସାଇ ରାଜ୍ୟସାରା ବୁଲାଇଲେ ।

ଏପରି କିଛିଦିନ ଗଲା । ବତିଶମୂଳ ରାଜା ଅନ୍ୟଦେଶ ଭ୍ରମଣରେ ଯିବାପାଇଁ ମନ କଲେ । ସେ ତାଙ୍କ ଭଉଣୀଙ୍କୁ ଭୋକଲଡୁ ଓ ଶୋଷ ଲଡୁ ତିଆରି କରିବାକୁ କହିଲେ । ପାଟ ଘୋଡ଼ା ସଜ ହେଲା । କଟକ ପାଖରେ ସୁନାର କିଆରୀଅଛି । ମୁଁ ସେଠାକୁ ଯାଇ କିଛି ସୁନା ଆଣିବି ବୋଲି ନିଜ ଭଉଣୀକୁ ରାଜା କହିଲେ । ଛୋଟ ଲୋକ ଝିଅ ଓ ବୋହୂଙ୍କ ପ୍ରତି ଖରାପ ଦୃଷ୍ଟି ନଦେବାକୁ ଭାଇକୁ ଉପଦେଶ ଦେଇ ଭାଇ ଭଉଣୀ ବୁଲିବାକୁ ବାହାରିଲେ ।

ରାଜା ଓ ତାଙ୍କ ଭଉଣୀ ଯାଉ ଯାଉ ଗୋଟିଏ ସ୍ଥାନରେ ପହଞ୍ଚିଲେ । ସେଠାରେ ପାତାଳ ପୁରର ନାଗକନ୍ୟା ରାଜାଙ୍କୁ ଦେଖି ତାଙ୍କ ରୂପରେ ମୋହିତ ହୋଇଗଲ । ସେ ରାଜାଙ୍କୁ କହିଲା, ଭାଇ, ମୋତେ ଧୂଆଁପତ୍ର ଟିଏ ଦିଅ । ରାଜା ଶୁଣି ନଶୁଣିବା ପରି ରହିବାରୁ ନାଗ କନ୍ୟା ଲଡୁ ପସରା ବସାଇ ବିକ୍ରି କଲା । ରାଜାଙ୍କଠାରୁ କିଛି ପ୍ରତିକ୍ରିୟା ନଦେଖି ନାଗକନ୍ୟା ଏକ ମୟୂରରୂପ ହୋଇଗଲା । ରାଜା ମୟୂରଟିକୁ ଦେଖି ତାକୁ ମାରିକି ଖାଇବେ ବୋଲି ଚିନ୍ତା କଲେ । ମୟୂରଟିକୁ ଧରିବାକୁ ଗଲାବେଳେ ରାଜାଙ୍କ ପାଦ ତା' ଉପରେ ପଡ଼ିଯିବାରୁ ସେ ଗୋଟିଏ ଅଣ୍ଡାଟିଏ ଦେଲା। ସେଇ ଅଣ୍ଡାଟିକୁ ରାଜା ପତର ଦନାରେ ପୋଡ଼ି ଖାଇବାପାଇଁ ଗଲା ବେଳେ ଭଉଣୀ ମନା କଲା । ଭଉଣୀର କଥା ନ ମାନି ରାଜା ପୋଡ଼ା ମୟୂର ଅଣ୍ଡାଟିକୁ ଖାଇଦେବାରୁ ତତ୍କ୍ଷଣାତ୍ ଏକ ସାପ ହୋଇଗଲେ । ଭାଇର ଏଇ ଅବସ୍ଥା ଦେଖି ଭଉଣୀ ବହୁତ କାନ୍ଦିଲା । ଏପରି ଆଠଦେଶ ଦିନ ବିତିଗଲା । ତାଙ୍କର ପୂର୍ବରୂପ ଆଉ ଫେରି ଆସିଲା ନାହିଁ । ସାପଟି ଭଉଣୀକୁ କହିଲା ''ତୁ ଯାଇ ରାଜ୍ୟ ଶାସନ କର । ପ୍ରଜାମାନେ ବହୁତ କଷ୍ଟରେ ଥିବେ । ତୁ ମୋତେ ଏକ ଅଖାରେ ଭର୍ତ୍ତିକରି ନଦୀପାଖକୁ

ନେଇଯାଆ । ସାପର କଥାରେ ଭଉଣୀ ଏକ ଅଖାଭିତରେ ଭର୍ତ୍ତିକରି ନଦୀ ପାଖକୁ ନେଇଗଲା । ନଦୀ ପାର ହେଲାବେଳକୁ ବହୁତ ଓଜନ ହୋଇ ଥିବାରୁ ସାପଥିବା ଅଖାଟି ନଦୀ ମଧ୍ୟରେ ପଡ଼ିଗଲା ଓ ନଦୀ ଭିତରେ ବୁଡ଼ିଯାଇ କେଉଁ ଆଡକୁ ଅଖାଟି ଚାଲିଯିବାରୁ ଭଉଣୀ ଦୁଃଖରେ କାନ୍ଦି କାନ୍ଦି ନିଜ ରାଜ୍ୟକୁ ଫେରିଆସିଲା । ସାପଟି ଯାଇ ପାତାଳପୁରରେ ପହଞ୍ଚିଲା । ସେଠାରେ ନାଗକନ୍ୟା ଅପେକ୍ଷା କରିଥିଲା । ସେ କହିଲା ସେତେବେଳେ ମୁଁ କେତେ ଡାକିଲି, ମୋ ସହ କଥା ପଦେ ବି ହେଲୁନାହିଁ । ଏବେ କିପରି ଆସିଲୁ । ନାଗ କନ୍ୟାଟି ମନ୍ତ୍ରରାପାଣି ଛିଞ୍ଚିବାରୁ ସାପଟି ପୂର୍ବପରି ରୂପ ଫେରିପାଇଲା । ତେଣୁ ଭଉଣୀ ଯାଇ ରାଜ୍ୟ ଶାସନ କରୁଥିଲା । ରାଜ୍ୟରେ ବର୍ଷା ନ ହୋଇ ଦୁର୍ଭିକ୍ଷ ପଡ଼ିଲା ଓ ମହାମାରୀ ହେଲା । ଦେବତାଙ୍କୁ ସନ୍ତୁଷ୍ଟ କରିବାପାଇଁ ଭଉଣୀ ବାଲିଯାତ୍ରାର ଆୟୋଜନ କଲା । ମାତାଗୁଡ଼ି ହୁଣ୍ଡୀ ଦେବୀଙ୍କ ପାଖରେ ଛାମୁଣ୍ଡିଆ କଲା । ନୂଆ ହାଣ୍ଡି ଆଣିଲା । ଧନୁତିଆରୀକଲା । ଢ଼ୋଲ ମହୁରୀ, ଟମକ ଆଦି ବାଦ୍ୟ ବଜାଇ ଟାଙ୍ଗୁଡ଼ିରେ ବାଲିରଖି ବିଭିନ୍ନ ବିହନ ବୁଣାଗଲା । ପାତାଳପୁରର ନାଗକନ୍ୟା ଏହି ବାଲିଯାତ୍ରା ଦେଖିବାପାଇଁ ମନ କଲା। ସେଦିନ ବାଲିଯାତ୍ରାର ଆଠଦିନ । ବାଲିଯାତ୍ରାର ଶେଷ ଦିନ । ପାତାଳପୁରରୁ ନାଗକନ୍ୟାମାନେ ବାଲିଯାତ୍ରା ଦେଖିବାକୁଆସିବାରୁ ବଡିଶମୂଳ ରାଜା ସେଠାରୁ ଖସି ପଳାଇଆସିଲା । ଯେଉଁମାନେ ତାକୁ ଜଗିଥିଲେ ନିଦ୍ରାଦେବୀଙ୍କୁ ସ୍ମରଣୀ କରିବାରୁ ସେମାନଙ୍କୁ ନିଦ୍ରା ଘାରିଗଲା । ସେ ମର୍ତ୍ତ୍ୟକୁ ଚାଲିଆସିବା କଥା କେହି ଜାଣି ପାରିଲେ ନାହିଁ । ସେ ଆସି ଭଉଣୀ ପାଖରେ ପହଞ୍ଚିଲା । ବାଢ଼ି ରାଜାଙ୍କ ଅପୂର୍ବ ସୁନ୍ଦରୀ କନ୍ୟାଙ୍କୁ ଦେଖି ତାଙ୍କ ସହ ବଡିଶମୂଳରାଜା ବାଲିଫୁଲ ବାନ୍ଧିଲା । ତା' ସହ ବାହା ହୋଇ ସୁଖରେ ରାଜ୍ୟ ଶାସନ କଲା ।

ନାଗକୁମର କଥା ବା ଭାଇ ଭଉଣୀ ବିବାହ କଥା – ଥରେ ମର୍ତ୍ତ୍ୟପୁରରେ ଚଇତପରବ ବଡ଼ ଧୁମ୍‌ଧାମ୍‌ରେ ଚାଲିଥିବା । ନୃତ୍ୟଗୀତ ଓ ବାଦ୍ୟ ନାଦରେ ପୃଥିବୀ କମ୍ପି ଉଠୁଥିଲା । ପାତାଳପୁରର ନାଗରାଜାଙ୍କ ପୁଅ ନାଗ କୁମର ମର୍ତ୍ତ୍ୟର

ଚଇତ ପରବ ଦେଖିବାକୁ ମନକଲା । ସେ ଏକ ବିଲ (ହୁଙ୍କା) ମଧ ଦେଇ ଉପରକୁ ଉଠିଲା । ନାଗ କୁମର ମଣିଷ ରୂପ ଧରି ଚଇତ ପରବ ଉପଭୋଗ କଲା । ଚଇତ ଯାତ୍ରାରେ ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କ ସହ ବୁଲି ବୁଲି ସବୁ ଦେଖିଲା । ଧାଙ୍ଗଡ଼ୀମାନେ ତାଙ୍କ ସହ ନୃତ୍ୟ କରିବାପାଇଁ ତାକୁ ଟାଣି ନେଇଗଲେ । ସେ ସାତଦିନ ଧରି ତାଙ୍କ ସହ ନାଚିଲା । ଚଇତ ପରବ ସରିବାରୁ ଯିଏ ଯାହା ଘରକୁ ଚାଲିଗଲେ । ସେ ଏକୁଟିଆ ହୋଇଗଲା । ଏଣୁ ସେ ପାତାଳପୁରକୁ ଯିବାପାଇଁ ନିଜ ରୂପ (ସାପ) ଧରିଲା । ଭିତରକୁ ପଶି ପାତାଳକୁ ଯିବପାଇଁ ସୁଯୋଗ ଖୋଜୁଥିଲା । ସେ ଉପାୟ ନପାଇଁ ଫଣାଟେକି ସଦରଗୁଡ଼ି (ହୁଣ୍ଡିଘର)ରେ ରହିଲା । ସକାଳୁ ପୂଜାରୀ ପୂଜା କରିବାକୁ ଆସିଲା । ସେ କବାଟ ଖୋଲି ଏକ ବିରାଟ ସାପକୁ ଦେଖି ଭୟରେ ଦୌଡ଼ିଲା । ସବୁ ଲୋକ ଗୁଣ୍ଡ ହୋଇଗଲେ । ଲୋକେ କୁହାକୁହି ହେଲେ ଯେ, ଚଇତ ପରବ ସାତଦିନ ପାଳନ କରିବାରୁ ଏପରି ଅଘଟଣ ଘଟିଲା । ସାପଟି କେଉଁ ଆଡୁକୁ ନଯିବାରୁ ପୂଜାରୀ ଓ ତା'ସ୍ତ୍ରୀ ସାପଟିକୁ ମାରିବାକୁ ଚିନ୍ତା କଲେ । ହେଲେ ଏତେ ବଡ଼ ସାପକୁ କେହି ମାରିବାକୁ ସାହସ କଲେ ନାହିଁ । ସେଦିନ ରାତିରେ ପୂଜାରୀ ଶୋଇଥିବା ସମୟରେ ତାକୁ ସ୍ୱପ୍ନରେ ସାପଟି କହିଲା ମୋତେ ପୂଜାକର ତୁମର ମଙ୍ଗଳ ହେବ । ଲୋକେ କିନ୍ତୁ ସାପଟିକୁ ମାରିବାକୁ ଚେଷ୍ଟା କରୁଥିଲେ । ଏହା ଦେଖି ସାପଟି କହିଲା ''ମୁଁ ଲମ୍ବରେ ଶୋଇପଡ଼ିବି । ତୁମେମୋତେ ଠିକ୍ ମଝିରୁ ଦିଗଡ଼ କରି ହାଣିଦେବ ।'' ମୋ ମୁଣ୍ଡଟିକୁ ପୂର୍ବ ଦିଗରେ ଓ ଲାଞ୍ଜ ପଟକୁ ଉତ୍ତର ଦିଗରେ ପୋତିଦେବେ । ମୁଣ୍ଡ ପୋତା ହୋଇଥିବା ସ୍ଥାନରେ ଲାଲ ଫୁଲ ଓ ଲାଞ୍ଜ ପୋତିଥିବା ସ୍ଥାନରେ ଧଳାଫୁଲ ଫୁଟିବ । ଲାଲ ଫୁଲକୁ ରାଜାଙ୍କ ଘରେ ଓ ଧଳା ଫୁଲକୁ ମନ୍ତ୍ରୀଙ୍କ ଘରେ ଦେଇ ଆସିବ ।''

ସାପ କହିବା ପ୍ରକାରେ ପୂଜାରୀ ଖଣ୍ଡାରେ ସାପଟିକୁ ଦୁଇଖଣ୍ଡ କରିଦେଲା । ମୁଣ୍ଡଟିକୁ ପୂର୍ବ ଦିଗରେ ଓ ଲାଞ୍ଜଟିକୁ ଉତ୍ତର ଦିଗରେ ପୋତିଦେଲା । କିଛିଦିନ ପରେ ମୁଣ୍ଡ ପୋତା ହୋଇଥିବା ସ୍ଥାନରେ ଲାଲ ଫୁଲ ଓ ଲାଞ୍ଜ ପୋତା ହୋଇଥିବା

ସ୍ଥାନରେ ଧଳା ଫୁଲ ଫୁଟିଲା । ପୂଜାରୀ ଫୁଲ ସବୁ ତୋଳି ସାପର କଥା ଅନୁଯାୟୀ ଲାଲ ଫୁଲକୁ ରାଜାଙ୍କ ଘରେ ଓ ଧଳା ଫୁଲକୁ ମନ୍ତ୍ରୀଙ୍କ ଘରେ ନେଇ ଦେଲା । ପୂର୍ବରୁ ଏପରି ସୁନ୍ଦର ଫୁଲ ମର୍ତ୍ତ୍ୟ ମଣ୍ଡଳରେ ନଥିବାରୁ ରାଜା ରାଣୀ ଓ ମନ୍ତ୍ରୀ ଓ ତାଙ୍କ ସ୍ତ୍ରୀ ବହୁତ ଖୁସି ହୋଇଗଲେ । ରାଣୀ ଓ ମନ୍ତ୍ରୀଙ୍କ ସ୍ତ୍ରୀ ବହୁତ ଆଦରରେ ମୁଣ୍ଡରେ ଖୋସିଲେ । ଏଇ ଦି'ଜଣଙ୍କ ପିଲାପିଲା କିଛି ହେଉ ନଥିବାରୁ ଫୁଲ ପିନ୍ଧିବାରୁ ଦୁଇଜଣ ଗର୍ଭବତୀ ହେଲେ । ରାଣୀ ଗର୍ଭବତୀ ହେବାଜାଣି ରାଜା ଖୁସିରେ ଉତ୍ସବ କଲେ । କ୍ରମେ ରାଣୀଙ୍କ ପ୍ରସବ ସମୟ ନିକଟ ହୋଇ ଆସିଲା । ରାଜା ଅନ୍ତଃପୁରର ଦାସୀ ଓ ପୋଇଲିଙ୍କୁ ଆଦେଶ ଦେଲେ ଯେ, ''ରାଣୀଙ୍କ ପୁଅ ହେଲେ ସୁନାଘଣ୍ଟି ବଜାଇବ, ଯଦି ଝିଅ ହୁଏ ରୂପା ଘଣ୍ଟି ବଜାଇବ ।''

ରାଣୀଙ୍କ ପୁଅଟିଏ ହେଲା । ରାଜାଙ୍କ ଆଦେଶରେ ସୁନାଘଣ୍ଟି ବଜାଗଲା । ସେଇ ସମୟରେ ମନ୍ତ୍ରୀଙ୍କ ଏକ ଝିଅ ଜନ୍ମ ହେଲା । ଦୁଇଟି ସନ୍ତାନ ଏକ ସମୟରେ ଜନ୍ମ ହୋଇଥିବାରୁ ରାଜାଙ୍କ ପୁଅର ନାମ ରଖାଗଲା ନାଗକୁମର ଓ ମନ୍ତ୍ରୀଙ୍କ ଝିଅର ନାମ ଫୁଲମତୀ । ଦୁହେଁ କ୍ରମଶଃ ବଡ଼ ହେବାକୁ ଲାଗିଲେ । ଦୁହେଁ ମିଶି ପାଠ ପଢ଼ିଲେ । ଦୁଇଜଣଙ୍କ ମଧରେ ବନ୍ଧୁତା ବଢ଼ିଲା । ରାଜାପୁଅ ଓ ମନ୍ତ୍ରୀ ଝିଅ ଜଣେ ଅନ୍ୟକୁ ନଦେଖିଲେ ରହି ପାରୁନଥିଲେ । ଦୁଇଜଣଙ୍କ ପାଠପଢ଼ା ସରିଲା । ଦୁଇଜଣ ଯୌବନରେ ପାଦଦେଲେ ।

ଫୁଲମତୀ ବହୁତ ସୁନ୍ଦରୀ । ତା'ରୂପରେ ଆକର୍ଷିତ ହୋଇ ନାଗକୁମର ତାକୁ ବିବାହ ହେବାପାଇଁ ଅଡ଼ିବସିଲା । ଦୁହେଁ ଭାଇଭଉଣୀ ହୋଇଥିବାରୁ ବାପାମା ବାହା କରିବାକୁ ମନାକଲେ । କିନ୍ତୁ ରାଜାପୁଅର ଏକା ଜିଦ୍ ସେ ଫୁଲମତୀକୁ ଯେମିତି ହେଲେ ବାହା ହେବ । ଦିନେ ରାଜାପୁଅ ପାଟ ଘୋଡ଼ାରେ ଫୁଲମତୀକୁ ବସାଇ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ନେଇଗଲା ।

ରାଜା ଓ ମନ୍ତ୍ରୀ ନାଗକୁମର ଓ ଫୁଲମତୀକୁ ବହୁତ ଖୋଜା ଖୋଜି କଲେ । ଚାରିଆଡ଼କୁ ଲୋକପଠାଇ ଖୋଜିଲେ । କିନ୍ତୁ, କିଛି ଖୋଜ ଖବର

ପାଇଲେ ନାହିଁ । ମନ ଦୁଃଖରେ ରହିଲେ । ମାସେ/ଦି'ମାସ ଏପରି ବର୍ଷେ ଅପେକ୍ଷା କଲେ । କିନ୍ତୁ ନାଗକୁମର ଓ ଫୁଲମତୀର କୌଣସି ସନ୍ଧାନ ମିଳିଲାନାହିଁ । ଦୁଇଜଣ ଆଉ ଜୀବନରେ ନଥିବେ ଭାବି ତିନିଦିନରେ ପିତା ଓ ଦଶ ଦିନରେ ଦଶାମାନି ଶୁଦ୍ଧିକ୍ରିୟା ସାରିଦେଲେ ।

ନାଗକୁମର ଓ ଫୁଲମତୀ ଯାଉ ଯାଉ ଏକ ଅଗନା ଅଗନି ବଣରେ ପହଞ୍ଚିଲେ । ଦୁହେଁ ବହୁତ ହାଲିଆ ହୋଇଯାଇଥିଲେ । ଭୋକରେ ଆଉଟୁପାଉଟୁ ହୋଇଯାଇଥିଲେ । ଫୁଲମତୀ କହିଲା "ମୁଁ ଆଉ ପାରିବି ନାହିଁ । ଏହି ବରଗଛ ମୂଳରେ ବିଶ୍ରାମ ନେବା । ଏଠାରେ ରନ୍ଧାରନ୍ଧି କରି କିଛି ଖାଇବା । ତା'ପରେ ଯାହାକିଛି ।" ନାଗକୁମର ନିଆଁ ଖୋଜି ଗଲା ଓ ଫୁଲମତୀ ଚୂଲି ତିଆରି କଲା ।

ନାଗକୁମର ନିଆଁ ଖୋଜି ଖୋଜି ଦୂରରେ ଥିବା ଏକ ବିରାଟ କୋଠାଘରେ ଯାଇ ପହଞ୍ଚିଲା । ସେଇ ଘରେ ଅସୁରୁଣୀ ବୁଢ଼ୀଟିଏ ରହୁଥିଲା । ନାଗକୁମର ତାକୁ ନିଆଁ ଟିକେ ମାଗିଲା । ବୁଢ଼ୀ କହିଲା "ବାପା, ମୁଁ ତିନିଦିନ ହେଲା କିଛି ଖାଇନି, ମୁଁ ଉଠିବସି ପାରୁନି । ହାତଗୋଡ଼ ଚଳୁନଥିବାରୁ ରାନ୍ଧି ପାରୁନି । ମୋ ପାଇଁ ଦିଟା ରାନ୍ଧିଦେ ।" ବୁଢ଼ିର କଥାରେ ନାଗ କୁମର ଚୁଲିଲଗାଇ ରାନ୍ଧିଲା । ବୁଢ଼ୀକୁ ଖାଇବାକୁ ଦେଲା । ଅସୁରୁଣୀ ବୁଢ଼ୀ ନାଗ କୁମରକୁ ଦେଖି କିପରି ଖାଇବ ମନେ ମନେ ଉପାୟ ପାଞ୍ଚିଲା । ସେ ଦୁର୍ବଳ ଥିବାରୁ ମାରି ଖାଇ ପାରିଲା ନାହିଁ । ତା'ର ସାତ ପୁଅ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ଏଣୁ ସେ ମନ୍ତ୍ର ପଢ଼ି ଫୁଲ ଶୁଙ୍ଘାଇ ନାଗ କୁମରକୁ କଳାମେଣ୍ଢା କରି ସୁନା ଶିକୁଳିରେ ବାନ୍ଧି ରଖିଲା ।

ଏଣେ ଫୁଲମତୀ ନାଗକୁମର ବାଟକୁ ଚାହିଁ ରହିଥିଲା । ନିଆଁ ଆଣିବାକୁ ଯାଇ ଏତେ ସମୟ ରହିଯାଇ ଥିବାରୁ ନାଗକୁମର ନିଶ୍ଚୟ କିଛି ଅସୁବିଧାରେ ପଡ଼ିଯାଇଛି ବୋଲି ଭାବିଲା । ସେ ଦେବୀଙ୍କୁ ସ୍ତୁତି କରି ଜାଣି ପାରିଲା ଯେ ନାଗକୁମରକୁ ଅସୁରୁଣୀ କଳାମେଣ୍ଢା କରି ସୁନା ଶିକୁଳିରେ ବାନ୍ଧିକରି ରଖିଛି । ଏଣୁସେ ତାକୁ କିପରି ଉଦ୍ଧାର କରିବ ଉପାୟ ଚିନ୍ତା କଲା ।

ଫୁଲମତୀ ପୁରୁଷ ବେଶ ହୋଇ ବଦରାଜାଙ୍କ ଦେଶରେ ପହଞ୍ଚିଲା । ସେ ସେଠାରେ ଭିକମାଗି ବୁଲିଲା । ସେଇ ଦେଶରେ ରାଜାଙ୍କ ଦୁଇକନ୍ୟା ହଳଦିମୁଣ୍ଡି ଓ ସିନ୍ଦୁର ମୁଣ୍ଡିଙ୍କ ସ୍ୱୟଂବର ସଭା ବସିଥିଲା । ଏହି ସଭାରେ ବିଭିନ୍ନ ଦେଶରୁ ରାଜାମାନେ ଆସି ଯୋଗ ଦେଇଥିଲେ । ଦୁଇ ରାଜ ଜେମାଙ୍କ ସର୍ତ୍ତଥିଲା ଯେ ଯିଏ ଲାଖ ବିନ୍ଧି ମାଛର ଆଖିକୁ ଶର ବିନ୍ଧିପାରିବ, ତା ବେକରେ ବରଣମାଳା ଦିଆଯିବ । ମାତ୍ର ଉପସ୍ଥିତ ଥିବା ରାଜାମାନଙ୍କ ମଧ୍ୟରୁ କୌଣସି ରାଜା ଲାଖ ବିନ୍ଧି ପାରିଲେ ନାହିଁ । ରାଜା ଦୁଃଖରେ ବସିଥିଲେ । ମନ୍ତ୍ରୀ ରାଜାଙ୍କୁ ସାନ୍ତ୍ୱନା ଦେଇ କହିଲେ, ମହାରାଜ, ମନ ଦୁଃଖ କରନ୍ତୁନାହିଁ । ରାଜ ଜେମାଙ୍କ ପାଇଁ ମୁଁ ଉଚିତ ପାତ୍ର ବାଛି ଆଣିବି । ଏହା କହି ସେ ବର ଖୋଜିବାପାଇଁ ବାହାରିଲେ । ବହୁତ ସ୍ଥାନ ବୁଲି ବୁଲି କୌଣସି ଠାରେ ରାଜଜେମାଙ୍କ ପାଇଁ ଉପଯୁକ୍ତ ବର ପାଇଲେ ନାହିଁ । ସେ ମନ ଦୁଃଖରେ ଫେରିଲା ବେଳେ ଜଣେ ଭିକାରୀକୁ ଦେଖିଲେ । ତା'ପାଖରେ ରାଜାକଳା ଥିବା ଜାଣିପାରି ତାକୁ ଧରି ରାଜନଅରକୁ ଫେରିଲେ । ତାକୁ ଲାଖ ବିନ୍ଧିବା ପାଇଁ କୁହାଗଲା । ସେ ଲାଖ ବିନ୍ଧି ସହଜରେ ମାଛର ଆଖିକୁ ଶର ମାରିପାରିଲା । ରାଜା ଖୁସି ହୋଇ ଦୁଇ ରାଜଜେମା ହଳଦିମୁଣ୍ଡି ଓ ସିନ୍ଦୂର ମୁଣ୍ଡିକୁ ତା'ସହ ବାହା କରାଇବାପାଇଁ ଆଦେଶ ଦେଲେ । ବାହାକଥା ଶୁଣି ଭିକାରୀ ବେଶ ଧରିଥିବା ଫୁଲମତୀ କହିଲା "ମୁଁ ଏକ ବ୍ରତ କରୁଛି । ମୋ ଗୁରୁଙ୍କ ଆଜ୍ଞା ଚଉଦବର୍ଷ ପର୍ଯ୍ୟନ୍ତ ମୋ ବାହାଘର ହେବନାହିଁ । ମୋ ବ୍ରତ ସରିଲେ ମୁଁ ବାହା ହେବି । ଚଉଦବର୍ଷ ଭିତରେ ବାହା ହେଲେ ସବୁ ଅନିଷ୍ଟ ହେବ । ଏଣୁ ଯେଉଁ ଶରରେ ସେ ମାଛକୁ ବିନ୍ଧିଛି ସେଇ ଶର ସହ ରାଜଜେମାଙ୍କୁ ବାହା କରିବାକୁ ହେବ ।" ତା'କଥା ପ୍ରକାରେ ଶରଟି ସହ ଦୁଇ ରାଜଜେମାଙ୍କୁ ବିବାହ କରାଗଲା ।

ଚଉଦବର୍ଷ ବିତିଯିବାପରେ ଦୁଇ ରାଜଜେମାଙ୍କ ବିବାହ ଉତ୍ସବର ଆୟୋଜନ କରାଗଲା । ଭିକାରୀ ବେଶ ଧରିଥିବା ଫୁଲମତୀର ଏକ ମାତ୍ର ଚିନ୍ତା ସେ କିପରି ନାଗକୁମରକୁ ବୁଢ଼ୀ ଅସୁରୁଣୀ କବଳରୁ ଉଦ୍ଧାର କରିବ । ଏଣୁ ସେ ଏକ

ଯୋଜନା ପ୍ରସ୍ତୁତ କଲା । ସେ ରାଜାଙ୍କୁ କହିଲା ''ତା'ର ମାନସିକ ବ୍ରତ ଶେଷ ହୋଇଛି ସତ, କିନ୍ତୁ ବାଲିଯାତ୍ରା କଲେ ହେଁ ମନୋବାଞ୍ଛା ପୂରଣ ହେବ ।'' ରାଜା ବାଲିଯାତ୍ରାର ସମସ୍ତ ଆୟୋଜନ କରିବାପାଇଁ ଆଦେଶ ଦେଲେ । ବାଲିଯାତ୍ରାରେ ଗୋଟିଏ କଳାମେଣ୍ଢା ଦେବୀଙ୍କ ପାଖରେ ବଳି ପଡ଼ିବାର ପ୍ରଥା ରହିଛି । ଏଣୁ କଳାମେଣ୍ଢାଟିଏ ଯୋଗାଡ଼ କରିବା ଦାୟିତ୍ୱ ନେଲା ଫୁଲମତୀ । ସେ ସୈନ୍ୟ ସାମନ୍ତ ନେଇ ବୁଢ଼ୀ ଅସୁରୁଣୀ ପାଖକୁ ଗଲା । ତାକୁ ରାଜାଙ୍କ ଆଦେଶ କଥା କହିଲା । ଅସୁରୁଣୀ ପନ୍ଦର/କୋଡ଼ିଏ କଳାମେଣ୍ଢା ଆଣି ଦେଖାଇଲା । ଫୁଲମତୀ ଜାଣିଥିଲା ନାଗକୁମର କଳାମେଣ୍ଢା ହୋଇ ସୁନା ଶିକୁଳିରେ ବନ୍ଧା ହୋଇଛି । ଏଣୁ ସେ ଅସୁରୁଣୀକୁ ଧମକ ଦେଇ କହିଲା ଯେଉଁ କଳା ମେଣ୍ଢାଟି ସୁନା ଶିକୁଳିରେ ବନ୍ଧା ହୋଇ ରହିଛି ସେଇଟିକୁ ନଦେଲେ ତୋତେ ଓ ତୋର ସାତ ପୁଅକୁ ଶୂଳୀ ଦିଆଯିବ ।'' ଅସୁରୁଣୀ ଡରିଯାଇ ସୁନା ଶିକୁଳିରେ ବନ୍ଧା ହୋଇଥିବା କଳାମେଣ୍ଢାଟିକୁ ଆଣିଲା । ଏଥର ଫୁଲମତୀ ଅସୁରୁଣୀ ବୁଢ଼ୀକୁ କହିଲା ଏଇ ମେଣ୍ଢାଟିକୁ ତା'ର ପୂର୍ବରୂପ ଫେରାଇଦେ । ନହେଲେ ତୁମ ସମସ୍ତଙ୍କ ପ୍ରାଣ ରହିବନାହିଁ । ଏହା ରାଜାଙ୍କ ଆଜ୍ଞା । ଅସୁରୁଣୀ ବୁଢ଼ୀ କରିବ ବା କଣ ? ସେ ଭୟଭୀତା ହୋଇ ପୁଣି ଫୁଲ ଶୁଙ୍ଘାଇ ମେଣ୍ଢାଟିକୁ ପୂର୍ବର ମଣିଷ କରିଦେଲା । ନାଗକୁମର ପୂର୍ବ ରୂପ ଫେରିପାଇଲା । ଫୁଲମତୀ ମନ ଆନନ୍ଦରେ ନାଗକୁମର ସହ ରାଜନଅରକୁ ଫେରିଲା ।

ଫୁଲମତୀ ପୁରୁଷବେଶ ଛାଡ଼ି ତା'ର ପୂର୍ବରୂପ ହେଲା । ରାଜାଙ୍କୁ ସବୁକଥା କହିଲା । ନାଗକୁମର ଦୁଇ ରାଜଜେମାଙ୍କୁ ବିବାହ କରିବାକୁ ରାଜି ହେଲା । ରାଜା ବିବାହର ସମସ୍ତ ଆୟୋଜନ କଲେ । ନାଗକୁମର ସହ ସିନ୍ଦୂରମୁଣ୍ଡି ଓ ହଳଦିମୁଣ୍ଡି ଦୁଇ ରାଜଜେମାଙ୍କ ବିବାହ ସରିଲା । ନାଗକୁମର ଫୁଲମତୀର ବିଚକ୍ଷଣ ବୁଦ୍ଧିକୁ ବହୁତ ପ୍ରଶଂସା କଲା ଓ ତିନିରାଣୀଙ୍କ ସହ ସୁଖରେ ରାଜ୍ୟ ଶାସନ କଲା ।

ଭଇରାନନ୍ଦ ରଜା କଥା- ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କ ନାମ ଭଇରାନନ୍ଦ । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ରାଜା ନିଜ ପୁଅ

ବିବାହ ବୟସ ହେବାରୁ ତାଙ୍କୁ ଯଥା ସମୟରେ ବିବାହ କରିଦେଲେ । କିନ୍ତୁ, ରାଜଜେମା ଚନ୍ଦ୍ରାବତୀଙ୍କୁ ଏତେ ଗେହ୍ଲା କରୁଥିଲେ ଯେ, ତାଙ୍କୁ ବିବାହ ଦେଇଦେଲେ ସେ ଦୂରକୁ ଚାଲିଯିବ ଭାବି ତା' ବିବାହ କଥା ଚିନ୍ତାବି କରୁନଥିଲେ । ରାଜା ନିଜ କନ୍ୟାକୁ କ୍ଷଣେ ହେଲେ ମଧ୍ୟ ପାଖରୁ ଛାଡ଼ିବାକୁ ଚାହୁଁନଥିଲେ ।

ଦିନକୁ ଦିନ ରାଜଜେମା ଚନ୍ଦ୍ରାବତୀର ବୟସ ବଢ଼ିବାକୁ ଲାଗିଲା । ରାଜା ଓ ରାଣୀ କନ୍ୟାର ବିବାହ କଥା ଟିକେ ବି ଚିନ୍ତା ମଧ୍ୟ କରୁନଥିଲେ । ଚନ୍ଦ୍ରାବତୀର ରୂପରେ ମୋହିତ ହୋଇ ଚାରି ଉଣା ଲକ୍ଷେ ରାଜା ବିବାହ ପାଇଁ ଇଚ୍ଛା ପ୍ରକାଶ କରିଥିଲେ ହେଁ ରାଜା ନିଜ କନ୍ୟାକୁ ବିବାହ ଦେବାକୁ ରାଜି ହେଉନଥିଲେ । କିନ୍ତୁ, ରାଣୀ କନ୍ୟାର ବୟସ ବଢ଼ି ବଢ଼ି ଯାଉଥିବାର ଦେଖି ବିବାହ କରିବାକୁ ବ୍ୟସ୍ତ ହୋଇ ପଡୁଥିଲେ ।

ସୁବଳସୁନ୍ଦର ନାମକ ଜଣେ ରାଜକୁମାର ଚନ୍ଦ୍ରାବତୀର ରୂପରେ ମୋହିତ ହୋଇ ବାବାଜୀ ବେଶରେ ଭଇରାନନ୍ଦ ରାଜାଙ୍କ ନଅରରେ ଯାଇ ପହଞ୍ଚିଲେ । ରାଜା ବାବାଜୀଙ୍କୁ ଉଚିତ ସମ୍ମାନ ଦେଇ ରାଜ ନଅରରେ ରଖିବାର ବ୍ୟବସ୍ଥା କଲେ । ଏଇମିତି କିଛିଦିନ ବିତିଗଲା । ସୁବଳ ସୁନ୍ଦରଙ୍କ ରାଜକଳା ଥିବା ଜାଣିପାରି ରାଣୀ ନିଜ କନ୍ୟାକୁ ତାଙ୍କୁ ବାହା କରିବାକୁ ମନସ୍ଥ କଲେ । ରାଜା ଏଥିରେ ରାଜି ହୋଇଗଲେ । ନିଜ କନ୍ୟାତ ନିଜ ପାଖରେ ରହିବ । ସୁବଳ ସୁନ୍ଦର ଓ ଚନ୍ଦ୍ରାବତୀଙ୍କ ବିବାହ ଧୁମ୍‌ଧାମ୍‌ରେ ହୋଇଗଲା । ଏ ଦୁଇଜଣ କିଛିଦିନ ସୁଖରେ ରହିବା ପରେ ଦିନେ ହଠାତ୍ ସର୍ପାଘାତରେ ସୁବଳ ସୁନ୍ଦରଙ୍କ ମୃତ୍ୟୁ ହେଲା । ସେତେବେଳକୁ ଚନ୍ଦ୍ରାବତୀ ଚାରିମାସର ଗର୍ଭବତୀ ଥିଲେ । ପ୍ରସବ ସମୟ ହେବାରୁ ଚନ୍ଦ୍ରାବତୀ ନିଜ ଦାସୀମାନଙ୍କ ସହ ଉଦ୍ୟାନକୁ ବୁଲିବାକୁ ଗଲେ । ସେଠାରେ ଏକ ଗଛମୂଳରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହେଲା। ସେ ନବଜାତ ଶିଶୁଟିକୁ ଗଛ ମୂଳରେ ଛାଡ଼ିଦେଇ ନଅରକୁ ଚାଲିଆସିଲେ । ରାତି

ହେବାରୁ ବାଘ ବାଘୁଣୀ ଆହାର ଖୋଜି ବାହାରିଲେ । ବାଘୁଣୀ ଉଦ୍ୟାନରେ ନବଜାତ ଶିଶୁଟିର କ୍ରନ୍ଦନ ଶୁଣି ତାକୁ ଧରି ଜଙ୍ଗଲକୁ ଗଲା । କିନ୍ତୁ ବାଘଟି ରାଗିଯାଇ ଶିଶୁଟିକୁ ଖାଇବାକୁ ଗଲାବେଳେ ବାଘୁଣୀ କହିଲା ''ତାକୁ ଖାଅନାହିଁ ମୁଁ ଏହାକୁ ପାଳିପୋଷି ବଡ଼ କରିବି ।'' ବାଘ ରାଗରେ ରହୁଥିଲା । ବାଘୁଣୀ ଯତ୍ନରେ ଶିଶୁଟିକୁ ଆଦରରେ ପାଳନ କଲା । ଶିଶୁଟିର ନାମ ହେଲା ଭାଗିରଥୀ ।

ଭାଗୀରଥି କ୍ରମେ ବଡ଼ ହେବାକୁ ଲାଗିଲା । ବାଘୁଣୀ ଭାବିଲା ପିଲାଟିକୁ ବାଘ ନିଶ୍ଚୟ ଖାଇଦେବ । ଏଣୁ ସେ ଈଶ୍ୱରଙ୍କୁ ପ୍ରାର୍ଥନା କରି ଭାଗୀରଥିକୁ କହିଲା, ବାବୁ, ତୁ ଏଠାରୁ ଚାଲିଯାଅ, ନହେଲେ ବାଘ ତୋତେ ଦିନେ ନା ଦିନେ ଖାଇଦେବ ।'' ଏହାଶୁଣି ଭାଗୀରଥି ସେଠାରୁ ଯାଇ ଅନ୍ୟଏକ ଦେଶରେ ପହଞ୍ଚିଲା । ସେଇ ଦେଶ ତା'ର ଅଜାଙ୍କର । ରାଜାଙ୍କ ନାମ ବରନନ ଓ ଆଈଙ୍କ ନାମ ପାରବତୀ । ମାମୁଁ ସାଧୁଜନଙ୍କ ଏକମାତ୍ର ସୁନ୍ଦରୀକନ୍ୟାକୁ ବାହା ହେବାପାଇଁ ଅନେକ ଯୁବରାଜ ଘରଜୋଇଁ ହୋଇ ରହିଛନ୍ତି । କିନ୍ତୁ, ରାଜଜେମାଙ୍କ ସର୍ତ୍ତ ଯେ, ଯିଏ ବିଭିନ୍ନ ବାଦ୍ୟ ବଜାଇ ତାଙ୍କ ମନ ମୋହି ପାରିବ ତାଙ୍କୁ ହିଁ ସେ ବିବାହ କରିବେ । ସବୁ ଯୁବରାଜ ସାରଙ୍ଗୀ, ମର୍ଦ୍ଦଳ, ବଂଶୀ, ଡୁଙ୍ଗୁଡୁଙ୍ଗା ବଜାଇ କଳାବତୀକୁ ଖୁସି କରିବାକୁ ଚେଷ୍ଟା କରୁଥିଲେ । ଭାଗୀରଥି ସେଠାରେ ପହଞ୍ଚି ସୁର ଲୟେଇ ବଂଶୀ ବଜାଇଲା । ଏକ ସାଙ୍ଗରେ ସାରଙ୍ଗୀ ଓ ମର୍ଦ୍ଦଳ ମଧ୍ୟ ବଜାଇଲା । ସବୁ ଯୁବରାଜମାନଙ୍କଠାରୁ ସେ ବହୁତ ଭଲ ବାଦ୍ୟ ବଜାଇଲା । ତାର ସଂଗୀତରେ ମୁଗ୍ଧ ହୋଇ କଳାବତୀ ତାକୁ ବାହା ହେବାକୁ ରାଜିହେଲା । ଉପସ୍ଥିତ ଯୁବରାଜମାନେ ଲଜ୍ଜାରେ ନିଜ ରାଜ୍ୟକୁ ଫେରିଲେ । କିନ୍ତୁ ବେହେରା ରାଜାଙ୍କ ପୁଅ କଳାବତୀକୁ ବାହା ହେବାପାଇଁ ଅଡ଼ି ବସିଲା । କଳାବତୀ ଏକ ପରୀକ୍ଷା କଲା । ଭାଗିରଥି ଓ ବେହେରା ରାଜାଙ୍କ ପୁଅକୁ ଗୋଟିଏ ଲେଖାଏଁ ମଇଁଷି ଗୋଠ ଦେଇ ବଣକୁ ପଠାଇଲା । ଯାହାର ମଇଁଷି ଅଧିକ ହେବ ତାକୁ ସିଏ ବାହା ହେବ ବୋଲି ସର୍ତ୍ତ ରଖିଲା ।

ଦୁହେଁ ନିଜ ନିଜ ମଇଁଷି ଗୋଠ ଧରି ବଣକୁ ଗଲେ । କିଛି ଦିନ ବଣରେ ମଇଁଷି ଚରାଇଲେ । ଭାଗୀରଥିର ମଇଁଷି ଗୋଠରେ ବେହେରା ପୁଅଠାରୁ ଅଧିକ ହେଲା । ଦୁହେଁ ରାଜ୍ୟକୁ ଫେରିଲେ । ବେହେରା ପୁଅ ହାରିଯାଇ ବି କଳାବତୀକୁ ବାହା ହେବାପାଇଁ ଜିଦ୍ ଧରି ବସିଲା । ଭାଗୀରଥିକୁ ଜୀବନରେ ମାରିଦେବା ପାଇଁ ଉପାୟ ପାଞ୍ଚିଲା । ଦିନେ ସେ ଭାଗୀରଥିକୁ ଖଣ୍ଡାରେ ହତ୍ୟାକରିବାକୁ ଗଲାବେଳେ ଭାଗୀରଥି ତାକୁ କାବୁ କରିଦେଲା । ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ହେଲା । ବେହେରା ପୁଅ ପ୍ରାଣ ହରାଇଲା । ଭାଗୀରଥି କଳାବତୀକୁ ବାହା ହୋଇ ନିଜ ଦେଶକୁ ଯିବାକୁ ବାହାରିଲା ।

ଭାଗୀରଥି ଓ କଳାବତୀ ଯାଉ ଯାଉ ବାଟରେ ବେତାଳ ରାଜାଙ୍କ ରାଜ୍ୟ ପଡ଼ିଲା । ସେଠାରେ ଶିକାର ପ୍ରତିଯୋଗିତା ଚାଲିଥିଲା । ସେଇ ପ୍ରତିଯୋଗିତାରେ ଯିଏ ଜିତିବ ସିଏ ରାଜଜେମା ଲୀଳାବତୀକୁ ବାହାହେବ । ଏଇ ସର୍ତ୍ତ ରହିଥିଲା । ଭାଗୀରଥି ତାର ପରାକ୍ରମ ଦେଖାଇବା ପାଇଁ ଇଚ୍ଛା କଲା । ସେ ଶିକାର ପ୍ରତିଯୋଗିତାରେ ଭାଗ ନେଲା । ସବୁ ରାଜା ବଣରେ ବୁଲି ବୁଲି ହାଲିଆ ହେଲେ ସିନା କିଏ ହେଲେ ଶିକାରଟିଏ କରିପାରିଲେ ନାହିଁ । ବନଦେବୀ ସବୁ ଶିକାରକୁ ଲୁଚାଇ ଦେଇଥିଲେ । ଭାଗୀରଥି ବନଦେବୀକୁ ପ୍ରାର୍ଥନା କରି ବଣରେ ଶିକାର କରିବାକୁ ଧନୁତୀର ଧରି ବୁଲିଲା । ବନଦେବୀ ଭାଗୀରଥିର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଲୁଚାଇ ରଖିଥିବା ସବୁ ପଶୁପକ୍ଷୀଙ୍କୁ ଛାଡ଼ିଦେଲେ । ଭାଗୀରଥି ବହୁତ ଶିକାର କରି ଫେରିଲା । ଏହା ଦେଖି ବେତାଳ ରାଜା ନିଜ ଝିଅ କଳାବତୀକୁ ଭାଗୀରଥି ସହିତ ବାହା କରିବାକୁ ବାଧ୍ୟ ହେଲେ । ଭାଗୀରଥି ଦୁଇ ରାଣୀ କଳାବତୀ ଓ ଲୀଳାବତୀକୁ ଧରି ନିଜ ରାଜ୍ୟରେ ପହଞ୍ଚିଲା ।

ଲୀଳାବତୀ ନିଜ ସଉତୁଣୀ କଳାବତୀକୁ ମାରିଦେଇ ନିଜେ ପାଟରାଣୀ ହେବାପାଇଁ ସୁଯୋଗ ଖୋଜୁଥିଲା । ଦିନେ ଲୀଳାବତୀ ଓ କଳାବତୀ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । କଳାବତୀ ପୋଖରୀ ହିଡ଼ରେ ଠିଆ ରହିଥିବା ସମୟରେ ଲୀଳାବତୀ ତାକୁ ଗଭୀର ପାଣି ଭିତରକୁ ପଛପଟୁ ଠେଲିଦେଲା ।

କଳାବତୀ ପାଣିରେ ବୁଡ଼ି ମରିଗଲା । କିଛିଦିନ ପରେ ସେଇ ପୋଖରୀରେ ଏକ ସୁନ୍ଦର ପଦ୍ମଫୁଲ ହୋଇ ଫୁଟିଲା । ଦିନେ ସନ୍ଧ୍ୟାବେଳେ ଲୀଳାବତୀ ଓ ଭାଗୀରଥି ପୋଖରୀ ହିଡ଼ରେ ବସିଥାନ୍ତି । ପୋଖରୀରେ ଫୁଟିଥିବା ସୁନ୍ଦର ପଦ୍ମଫୁଲଟିକୁ ଦେଖି ସେ ନିଜେ ତୋଳିବାକୁ ଗଲାବେଳେ ଫୁଲଟି ଘୁଞ୍ଚି ଘୁଞ୍ଚି ଗଲା । ଏଣୁ ସେ ଫୁଲଟି ତୋଳିଦେବାପାଇଁ ଭାଗୀରଥିକୁ ଅନୁରୋଧ କଲା । ଭାଗୀରଥି ଯେମିତି ଫୁଲଟିକୁ ତୋଳିବାକୁ ଯାଇଛି, ଫୁଲ ଉପରେ କଳାବତୀ ଠିଆ ହୋଇ ତାକୁ ପାଣିକୁ ଠେଲି ଲୀଳାବତୀ ମାରିଦେଇଥିବା କଥା କାନ୍ଦି କାନ୍ଦି କଳାବତୀ କହିଲା । ସବୁକଥା ଶୁଣି ଭାଗୀରଥି ମନଦୁଃଖରେ ବହୁତ କାନ୍ଦିଲା । ସେ ଜଳ କାମିନୀ ଦେବୀଙ୍କୁ କଳାବତୀକୁ ଫେରାଇଦେବା ପାଇଁ ଆକୁଳ ପ୍ରାର୍ଥନା କଲା । ତା'ର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଜଳକାମିନୀ ଦେବୀ କଳାବତୀକୁ ଜୀବନ୍ୟାସ ଦେବାରୁ କଳାବତୀକୁ ଭାଗୀରଥି ଫେରିପାଇଲା । ଲୀଳାବତୀର କୃତକର୍ମ ପାଇଁ ତାକୁ ଶୂଳୀରେ ଚଢ଼ାଇ ଦିଆଗଲା । ଭାଗୀରଥି ଓ କଳାବତୀ ଅତି ଆନନ୍ଦରେ ରାଜ୍ୟ ଶାସନ କରି ରହିଲେ ।

**ଫୁଲମତୀ କଥା** – ଗୋଟିଏ ଗାଆଁରେ ଏକ ବ୍ରାହ୍ମଣ ପରିବାର ରହୁଥିଲେ । ଅତି ସୁଖରେ ସେହି ଦୁହିଁଙ୍କ ଦିନସବୁ କଟି ଯାଉଥିଲା । ଦିନେ ହଠାତ୍ କୌଣସି ଅଜଣା ରୋଗରେ ସ୍ୱାମୀଟି ମରିଗଲା । ସେତେବେଳକୁ ବିଧବା ସ୍ତ୍ରୀଟି ସାତ ମାସର ଗର୍ଭବତୀଥିଲା । ଥରେ ସେ ଠିଆ ହୋଇ ମୁଣ୍ଡ କୁଣ୍ଡାଉଥିବା ବେଳେ ତା' ହାତରୁ ପାନିଆଟି ଖସି ତଳେ ପଡ଼ିଗଲା । ସେ ନଇଁପଡ଼ି ତଳୁ ପାନିଆଟି ଉଠାଇବାରେ କଷ୍ଟ ଅନୁଭବ କଲା । ଏଣୁ ସେ କିଛି ଦୂରରେ ଥିବା କୁକୁରଟିକୁ ପାନିଆଟି ତଳୁ ଉଠାଇ ଦେବା ପାଇଁ ଅନୁରୋଧ କଲା । କୁକୁରଟି ପାନିଆଟିକୁ ଉଠାଇବା ପୂର୍ବରୁ ଏକ ସର୍ତ୍ତ ରଖିଲା । ତାହା ହେଲା ଯଦି ପୁଅ ହେବ ତେବେ ତା'ସହ ସଙ୍ଗାତ ବସିବ ଓ ଝିଅହେଲେ ତାକୁ ଦେଇଦେବ । ଏହି ସର୍ତ୍ତରେ ବିଧବା ବ୍ରାହ୍ମଣୀ ରାଜିହେବାରୁ କୁକୁରଟି ପାନିଆଟି ତଳୁ ଉଠାଇ ଦେଲା ।

ଏଇମିତି ଦିନ ପରେ ଦିନ ବିତି ଦଶମାସ ଦଶଦିନ ହେବାରୁ ବ୍ରାହ୍ମଣୀର ଝିଅଟିଏ ଜନ୍ମ ହେଲା । ଝିଅଟିର ନାଁ ରଖିଲା ଫୁଲମତୀ । ଝିଅଟି କ୍ରମଶଃ ବଡ଼ ହେବାକୁ ଲାଗିଲା । ସେ ତା'ର ସାଙ୍ଗସାଥିଙ୍କ ସହ ଖେଳୁଥିବା ବେଳେ ସେମାନେ କହିଲେ, 'ଫୁଲମତୀ, ତୋତେ କୁକୁର ନେଇଯିବ । ଏକଥା ଆମେ ଆମର ମାଆଙ୍କଠାରୁ ଶୁଣିଛୁ ।'' ଫୁଲମତୀ ବଡ଼ ଚିନ୍ତାରେ ପଡ଼ିଲା । ବ୍ରାହ୍ମଣୀ ସିନା କୁକୁରକୁ ପ୍ରତିଶ୍ରୁତି ଦେଇଥିବା କଥା ପୁରା ଭୁଲିଯାଇଥିଲା ହେଲେ କୁକୁରଟି ଝିଅକୁ ନେବାକଥା ମନେ ରଖିଥିଲା ।

ଦିନେ ରାତିରେ କୁକୁରଟି ଆସି ଫୁଲମତୀର ଘର ଆଗରେ ଜଗି ବସି ରହିଲା । ଫୁଲମତୀ ଏକଥା ଜାଣିପାରିଲା । ସେ କିପରି କୁକୁର କବଳରୁ ମୁକ୍ତି ପାଇବ ଉପାୟ ଚିନ୍ତାକଲା । ଆଖି ପାଖରେ ରହିଲେ ତାକୁ କୁକୁର ନିଶ୍ଚୟ ନେଇଯିବ । ଏଣୁ ସେ ରାତି ଅଧରେ ବହୁ ଦୂରକୁ ଚାଲିଯିବା ପାଇଁ ସ୍ଥିର କଲା । କୁକୁର ତ ତାକୁ କଦାପି ଛାଡ଼ିବ ନାହିଁ । ସେ କ'ଣ କରିବ ? ସେ କାନ୍ଦି କାନ୍ଦି ନିଦ୍ରା ଦେବୀଙ୍କୁ ପ୍ରାର୍ଥନା କଲା ଯେ କୁକୁରଟି ଗାଢ଼ ନିଦ୍ରାରେ ଶୋଇପଡୁ । ତା ପ୍ରାର୍ଥନାରେ ନିଦ୍ରାଦେବୀ ସନ୍ତୁଷ୍ଟ ହେଲେ । କୁକୁରଟି ଗାଢ଼ ନିଦ୍ରାରେ ଶୋଇପଡ଼ିଲା । ଏହି ସୁଯୋଗ ନେଇ ଫୁଲମତୀ ଦୌଡ଼ି ଦୌଡ଼ି ଯାଇ ସକାଳ ବେଳକୁ ଜଣେ ଜମିଦାର ଘରେ ପହଞ୍ଚିଲା । କୁକୁରଟିର ନିଦ ଭାଙ୍ଗିବାରୁ ସେ ଶୁଙ୍ଘି ଶୁଙ୍ଘି ଚାଲିଲା । ଜମିଦାର ଘର ନିକଟ ହେଲାବେଳକୁ ଫୁଲମତୀ କୁକୁରଟିକୁ ଦେଖି ପ୍ରାଣ ବିକଳରେ ଜମିଦାର ପୁଅକୁ ଜାବୁଡ଼ି ଧରିଲା । ତାକୁ କୁକୁର କବଳରୁ ରକ୍ଷା କରିବାପାଇଁ ଅନୁରୋଧ କଲା । ଜମିଦାର ପୁଅ କୁକୁରଟିକୁ ଘଉଡି ଦେଇ ଫୁଲମତୀକୁ ରକ୍ଷା କଲା । ସେ ସେତେବେଳକୁ ବସନ୍ତ ରୋଗରେ ପୀଡ଼ିତ ଥିଲା । ତା'ପରଦିନ ତାକୁ ଠାକୁରାଣୀ ମାଆ ନେଇଗଲେ । ପୁଅ ମରିଯିବା ଦୁଃଖରେ ଜମିଦାର, ତାଙ୍କ ସ୍ତ୍ରୀ ଓ ଫୁଲମତୀ ବହୁତ କାନ୍ଦିଲେ । ଜମିଦାରଙ୍କ ଏକମାତ୍ର ସନ୍ତାନଟି ମରିଯିବା ଦୁଃଖରେ ଗାଆଁଲୋକେ ତାଙ୍କୁ ସାନ୍ତ୍ୱନା

ଦେଇ କହିଲେ ଝିଅଟିକୁ ପୁଅ ଭାବି ଘରେ ରଖନ୍ତୁ । ଜମିଦାର ଫୁଲମତୀକୁ ନିଜ ଝିଅ ପରି ଘରେ ରଖିଲେ । ଫୁଲମତୀ ଘରର ସବୁକାମ କରି ଜମିଦାରଙ୍କ ଘରେ ରହିଲା ।

ଦିନେ ରାତି ଅଧରେ ଜମିଦାରଙ୍କ ମୃତପୁଅ ପ୍ରେତ ହୋଇ ଧଳା ଘୋଡ଼ାରେ ଚଢ଼ି ନିଜ ଘରକୁ ଆସିଲା । ସେ ଘୋଡାଟିକୁ ଗଛରେ ବାନ୍ଧିଦେଇ ଫୁଲମତୀ ଶୋଇଥିବା ଘରର କବାଟ ଠକ୍ ଠକ୍ କଲା । ରାତି ଅଧରେ କିଏ ଡାକୁଛି ଜାଣିବା ପାଇଁ ଫୁଲମତୀ କବାଟ ଖୋଲିଲା ବେଳକୁ ପ୍ରେତଟିକୁ ଦେଖି ସେ ଭୟଭୀତା ହେଲା । ପ୍ରେତଟି କହିଲା "ମୋତେ ଦେଖି ଭୟ କରନାହିଁ । ଘରକୁ ଚାଲ ।" ସେ ପୂର୍ବର ଦିବ୍ୟ ସୁନ୍ଦର ରୂପ ହୋଇଗଲା । ସେ ଫୁଲମତୀ ସହ କଥାବାର୍ତ୍ତା ହୋଇ ସକାଳ ପୂର୍ବରୁ ଫେରିଗଲା ।

ଏମିତି ପ୍ରତି ରାତିରେ ମୃତ ଜମିଦାର ପୁଅ ଫୁଲମତୀ ପାଖକୁ ଆସି ପ୍ରେମସଂପର୍କ ରଖୁଥିଲା । ଫୁଲମତୀ ଗର୍ଭବତୀ ହୋଇଗଲା । ଦଶମାସ ଦଶଦିନ ହେବାରୁ ତା'ର ଏକ ପୁତ୍ର ସନ୍ତାନ ଜନ୍ମ ହେଲା । ଲୋକେ ହାଉଜାଉ ହେଲେ, ତା'ର ପାପକର୍ମ ପାଇଁ ତାକୁ ଗାଆଁରୁ ବାଛନ୍ଦ କରିବାପାଇଁ ଏକ ସଭା ବସିଲା । ଗାଆଁଲୋକେ ଫୁଲମତୀକୁ ଗାଆଁରୁ ବାହାର କରିଦେବାପାଇଁ ନିଷ୍ପତ୍ତି ନେଲେ । ଜମିଦାର ଗାଆଁ ଲୋକଙ୍କୁ କହିଲେ, "ଫୁଲମତୀ ଯେତେବେଳେ ମୋର ଆଶ୍ରୟ ନେଇଛି, ତା'ର ଭୁଲକାମ ପାଇଁ ମୁଁ ତାକୁ କ୍ଷମା ଦେବି । ତାକୁ ମୋ ଘରେ ରଖିବି । ନହେଲେ ମୋତେ ପାପ ଲାଗିବ । ଫୁଲମତୀ ଲଜ୍ଜାରେ ଘରୁ ପଦାକୁ ବାହାରି ପାରୁନଥିଲା । ସେ କାନ୍ଦି କାନ୍ଦି ଭାଗ୍ୟକୁ ନିନ୍ଦାକରି ରହିଥିଲା ।

ଜମିଦାରଙ୍କ ମୃତ ପୁଅ ପ୍ରତିଦିନ ଆସି ଫୁଲମତୀ ଓ ତା'ର ପୁଅକୁ ଦେଖି ଯାଉଥିଲା । ଦିନେ ସେ ଘରେ ପ୍ରବେଶ କରିବା ଓ ଫୁଲମତୀ ସହ କଥାବାର୍ତ୍ତା ହେବା ଜମିଦାରଙ୍କ ଦୁଇଜଣ ଚାକରାଣୀ ଦେଖିବାକୁ ପାଇଲେ । ସେମାନେ ନିଜ

ଆଖିକୁ ବିଶ୍ୱାସ କରିନପାରି ତା' ପରଦିନ ରାତିରେ ଲୁଚିରହି ସବୁକଥା ଦେଖି ପାରିଲେ । ଜମିଦାରଙ୍କ ମୃତ ପୁତ୍ରକୁ ଫୁଲମତୀର ଶୋଇବାଘରେ ଜୀବନ୍ତ ଅବସ୍ଥାରେ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । ସକାଳେ ଗାଆଁ ଲୋକଙ୍କୁ ରାତିର ଘଟଣାସବୁ କହିଲେ । କିନ୍ତୁ, ସେମାନେ ବିଶ୍ୱାସ କଲେ ନାହିଁ । ଗାଆଁ ଲୋକେ ତା'ପର ଦିନ ନିଜ ଆଖିରେ ଜମିଦାର ପୁଅକୁ ଦେଖି ବିଶ୍ୱାସ କଲେ । ଏକଥା ଜମିଦାର ଓ ତାଙ୍କ ସ୍ତ୍ରୀ ମଧ୍ୟ ଦେଖି ବହୁତ ଖୁସି ହେଲେ । ସେ ଦୁଇଜଣ ପୁଅକୁ ଅଟକାଇ ଘରକୁ ଯିବାପାଇଁ ଅନୁରୋଧ କଲେ । କିନ୍ତୁ ସେ କହିଲା ମୁଁ ଜୀବନ୍ତ ଅବସ୍ଥାରେ ଘରେ ରହିପାରିବି ନାହିଁ । ଠାକୁରାଣୀ ମାଆଙ୍କ ପାଖରେ ସେ ରହିଛି । ସେ ଚାହିଁଲେ ପୁଣି ନରରୂପ ପାଇ ଘରେ ରହିପାରିବ । ଜମିଦାର ଓ ତାଙ୍କ ସ୍ତ୍ରୀ ବହୁତ କାନ୍ଦିଲେ । ବାପାମାଆଙ୍କ କାନ୍ଦିବା ଦେଖି ପୁଅ କହିଲା "ତୁମେ ଏ ବର୍ଷ ଚଇତ ପରବରେ ଏକ ବିରାଟ ପୂଜାର ଆୟୋଜନକର । ଦେବୀଙ୍କୁ ବାରବସ୍ତା ଧାନର ଖଇରେ ଏକ ବଡ଼ ଗଜ ମୁଆଁ କରି ଓ ବାଇଶି ଶଗଡ଼ ନଡ଼ିଆ ଭାଙ୍ଗି ପୂଜା କରିବାକୁ ପଡ଼ିବ । ଚଇତ ମାସର ତତଲା ନଦୀ ବାଲିରେ ପୁଅକୁ ଏକୁଟିଆ ଶୁଆଇଦେବ । ତାହାହେଲେ ଦେବୀ ସନ୍ତୁଷ୍ଟ ହେବେ ଓ ସେ ଜୀବନ୍ୟାସ ପାଇପାରିବ । ଏହାକହି ସେ ଠାକୁରାଣୀଙ୍କ ପାଖକୁ ଫେରିଗଲା ।

ପୁଅ କହିବା ପ୍ରକାରେ ଜମିଦାର ଚଇତ ପର୍ବର ଆୟୋଜନ କଲେ । ବାରବସ୍ତା ଧାନର ଖଇରେ ଏକ ଗଜ ମୁଆଁ ତିଆରି କରାଗଲା ଓ ବାଇଶ ଶଗଡ଼ ନଡ଼ିଆ ଭାଙ୍ଗି ଦେବୀଙ୍କ ପୂଜା କରାଗଲା । ଢ଼ୋଲ, ଝମକ ଓ ମହୁରୀ ନାଦରେ ଗାଆଁଦାଣ୍ଡ କମ୍ପି ଉଠିଲା । ଧୂପ, ଦୀପ ଓ ମାଜଣାରେ ଠାକୁରାଣୀ ସନ୍ତୁଷ୍ଟ ହୋଇ ସେଇ ଗାଆଁକୁ ବିଜେକଲେ । ଦେବୀ ଆସିବାବେଳେ ବାଟରେ ତତଲା ନଦୀ ବାଲିରେ କଅଁଳା ଶିଶୁଟି ରାହାଧରି କାନ୍ଦୁଥିବା ଦେଖି ତାକୁ କୋଳେଇ ଗାଆଁକୁ ବିଜେକଲେ । ସେ ପ୍ରଚଣ୍ଡ ଭାବେ ରାଗିଯାଇ ଜଣ ଜଣ କରି ଗାଆଁ ଲୋକଙ୍କୁ ପଚାରିଲେ "ଏଇ କଅଁଳା ପୁଅଟି କାହାର ? କେଉଁ ପାପିଷ୍ଠ ଏହାକୁ ନିଷ୍ଠୁର ଭାବେ ଚଇତ ମାସର ତତଲା ବାଲିରେ ଶୁଆଇ ଦେଇ ଆସିଛି । ତୁରନ୍ତ କହ

ନହେଲେ ସମସ୍ତଙ୍କୁ ମୋଡ଼ି ଖାଇଦେବି । ଗାଆଁକୁ ଧ୍ୱଂସ କରିଦେବି ।''. ସମସ୍ତେ ପରସ୍ପର ମୁହଁକୁ ଅନାଇ ରହିଲେ । ଜମିଦାରଙ୍କ ମୃତପୁଅ ଓ ଫୁଲମତୀ ଏଇ ସୁଯୋଗର ଅପେକ୍ଷାରେ ଥିଲେ । ସେମାନେ କହିଲେ ମାଆ ଏଇ କଅଁଳା ପୁଅଟି ଆମର । ଲୋକ ଲଜ୍ଜାରେ ଆମେ ତାହାକୁ ତତଲାନଦୀ ବାଲିରେ ଶୁଆଇ ଦେଇଥିଲୁ । ଆମକୁ କ୍ଷମା କରିଦିଅ ମାଆ । ଦେବୀ ପ୍ରଶ୍ନକଲେ ତୁ ଏଇ କାମ କାହିଁକି କଲୁ । ଜମିଦାର ପୁଅ କହିଲା ମାଆ, ଫୁଲମତୀକୁ ମୁଁ ରକ୍ଷା କରିଥିଲି । ସେ ମୋର ଶରଣ ପଶିଥିଲା । ସେ ମୋର ସ୍ତ୍ରୀ । ଏଇ ଛୁଆଟି ମୋର ପୁଅ । ସେ ଆମ ଘରେ ରହିଥିଲା । ମୁଁ ପ୍ରତିଦିନ ତୁମକୁ ନଜଣାଇ ତା' ପାଖକୁ ଆସୁଥିଲି । ତୁମେ ମୋତେ ରକ୍ଷାକର । ଦେବୀ କହିଲେ ''ହେଉ, ତୁ ମୋ ସାଙ୍ଗରେ ଆସ, ଚାଲିଯିବା ।'' ଏହି ସମୟରେ ଫୁଲମତୀ, ଜମିଦାର ଓ ତାଙ୍କ ସ୍ତ୍ରୀ ଦେବୀଙ୍କ ଗୋଡ଼ତଳେ ପଡ଼ି କାନ୍ଦି କାନ୍ଦି ପ୍ରାର୍ଥନା କରି କହିଲେ, ''ମାଆ ଆପଣ ରକ୍ଷା କରନ୍ତୁ । ପୁନର୍ବାର ନର ଦେହ ପ୍ରଦାନ କରନ୍ତୁ । କଅଁଳା ଛୁଆଟି ମଧ ରାହାଧରି କାନ୍ଦିଲା । ବୃଦ୍ଧ ଜମିଦାର ତାଙ୍କ ସ୍ତ୍ରୀ ଫୁଲମତୀ ଓ କଅଁଳା ଛୁଆଟିର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଦେବୀ ଜମିଦାରଙ୍କ ପ୍ରେତ ରୂପୀ ପୁଅକୁ ଆଉଁସି ଦେଲେ । ସେ ଜୀବନ୍ୟାସ ପାଇ ପୂର୍ବଅବସ୍ଥା ଫେରି ପାଇଲା । ବାପା, ମାଆ, ସ୍ତ୍ରୀ  ଓ ପୁତ୍ରକୁ ଧରି ସୁଖରେ ରହିଲେ ଜମିଦାର ପୁଅ ।.

ଲୋକୋକ୍ତି : ଢ଼ଗଢ଼ମାଳି, ପ୍ରବାଦ ପ୍ରବଚନ ଓ ନାଁଦିଆ ପ୍ରଭୃତି ଲୋକୋକ୍ତିର ଅନ୍ତର୍ଭୁକ୍ତ । ଧାଗୁଆଙ୍କ ଲୋକୋକ୍ତି ଗୁଡ଼ିକ ଅତ୍ୟନ୍ତ ସରଳ ଓ ଭାବଗର୍ଭକ । ଏହା ଏମାନଙ୍କ ଅନୁଭୂତି ପ୍ରସୂତ । ଏଗୁଡ଼ିକର କଳେବର ଗୋଟିଏ ବାକ୍ୟ, କିମ୍ବା ଖଣ୍ଡବାକ୍ୟ ଅଥବା ପଦ୍ୟାଂଶ । ଯାହାକି ଦୈନନ୍ଦିନ ଜୀବନର ଘଟନା ଦୁର୍ଘଟନା, ଅଙ୍ଗେନିଭେଇଥିବା ଅନୁଭୂତି, ପାଣିପାଗ, ଚାଷବାସ, ଆଚାର ବ୍ୟବହାର, ଲୋକଚରିତ୍ର, ଭଲମନ୍ଦ, ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ, ଜୀବଜନ୍ତୁ, ଚନ୍ଦ୍ରସୂର୍ଯ୍ୟ, ଆଦିକୁ ଭିତ୍ତିକରି ସୃଷ୍ଟି ହୋଇଥାଏ ।

କେତୋଟି ସଂଗୃହୀତ ଧାରୁଆ ଲୋକୋକ୍ତି :

- ଡଙ୍ଗରକ ପାନ ଡିଙ୍ଗରକ ମାଇଜି
  ଅର୍ଥାତ୍ ଡଙ୍ଗରର ପାଣି ଓ ଯୁବତୀକୁ କେହି ଅଟକାଇ ପାରିବେନି ।

- ଦୁରୁଆ ନଜାନେ ଭଲମନ୍ଦ ।
  ଅର୍ଥାତ୍ ଦୁରୁଆ ଭଲମନ୍ଦ କିଛି ଜାଣେ ନାହିଁ ।

- ବେଟିଲା ହାତ ଖାଇଲା ତୁଣ୍ଡ
  ଅର୍ଥାତ୍ ମଣିଷ ପ୍ରକୃତି ମଲେ ତୁଟେ ।

- ଆରେ ଗୋରୁ ଉପରେ ପଡ୍ରୁ
  ଅର୍ଥାତ୍ - ଆବଳଦ ମୋତେ ବିନ୍ଧ୍ ।

- ଖାଇ ମଜୁର ଡେଇଁ ପଡେ
  ନଖାଇ ମଜୁର ଫାନ୍ଦେ ପଡ଼େ ।
  ଅର୍ଥାତ୍ - ନେଇ ଆଣି ଥୋଇ ଜାଣିଲେ ଚୋରବିଦ୍ୟା ସାର ।

- ସରଗିଶିଉନା ଭତରା ଜିଉନା
  ବାମୁନ ଜିଉନା ସୁଖେ
  କାନ୍ଧର କାଉଡ଼ି କାନ୍ଧେ ରହିଗଲେ
  କାଇ ଘେନି ମରିବାର ଭୁକେ
  ଅର୍ଥାତ୍ - ପରିଶ୍ରମ କଲେ ପେଟ ଅପୋଷା ରହେ ନାହିଁ ।

- ପିତଲ ମହୁରୀ ଅନାକା ସସି ଟଙ୍କା ଝରି ବାରମାସୀ
  କପାଲେକେ ଟେଟାଇଲେ କୁଇଁ ମିଲ୍‌ସି ଲେଖା ରଇଲେ ଘଟାଏସି ।

  ଭାବାର୍ଥ : ଭାଗ୍ୟ ଭଲ ଥିଲେ ବାରମାସ ଟଙ୍କା ଝରେ । ଭାଗ୍ୟମନ୍ଦଥିଲେ ମୁଣ୍ଡ କୋଡ଼ିଲେ ବି କିଛି ଫଳ ମିଳେନି ।

ନାଁ ଦିଆ– ଧାରୁଆମାନେ ନାଁ ଦିଆକୁ ଧାନ୍ଦା ବାକ୍‌ନା ବୋଲି କହିଥାନ୍ତି । ଏହା ପ୍ରଶ୍ନଧର୍ମୀ, ବୁଦ୍ଧିର ପରିମାପକ ଓ ବ୍ୟଙ୍ଗ ବିଦ୍ରୂପାତ୍ମକ ବିଭିନ୍ନ ବସ୍ତୁକୁ

ଆଧାରକରି ପ୍ରଶ୍ନକର୍ତ୍ତା ପ୍ରଶ୍ନ ପଚାରି ଉତ୍ତରର ଅପେକ୍ଷା କରିଥାଏ । ଏଥିରେ ଏମାନଙ୍କ ରସିକତା, ବୁଦ୍ଧିମତା ଓ କଳ୍ପନାବିଳାସ ଲକ୍ଷ୍ୟ କରାଯାଇପାରେ । ଉଦାହରଣ ସ୍ୱରୂପ କେତୋଟି ଧାରୁଆ ନାଁଦିଆ

- ଝିଞ୍ଜି ଆଛେ ମଂଜିନାଇଁ
  ଝିକି ରଖିଲେ ଜିଏ ନାଇଁ (ଉତ୍ତର - ଛତୁ)

- ଧାନ୍ଦା ତ ଧାନ୍ଦା
  ବୁନ୍ଦ ନଇଲା କାନ୍ଦା (ଉତ୍ତର - ଛତୁ)

- ଇ ତିର ଆରେ ତୁରି ତୁରି
  ମୁଇଁ ଯିବି ଗୋଦାବରୀ (ଉତ୍ତର - ଛେପପକାଇବା)

- ଗଛେର ନାଉ ଡିଗି ଡିଗି
  ଫୁଲର ନାଉ ପଦ୍‌ମିନି
  ରାଜାଘର ଉଡକା କେଉଟଘର ଚନା
  ସେଇ ଧାନ୍ଦା ନକହିଲେ କରମଟା ଉନା ।
  (ଉତ୍ତର - ଶିମୂଳୀଗଛ)

- ଆଏ ମିଲିକଇ ଯାଏ ମିଲିକି
  ବାଉଡିଲା ଖୋଜ୍ ନାଇ (ଉତ୍ତର - ଡଙ୍ଗା)

- ରିଂ ରିଂଆ ତିନି ମୁଣ୍ଡିଆ
  ଛାଲି ବଅଲ ଚୋପା କଅଁଲ (ଉତ୍ତର - ଚୁଲି ଓ ରନ୍ଧା ଖାଦ୍ୟ)

- ଗୋଟେ ଡକରୀ ଡୁଲିସି
  ଗୋଟେ ଡକରୀ ଟେକ୍‌ସି (ଉତ୍ତର - ପେଜଗାଳିବା)

- ତେଲିଙ୍ଗିରାଜାର ଭଉନୀ
  ଶିଙ୍ଗ ଧଇଲେ ଖଁଏସି କରିସି
  (ଉତ୍ତର - ଆମଟଶାଗ ବା ଚୂନାଗୋଲା ଖଟା)
- ଆଟଲ ଡାମନା
  ଦୁଇବାଟେ ଥୋବନା (ଉତ୍ତର- ଭାରବାହୁଙ୍ଗା)
- ବାଟକା କୁକୁଟା ତିମିରା
  ମଇନାମତୀର ଘର
  ଏତେ ରାଜାର ବଇଁଶ ରଇଲେ
  କଟକ ନଇଲେ ଚୋର । (ଉତ୍ତର - ମହୁଫେଣା)
- ରଂଗ ରଂଗ ରଏସି
  ପାନି ହେଲେ ମରିଯାଇସି (ଉତ୍ତର - ଅଗ୍ନି)

# ପ୍ରଦର୍ଶନ କଳା

## ଧାଙ୍ଗୁଆ ଲୋକନୃତ୍ୟ

ଧାଙ୍ଗୁଆମାନେ ନୃତ୍ୟ ସଂଗୀତ ପ୍ରିୟ ମଣିଷ । ବର୍ଷରେ ପାଳିତ ବିଭିନ୍ନ ଉତ୍ସବ ନୃତ୍ୟଗୀତ ବିନା ସଂପନ୍ନ ହେବା ଅସମ୍ଭବ । ଶୁଭ ଓ ଅଶୁଭ ପ୍ରତ୍ୟେକ କାର୍ଯ୍ୟରେ ନୃତ୍ୟଗୀତ ଓ ବାଦ୍ୟବାଦନର ପ୍ରୟୋଜନ ଏକାନ୍ତ । ମୃତ୍ୟୁରେ ନୃତ୍ୟ ଓ ବାଦ୍ୟ ବାଦନ କରାଯାଇଥାଏ । ଏମାନଙ୍କ ପାଇଁ ନୃତ୍ୟଗୀତ ଖାଦ୍ୟପାନୀୟ ପରି ଆତ୍ୟାବଶ୍ୟକ ସାମଗ୍ରୀ । ଜୀବନଚକ୍ର ଓ ଋତୁଚକ୍ରରେ ପାଳିତ ବିଭିନ୍ନ ପର୍ବପର୍ବାଣୀ ଓ ସାମାଜିକ ଉତ୍ସବ ଯଥା – ନୂଆଖିଆ, ପୁଷ୍ ପରବ, ମାଘ ପରବ, ଚଇତପରବ, ପିତୃ ପୁରୁଷଙ୍କ ପୂଜା, ସନ୍ତାନଜନ୍ମ, ନାମକରଣ, ନିର୍ବନ୍ଧ, ବିବାହ, ଦଶାହ ପ୍ରଭୃତିର ମୁଖ୍ୟ ଅବଲମ୍ବନ ହେଉଛି ନୃତ୍ୟଗୀତ । ଏଣୁ ନୃତ୍ୟ ଏମାନଙ୍କ ଜୀବନର ଛନ୍ଦ ଓ ସଂଗୀତ ଏମାନଙ୍କ ଜୀବନର ସ୍ୱର ବୋଲି କୁହାଯାଇପାରେ ।

ଏମାନଙ୍କ ନୃତ୍ୟ ସଂଗୀତ ପ୍ରଭୃତିର ଶିକ୍ଷାକେନ୍ଦ୍ର ହେଉଛି ଗ୍ରାମରେ ଅବସ୍ଥିତ ଧାଙ୍ଗଡ଼ା ଧାଙ୍ଗଡ଼ୀ ବସା । ଏହି ଯୁବ ପ୍ରମୋଦ କେନ୍ଦ୍ରରେ ଅବିବାହିତ ଯୁବକ ଯୁବତୀମାନେ ରାତ୍ରି ଯାପନ କରିଥାନ୍ତି । ସନ୍ଧ୍ୟାହେଲେ ଅନ୍ୟ ଗ୍ରାମରୁ ଯୁବକ ଯୁବତୀମାନେ ଏଠାକୁ ଆସିଥାନ୍ତି । ଏମାନେ ଦୀର୍ଘ ସମୟ ଧରି ବାହୁରେ ବାହୁଛନ୍ଦି, ପାଦସହ ପାଦ ମିଳାଇ ଓ ହୃଦୟରେ ହୃଦୟ ମିଶାଇ ନୃତ୍ୟ କରିବାର ସୁଯୋଗ ପାଉଥିବାରୁ ନିଜ ନିଜର ଜୀବନ ସାଥି ଚୟନ କରିବାର ସୁଯୋଗ ମିଳିଥାଏ । ଏଥିପାଇଁ ଅଧିକାଂଶ କ୍ଷେତ୍ରରେ ଉଦ୍‌ଲିଆ ବିବାହ (ପ୍ରେମ ବିବାହ) ସଂଘଟିତ ହୋଇଥାଏ । ଏମାନେ ଜହ୍ନ ଆଲୁଅରେ ଧାଙ୍ଗଡ଼ା ଧାଙ୍ଗଡ଼ୀ ବସା ଆଗର ପ୍ରଶସ୍ତ ଦାଣ୍ଡରେ କିମ୍ବା ଆମ୍ବତୋଟାରେ ରାତି ସାରା ନୃତ୍ୟଗୀତରେ ନିଜ ନିଜକୁ ହଜାଇ ଦେଇଥାନ୍ତି । ଏମାନଙ୍କ ନୃତ୍ୟଗୀତ ଦିନର ଅକ୍ଳାନ୍ତ ପରିଶ୍ରମର ଶ୍ରମଲାଘବ କରିବା ସଂଗେ ସଂଗେ ମନୋରଂଜନର ଏକମାତ୍ର ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ । ଏମାନଙ୍କ ବର୍ଷରେ ପାଳିତ ବିଭିନ୍ନ ପର୍ବପର୍ବାଣୀ ଓ ନୃତ୍ୟର ଶୈଳୀକୁ ଭିତ୍ତିକରି

ବିଭିନ୍ନ ନୃତ୍ୟକୁ ମୁଖ୍ୟତଃ   ବିର୍‌ଲି ନୃତ୍ୟ ବା ପୁଷ୍ ପରବନୃତ୍ୟ, ଉଦେହୁସେ ବା ଫଗୁଣମାସର ଦାଣ୍ଡାହୁଲିଆ ନୃତ୍ୟ, ଚଇତ ମାସର ଶିକାର ନୃତ୍ୟ, ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କ ତେମ୍‌ସା ନୃତ୍ୟ ଭେଦରେ ବିଭକ୍ତ କରାଯାଇପାରେ । ଏହିସବୁ ନୃତ୍ୟର ବେଶଭୂଷା, ନର୍ତ୍ତନ ଶୈଳୀ, ବାଦ୍ୟ ବାଦନ ଓ ସ୍ୱର ଧ୍ୱନି ସ୍ୱତନ୍ତ୍ର । ଏମାନଙ୍କ ବିଭିନ୍ନ ପ୍ରକାର ନୃତ୍ୟର ଯତ୍‌କିଞ୍ଚିତ ସୂଚନା ପ୍ରଦାନ କରାଗଲା ।

ବିର୍‌ଲି ବା ପୁଷ୍‌ପରବ ନୃତ୍ୟ – ଦୁରୁଆମାନଙ୍କ ପୌଷମାସରେ ଯେଉଁ ନୃତ୍ୟ କରାଯାଏ, ତାହାକୁ ବିର୍‌ଲିନୃତ୍ୟ କୁହାଯାଏ । ଏହି ମାସ ବେଳକୁ ମାଣ୍ଡିଆ ଓ ସୁଆଁ ଅମଳ ହୋଇଯାଇଥାଏ । ଏଥିରୁ ଲନ୍ଦା (ଏକ ପାନୀୟ) ପ୍ରସ୍ତୁତ କରାଯାଏ । ଏମାନେ ସର୍ବପ୍ରଥମେ ପିତୃ ପୁରୁଷ ଓ ଦେବଦେବୀଙ୍କୁ ଲନ୍ଦା ପ୍ରଦାନ କରି ନିଜେ ପାନୀୟ ଭାବେ ଗ୍ରହଣ କରିଥାନ୍ତି । ଲନ୍ଦା ଓ ଶିମ୍ବ ଜାତୀୟ ଅନ୍ୟାନ୍ୟ ନୂଆ ଦ୍ରବ୍ୟକୁ ଦିସାରୀ କହିବା ଦିନରେ ନୂଆକରି ଖାଇଥାନ୍ତି । ଉକ୍ତ ଦିନ ନୃତ୍ୟଗୀତ, ମଦ୍ୟପାନ ଓ ଲନ୍ଦା ଖାଇ ପର୍ବ ପାଳନ କରିଥାନ୍ତି ।

ଏହି ନୃତ୍ୟରେ ପୁରୁଷମାନେ ମୟୂରପୁଚ୍ଛ ଲାଗିଥିବା ଗୟଳଶିଙ୍ଗର ଟୋପିପିନ୍ଧି, ଗାମୁଛା କଛା ମାରି, ହାତରେ ଧନୁତୀର, ଟାଙ୍ଗିଆ ଧରି,ବେକରେ ଦର୍ପଣ ଓ କାନ୍ଧରେ ଲାଉତୁମ୍ବା ଝୁଲାଇ ଲମ୍ବାଢୋଲ, ଡୁଡୁବୁଡ଼ି, ମିଟାଣ୍ଡା (ଟମକ), ବେରଟ୍ (ବଂଶୀ), ଶିଙ୍ଗାର ତାଳେତାଳେ ଉଦ୍ଦାମନୃତ୍ୟ କରିଥାନ୍ତି । ରମଣୀମାନେ ନିଜସ୍ୱ ପାଟା (ଧଳାଲୁଗାରେ କଳାଧାଡ଼ି ପଡ଼ିଥିବା) ପିନ୍ଧି, ମୁଣ୍ଡରେ କାଠ ପାନିଆ ଓ ବଣଫୁଲ ଖୋସି ବାହୁରେ ବାହୁଛନ୍ଦି ନୃତ୍ୟ କରିଥାନ୍ତି । ପୁରୁଷମାନେ ବାଦ୍ୟର ତାଳେ ତାଳେ ଆଗକୁ ପାଦେ  ଦିପାଦ ଓ ପଛକୁ ପାଦେ / ଦିପାଦ ପକାଇ ନୃତ୍ୟ କଲାବେଳେ ରମଣୀମାନେ ସମତାଳରେ ପାଦ ପକାଇ ନୃତ୍ୟ କରିଥାନ୍ତି । ବାଦ୍ୟର ଗମ୍ଭୀର ନାଦ ସହ ଓ ଓ ଓ ଧ୍ୱନି ଓ ପାଟିରେ ହୁଇସିଲ୍ ମାରି ଏମାନେ ନୃତ୍ୟକୁ ଅଧିକ ଗତିଶୀଳ ଓ ଉଦ୍ଦୀପକ କରିଥାନ୍ତି ।

ଉଦେ ଦୁସେ ନୃତ୍ୟ – ଧାରୁଆମାନେ ଫଗୁଣମାସରେ ଯେଉଁ ନୃତ୍ୟ କରି ବିଭିନ୍ନ ଗ୍ରାମ ପରିକ୍ରମା କରିଥାନ୍ତି ତାହାକୁ ଉଦେଦୁସେ ନୃତ୍ୟ କୁହାଯାଏ । ଦେଶିଆ ଭାଷୀ ଧାରୁଆମାନେ ଏହି ନୃତ୍ୟକୁ ଦାଣ୍ଡାହୁଲିଆ ନୃତ୍ୟ କହିଥାନ୍ତି । କୋରାପୁଟର ଅନ୍ୟାନ୍ୟ ଆଦିବାସୀ ଯଥା – ଭୂମିଆ, ଭତ୍ରା, ପେଣ୍ଟିଆଙ୍କ ଏହି ନୃତ୍ୟ ରହିଥିଲେ ହେଁ ଧାରୁଆ ଉଦେଦୁସେ ନୃତ୍ୟର ବିଶେଷତ୍ୱ ରହିଛି । ଏହି ନୃତ୍ୟରେ କଳାକାରମାନେ ଦୁଇଖଣ୍ଡ ବାଉଁଶ ବାଡ଼ିକୁ ଆଘାତକରି ନୃତ୍ୟ କରୁଥିବାରୁ ଏହି ନୃତ୍ୟଟି 'ଦାଣ୍ଡାହୁଲିଆ ନୃତ୍ୟ' ଭାବେ ନାମିତ ହୋଇଥିବା ଅନୁମାନ କରାଯାଏ ।

ଏହି ନୃତ୍ୟରେ ଦଶରୁ ପନ୍ଦରଜଣ ପୁରୁଷ ଗାମୁଛା ପିନ୍ଧି, ମୁଣ୍ଡରେ ପଗଡ଼ି ବାନ୍ଧି ଏଥିରେ ମୟୂରଚୂଳ ଓ ଫୁଲଖୋସି ଥାନ୍ତି । ପ୍ରତ୍ୟେକ ହାତରେ ଦୁଇଖଣ୍ଡ ଲେଖାଏଁ (ହାତେ / ଦେଢ଼ହାତଲମ୍ୱର) ବାଉଁଶ ବାଡ଼ି ଧରିଥାନ୍ତି । ଏହି ବାଉଁଶବାଡ଼ିର ଆଗ ମୁଣ୍ଡକୁ .ଚାରିଫାଳ କରାଯାଇଥାଏ । କଳାକାର ମାନେ ବାଡ଼ିସହ ବାଡ଼ିକୁ ଆଘାତକରି ଠକ୍ ଠକ୍ ଧ୍ୱନି ସୃଷ୍ଟି କରିଥାନ୍ତି । ଏମାନେ ମାଘ ପୂର୍ଣ୍ଣିମାଦିନ ଗ୍ରାମର ହୁଣ୍ଡୀ ଦେବୀଙ୍କୁ ପୂଜାକରି ନୃତ୍ୟ ଆରମ୍ଭ କରିଥାନ୍ତି । ପୂର୍ଣ୍ଣିମାଦିନ ନିଜଗ୍ରାମକୁ ଫେରିଥାନ୍ତି । ସଂଗୃହୀତ ଧାନ, ଚାଉଳ ଓ ପଇସାରେ ସମସ୍ତେ ମିଶି ଭୋଜିଭାତ କରି ଖାଇଥାନ୍ତି ।

ଏହି ନୃତ୍ୟରେ ଢ଼ୋଲ, ତୁଡୁବୁଡ଼ି, ଶିଙ୍ଗା, ବଂଶୀ ବାଦନ କରାଯାଏ । ବାଦ୍ୟର ତାଳେ ତାଳେ ବିଭିନ୍ନ ଛନ୍ଦରେ ପାଦ ପକାଇ ପରସ୍ପର ବାଉଁଶ ବାଡ଼ିକୁ ଆଘାତକରି ନୃତ୍ୟ କରିଥାନ୍ତି । ନୃତ୍ୟ ସମୟରେ ହୋ ହୋ ଧ୍ୱନି ଓ ହୁଇସିଲ୍‌ର ସ୍ୱର ନୃତ୍ୟକୁ ଅଧିକ ଗତିଶୀଳ ଓ କରିଥାଏ । ଏହି ନୃତ୍ୟରେ କଳାକାରମାନେ ଗୋଲାକାର ଭାବେ, ଦୁଇଧାଡ଼ି ହୋଇ ପରସ୍ପର ବିପରୀତ ଦିଗକୁ ମୁହଁକରି, ଜଣକର କାନ୍ଧରେ ଅନ୍ୟଜଣେ ଠିଆ ହୋଇ ବାଡ଼ିସହ ବାଡ଼ି ଆଘାତ କରିଥାନ୍ତି । ଏମାନଙ୍କ ସମାନ ପଦପାତ, ଅଙ୍ଗଭଙ୍ଗୀ, ବାଡ଼ିସହ ବାଡ଼ିର ସମାନ ଆଘାତ ଓ ଶବ୍ଦ ଅତ୍ୟନ୍ତ ଉପଭୋଗ୍ୟ ହୋଇଥାଏ । ଏଥିରେ କଳାକାରମାନେ ଯୁଦ୍ଧ କରିବା ଭଙ୍ଗୀରେ ନୃତ୍ୟ କରୁଥିବାରୁ ଏହା ସମରନୃତ୍ୟର ପ୍ରାଚୀନ ରୂପ ଭାବେ ପ୍ରତୀୟମାନ ହୁଏ ।

ଶିକାର ନୃତ୍ୟ- ଏମାନଙ୍କ ଚୈତ୍ରମାସରେ ପାଳିତ ଚଇତ ପରବର ମୁଖ୍ୟଅଂଶ ହେଉଛି ବେଣ୍ଟପରବ ବା ଶିକାର ପର୍ବ । ଏହି ପର୍ବର ଶେଷତିନିଦିନ ପୁରୁଷମାନେ ହାତରେ ଧନୁତୀର, ଅଣ୍ଟାରେ କାତି ଓ କାନ୍ଧରେ ଟାଙ୍ଗିଆ ପକାଇ ପଶୁପକ୍ଷୀ ଶିକାର କରିବାପାଇଁ ଜଙ୍ଗଲକୁ ଯାଆନ୍ତି । ଢ଼ୋଲ, ଟମକ, ତୁଡ୍ଡୁବୁଡ଼ି ଓ ଶିଙ୍ଗାର ଗମ୍ଭୀର ନାଦରେ ଶିକାରକୁ କାବୁ କରିଥାନ୍ତି । ଏମାନେ ବାଦ୍ୟର ତାଳେ ତାଳେ ଆଗକୁ ଦିପାଦ ପଛକୁ ଦିପାଦ, ବାମକୁ ଦିପାଦ, ଡାହାଣକୁ ଦିପାଦ ଓ ଚକ୍ରାକାର ବୁଲି ଶିକାର ତୀର ଯୋଖି ଶିକାରକୁ ଗୋଡ଼ାଇବା ଓ ଲମ୍ଫ ପ୍ରଦାନ କରି ମାରିବା ନୃତ୍ୟ ଭଙ୍ଗୀରୁ ଆଦିମ ସଭ୍ୟତାର ସଂକେତ ସୁସ୍ପଷ୍ଟ । ଏମାନେ ଶିକାର ପ୍ରିୟ ସଂପ୍ରଦାୟ ହୋଇଥିବା ଏମାନଙ୍କ ନୃତ୍ୟରେ ବାସ୍ତବଜୀବନର ଛନ୍ଦ ରୂପାୟିତ । ଏମାନଙ୍କ ଶିକାର ନୃତ୍ୟ ଯେତିକି ଆକର୍ଷଣୀୟ ତା'ଠାରୁ ଅଧିକ ଭୟଙ୍କର ।"

ଡେମ୍‌ସା ନୃତ୍ୟ- ଏହି ନୃତ୍ୟ ଧାଗୁଆମାନଙ୍କ ବିଭିନ୍ନ ଅବସରରେ ଅନୁଷ୍ଠିତ ହୋଇଥାଏ । ବର୍ଷର ବିଭିନ୍ନ ସମୟରେ ପାଳିତ ଉଭୟ ସାମାଜିକ ଓ ଧର୍ମୀୟ ଉତ୍ସବ ତଥା ପର୍ବପର୍ବାଣୀମାନଙ୍କରେ ଆବାଳ ବୃଦ୍ଧ ବନିତା ଯେଉଁ ନୃତ୍ୟ କରିଥାନ୍ତି, ତାହାକୁ ଡେମ୍‌ସାନୃତ୍ୟ କୁହାଯାଏ । ଅନୁଧ୍ୟାନରୁ ଜଣାଯାଏ ଯେ, ଏହି ନୃତ୍ୟରେ ଧୁମ୍‌ସା (ଟମକ) ବାଦ୍ୟଯନ୍ତ୍ର ମୁଖ୍ୟ ବାଦ୍ୟଭାବେ ବାଦନ କରାଯାଉଥିବାରୁ ଏହାର ନାମ ଡେମ୍‌ସାନୃତ୍ୟ ହୋଇଛି । ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟରେ ମଧ୍ୟ ଏହି ନୃତ୍ୟର ପ୍ରଚଳନ ରହିଛି । ଧାଗୁଆ ଯୁବକ ଓ ଯୁବତୀମାନେ ମୁଖ୍ୟତଃ ଏହି ନୃତ୍ୟରେ ଅଂଶ ଗ୍ରହଣ କରୁଥିବାରୁ କେତେକ ଏହାକୁ ଧାଙ୍ଗଡ଼ା ଧାଙ୍ଗଡ଼ୀ ନୃତ୍ୟ ବୋଲି କହିଥାନ୍ତି ।

ଏହି ନୃତ୍ୟରେ ପାଞ୍ଚଜଣରୁ ଅଧିକ ସଂଖ୍ୟକ ଏପରିକି ଶତାଧିକ ଲୋକ ଅଂଶ ଗ୍ରହଣ କରିବା ଦୃଷ୍ଟିଗୋଚର ହୋଇଥାଏ । ଏହି ନୃତ୍ୟରେ ଜଣେ ଅନ୍ୟଜଣଙ୍କ ବାହୁରେ ବାହୁଛନ୍ଦି ଓ ଅଣ୍ଟାକୁ ଭିଡ଼ିଧରି ବାଦ୍ୟର ତାଳେ ତାଳେ ବିଭିନ୍ନ ଭଙ୍ଗୀରେ ନୃତ୍ୟ କରିଥାନ୍ତି । ନୃତ୍ୟର ସବାଆଗରେ ଜଣେ ଅଭିଜ୍ଞବ୍ୟକ୍ତି ମୟୂରପୁଚ୍ଛଧରି ନୃତ୍ୟକୁ ପରିଚାଳନା କରିଥାଏ । ଧାଗୁଆ ଯୁବକ ଯୁବତୀମାନେ ସେମାନଙ୍କ

ପାରଂପରିକ ବେଶଭୂଷାରେ ସଜ୍ଜିତ ହୋଇ ଢ଼ୋଲ, ମହୁରୀ, ଡୁଡୁବୁଡ଼ି, ଟମକ ଓ ବଂଶୀର ତାଳେ ତାଳେ ଧାଡ଼ି ବାନ୍ଧି, ଗୋଲାକାର ଓ ଅର୍ଦ୍ଧଗୋଲାକାର ହୋଇ ନୃତ୍ୟ କରିଥାନ୍ତି । ସଂଗୃହୀତ ତଥ୍ୟରୁ ଜଣାଯାଏ ଯେ, ଏମାନଙ୍କ ବିଭିନ୍ନ ପ୍ରକାରର ଡେମ୍‌ସାନୃତ୍ୟ ରହିଛି । ଯଥା – ହିଣ୍ଡାଣି ଡେମ୍‌ସା (ଚାଲିବାଭଳି), ଅଣ୍ଟା ଝୁଲାଣି ଡେମ୍‌ସା (ଅଣ୍ଟା ଝୁଲାଇ ନାଚିବା), କୁନ୍ଦାଡେମ୍‌ସା (ଅଣ୍ଟା ବଙ୍କେଇ ମୁହଁ ତଳକୁ କରି ନାଚିବା), ସିରା ଡେମ୍‌ସା (କାଳିସୀଲାଗିବା ଭଳି ମୁଣ୍ଡ ଝୁଲାଇ ନାଚିବା), ଗୋଡ଼ି ବେଟନି ଡେମ୍‌ସା (ଭୂଇଁ ଗୁଗୋଡ଼ି ବାଛିବା ଭଳି ନାଚିବା), ଦଉଡାଣି ଡେମ୍‌ସା (କ୍ଷୀପ୍ରଗତିରେ ଦଉଡିବା ଭଳି ନାଚିବା) ପ୍ରଭୃତି ନୃତ୍ୟ ଶୈଳୀ ରହିଛି । ଉପରୋକ୍ତ ପ୍ରକାର ଡେମ୍‌ସା ନୃତ୍ୟରେ ମନ୍ଥର ଓ କ୍ଷୀପ୍ର ଗତିରେ ପାଦ ପକାଇ ନାଚିବା, ଦୁଇଧାଡ଼ି ବାନ୍ଧି ନାଚିବା, ଗୋଲାକାର / ଅର୍ଦ୍ଧଗୋଲାକାର ହୋଇ ନାଚିବା, ପାଦେ, ଦ୍ଵିପାଦ କିମ୍ବା ତିନିପାଦ ଆଗକୁ, ପଛକୁ, ବାମ ଓ ଡାହାଣକୁ ପକାଇ ନୃତ୍ୟ କରିଥାନ୍ତି ।

ପ୍ରଥମେ ମହୁରୀଆ ମହୁରୀରେ ଡେମ୍‌ସା ନୃତ୍ୟର ସ୍ୱର ତୋଳେ । ସେଇ ସ୍ୱରକୁ ଲକ୍ଷ୍ୟକରି ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ବାଜେ । ବାଦ୍ୟର ଶୈଳୀ ସଂପର୍କରେ ସୂଚନାଦେଇ ଆଗକୁ ଚାଲେ । ନୃତ୍ୟ ମଝିରେ ହୋ.. ହୋ... ସାରିଗାଲା ସାରିଗାଲାରେ ଓ ହୁଇସିଲ୍‌ର ଧ୍ୱନି ନୃତ୍ୟକୁ ଗତିଶୀଳ କରିବା ସଂଗେ ସଂଗେ କଳାକାରମାନଙ୍କୁ ଉତ୍ସାହିତ କରିଥାଏ । ଏହି ନୃତ୍ୟର ବିଶେଷତ୍ୱ ହେଉଛି କଳାକାର ଓ ଦର୍ଶକ ଏକ ଏବଂ ଅଭିନ୍ନ । ନୃତ୍ୟ ମଝିରେ ଯେ କେହି ଅଂଶ ଗ୍ରହଣ କରିପାରିବେ । କେବଳ ଦୁରୁଆ ରମଣୀମାନେ ଯେଉଁ ଡେମ୍‌ସା ନୃତ୍ୟରେ ଅଂଶ ଗ୍ରହଣ କରିଥାନ୍ତି ତାହାକୁ ନିନିନୃତ୍ୟ କୁହାଯାଏ ।

ଦୁରୁଆ ନାଟ– ଅବିଭକ୍ତ କୋରାପୁଟର ବିଭିନ୍ନ ଆଦିବାସୀଙ୍କ ନିଜସ୍ୱ କଥିତ ଭାଷା ରହିଥିଲେ ହେଁ ପରସ୍ପରଙ୍କ ବୋଧଗମ୍ୟ ହେଲା ଭଳି ଏକ ସଂଯୋଜକ ଭାଷା ପ୍ରଚଳିତ, ଯାହାକୁ 'ଦେଶିଆଭାଷା' କୁହାଯାଏ । ବିଭିନ୍ନ ଆଦିବାସୀ ସଂପ୍ରଦାୟଙ୍କର ଏହି ଦେଶିଆ ଭାଷାର ନାଟ ଅତ୍ୟନ୍ତ ଲୋକପ୍ରିୟ । ଦୁରୁଆ ସଂପ୍ରଦାୟରେ ଏହି

ନାଟର ଆଦର କିଛି କମ୍ ନୁହେଁ । ଅଧିକାଂଶ ଧାଙ୍ଗୁଆ ଗ୍ରାମରେ ନାଟ ଶିକ୍ଷା ନିମନ୍ତେ ଆଖଡ଼ାଘରମାନ ରହିଥିବା ଦୃଷ୍ଟିଗୋଚର ହୁଏ । ଏମାନଙ୍କ ସନ୍ତାନଜନ୍ମ, ବିବାହ, ଦଶାହ ଓ ବିଭିନ୍ନ ପର୍ବପର୍ବାଣୀରେ ନାଟ ମଞ୍ଚସ୍ଥ ହୁଏ ଓ ଆବାଳ ବୃଦ୍ଧ ବନିତା ନାଟ୍ୟରସରେ ରାତିସାରା ନିଜ ନିଜକୁ ହଜାଇ ଦେଇଥାନ୍ତି ।

ପୂର୍ବେ ଉପକୂଳବର୍ତ୍ତୀ ଅଞ୍ଚଳରେ ଗୁରୁମାନେ ଆସି ଆଦିବାସୀମାନଙ୍କୁ ନାଟ ଶିକ୍ଷା ଦେଉଥିଲେ । ସଂପ୍ରତି ବହୁ ଆଦିବାସୀ ଗୁରୁ ନାଟ ରଚନା କରି ନାଟ ଶିକ୍ଷା ଦେଉଥିବା ଜଣାଯାଏ । ଏମାନଙ୍କୁ ଗୋଟିଏ ନାଟ ଶିକ୍ଷା ଦେବାକୁ ଚାରିରୁ ଛଅମାସ ଲାଗିଥାଏ । ଲୋକମାନଙ୍କ ଠାରୁ ପାରିଶ୍ରମିକ ପାଇ ରାତିରେ ଆଖଡ଼ାରେ ଶିକ୍ଷା ଦେଇଥାନ୍ତି । ନାଟର ପୋଷାକପତ୍ର, ବାଦ୍ୟଯନ୍ତ୍ର, ମଞ୍ଚସଜ୍ଜା ଓ ଗୁରୁଙ୍କ ପାରିଶ୍ରମିକ ଯୋଗାଡ଼ କରିବାପାଇଁ ଲୋକେ କୁଲି ଭୁତି କରି ଟଙ୍କା ସଂଚୟ କରିଥାନ୍ତି କିମ୍ବା ଉତ୍ପାଦିତ ଶସ୍ୟକୁ ବିକ୍ରି କରିଥାନ୍ତି । ଧାଙ୍ଗୁଆଗ୍ରାମରେ ଘରପିଛା ଚାନ୍ଦା ପଡ଼ିଥାଏ । ଗୋଟିଏ ନାଟ ମଞ୍ଚସ୍ଥ ହେବା ପାଇଁ ଅନ୍ୟୂନ କୋଡ଼ିଏରୁ ତିରିଶ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ । ଏମାନେ ଦିନସାରା ଅକ୍ଳାନ୍ତ ପରିଶ୍ରମ ପରେ ରାତିରେ ନାଟଶିକ୍ଷା କରି ଆନନ୍ଦଲାଭ କରିଥାନ୍ତି ।

ଧାଙ୍ଗୁଆ ସମାଜରେ ବିଭିନ୍ନ ରସର ନାଟକ ମଞ୍ଚସ୍ଥ ହେଉଥିଲେ ହେଁ ବୀର ରସାତ୍ମକ ଓ ଶୃଙ୍ଗାର ରସସମ୍ବଳିତ ନାଟ ସବୁର ଆଦର ସର୍ବାଧିକ । ଏମାନେ ମୁଖ୍ୟତଃ କୀଚକବଧ, କଂସବଧ, ରାବଣବଧ, ମେରୁଶୂଳବଧ, ଗଣ୍ଡାବଧ, ବୀରବାହୁବଧ, ଗୋସିଂହବଧ ପ୍ରଭୃତି ବଧନାଟ ଓ ସଚଳା ହରଣ ନୀଳେନ୍ଦ୍ରି ହରଣ, ଶଶୀରେଖା ହରଣ, ଦ୍ରୌପଦୀ ହରଣ, ଚନ୍ଦ୍ରକଳା ହରଣ, ସୁଭଦ୍ରା ହରଣ ପ୍ରଭୃତି ଶୃଙ୍ଗାରରସାତ୍ମକ ନାଟମାନ ଦେଖିବାକୁ ପସନ୍ଦକରିଥାନ୍ତି । ଏତଦ୍‌ବ୍ୟତୀତ ଲଟିକୁମର, ପେଟାପରଶୁ, ଝାଲିକିରାମ, ନାଗବାଳୀ, ବନକୁମର, ସୁଶୀଳମାଳତୀ ପ୍ରଭୃତି ସାମାଜିକ ଓ କାଳ୍ପନିକ ନାଟକ ମଧ୍ୟ ଲୋକପ୍ରିୟତା ହାସଲ କରିପାରିଛି ।

ଏମାନଙ୍କ ନାଟ ମୁକ୍ତ ଆକାଶତଳେ କିମ୍ବା ଛାମୁଣ୍ଡିଆତଳେ କାଠ ତିଆରି ମଞ୍ଚରେ ଅଭିନୀତ ହୋଇଥାଏ । ନାଟର ପ୍ରାରମ୍ଭରେ ଗଣେଶ, ସରସ୍ୱତୀଙ୍କ

ବନ୍ଦନା କରାଯାଏ । ତା'ପରେ ଗୋଟିଏ ପରେ ଗୋଟିଏ ଚରିତ୍ର ମଞ୍ଚକୁ ଆସି ନିଜ ନିଜର ଅଭିନୟ ପ୍ରଦର୍ଶନ କରିଥାନ୍ତି । ନାଟଗୁରୁ ଉଭୟ ସଂଳାପ ଓ ଗୀତ ବୋଲନ୍ତି । ଏହାକୁ ଅନୁସରଣ କରି ଚରିତ୍ରମାନେ ମୂକ ଅଭିନୟ କରିଥାନ୍ତି । ସଂପ୍ରତି କେତେକନାଟରେ ଚରିତ୍ରମାନେ ଖଣ୍ଡିତ ସଂଳାପ ବୋଲିବାର ଦେଖାଗଲାଣି । ଏହି ନାଟରେ ନାରୀ ଚରିତ୍ର ଭୂମିକାରେ ପୁରୁଷମାନେ ଅଭିନୟ କରିଥାନ୍ତି । ଏଥିରେ ଗଣେଶ, ସରସ୍ୱତୀ, ଅସୁର, ବାବାଜୀ ପ୍ରଭୃତି ଚରିତ୍ର ନିମନ୍ତେ ଚିତ୍ର ବିଚିତ୍ର ମୁଖାର ବ୍ୟବହାର କରାଯାଏ । ପୁନଶ୍ଚ ଭାଲୁ, ବାଘ, ସିଂହ, ହାତୀ, ମୟୂର ପ୍ରଭୃତି ପଶୁପକ୍ଷୀଙ୍କ ମୁଖାର ବ୍ୟବହାର ଏହି ନାଟକକୁ ଅଧିକ ଆକର୍ଷଣୀୟ କରିଥାଏ । ଆଜିକାଲି ଏହି ନାଟକକୁ ଅଧିକ ଉପଭୋଗ୍ୟ କରିବାପାଇଁ ଘୋଡ଼ା, ଭାଲୁ, ମାଙ୍କଡ଼, ଗଧ, ମୟୂର, ଶୁଆ, ଶାରୀ ପ୍ରଭୃତି ପଶୁପକ୍ଷୀ ପାଳନକରି ନାଟରେ ପ୍ରଦର୍ଶନ କରିବା ଲକ୍ଷ୍ୟ କରାଯାଏ । ବଡ଼ ବଡ଼ ଗଦା, ବର୍ଛା, ଖଣ୍ଡାର ବ୍ୟବହାର, ଚରିତ୍ରମାନଙ୍କ ନାଟରେ ଏକାତ୍ମ, ନିଛକ ଯୁଦ୍ଧ ଓ ଶୃଙ୍ଗାର ଦୃଶ୍ୟ, ବିମଳ ହାସ୍ୟରସର ଅବତାରଣା ଦର୍ଶକଙ୍କୁ ଆମୋଦିତ କରିବାରେ ସହାୟକ ହୋଇଥାଏ ।

ଏମାନଙ୍କ ନାଟକରେ ଗିନି, ଝାଞ୍ଜ, ମର୍ଦ୍ଦଳ, ସାରଙ୍ଗୀ, ଡୁଙ୍ଗ୍‌ଡୁଙ୍ଗା, ନାଗରା, ଡିଡ଼ିବିଡ଼ି, ହାରମୋନିୟମ ପ୍ରଭୃତି ବାଦ୍ୟଯନ୍ତ୍ରର ସ୍ୱର ଝଙ୍କାର ଦର୍ଶକ ପ୍ରାଣକୁ ପୁଲକିତ କରିଥାଏ । ଏହାର ଚରିତ୍ରମାନଙ୍କ ଅଭିନୟ ଶୈଳୀ, ଉଦ୍ଦାମ ନୃତ୍ୟ ଓ କାହାଣୀର ଚମତ୍କାରିତା ଲୋକମାନସକୁ ନାଟର ଅନ୍ତଃସ୍ୱର ଧର୍ମର ଜୟ ପାପର କ୍ଷୟ ହୋଇଥିବାରୁ ଏହା ଲୋକଶିକ୍ଷାର ମାଧ୍ୟମ ଭାବେ କାର୍ଯ୍ୟ କରିଥାଏ ।

ଧାରୁଆ ଲୋକବାଦ୍ୟ - ଧାରୁଆମାନଙ୍କ ବିଭିନ୍ନ ପର୍ବପର୍ବାଣୀ ଓ ଉତ୍ସବରେ ଅନୁଷ୍ଠିତ ନୃତ୍ୟ ସଂଗୀତକୁ ଅଧିକ ରସାଣିତ ଓ ଉପଭୋଗ୍ୟ କରିଥାଏ । ଏମାନଙ୍କ ନିଜସ୍ୱ ବିଭିନ୍ନ ବାଦ୍ୟଯନ୍ତ୍ର ଏମାନଙ୍କ ବିଭିନ୍ନ ବାଦ୍ୟଯନ୍ତ୍ର ଗୁଡ଼ିକର ଗଠନ ଓ ବାଦନରୀତିକୁ ଅନୁଧ୍ୟାନ କଲେ ଆଦିମ ସଂସ୍କୃତିର ସ୍ପଷ୍ଟ ସଂକେତ ବିଦ୍ୟମାନ । ଏହି ବାଦ୍ୟଗୁଡ଼ିକ ସ୍ଥାନୀୟ ସହଜ ଓ ସୁଲଭ ଉପକରଣରେ ନିର୍ମିତ । ଏମାନଙ୍କ

ବିଭିନ୍ନ ଅବସରରେ ମୁଖ୍ୟତଃ ଶିଙ୍ଗା, ବେରଟ୍ (ବଂଶୀ), ଦାଦୁର, ଡୋଲା (ଢ଼ୋଲ), ମିଟାଣ୍ଡା (ଟମକ), ଡୁଡୁବୁଡ଼ି, ରେଡ଼ା ଓ କିର୍‌କସା ପ୍ରଭୃତି ବାଦ୍ୟର ବ୍ୟବହାର ରହିଛି । ଏହିସବୁ ବାଦ୍ୟଯନ୍ତ୍ରଗୁଡ଼ିକର ଗଠନ ଶୈଳୀ ଓ ବାଦନରୀତି ସଂପର୍କରେ କିଞ୍ଚିତ୍ ସୂଚନା ପ୍ରଦାନ କରାଯାଉଛି ।

ଶିଙ୍ଗା– ଶିଙ୍ଗା ଏକ ମୁଖ୍ୟତଃ ଶିକାର ବାଦ୍ୟ । ଧାରୁଆମାନେ ଶିକାର ପ୍ରିୟ ଜାତି ହୋଇଥିବାରୁ ଏମାନେ ଶିକାର ବେଳେ ଶିଙ୍ଗା ବାଦନକରି ପଶୁପକ୍ଷୀ ଘଉଡାଇ ସହଜରେ ଶିକାର କରିଥାନ୍ତି । ଶିଙ୍ଗାର ପ୍ରଚଳନ ବହୁ ପ୍ରାଚୀନ । ଆଦିବ ମଣିଷ ଅରଣ୍ୟରେ ଶିକାର କରି ଯେତେବେଳେ ପଶୁପକ୍ଷୀଙ୍କ ଉପରେ ନିର୍ଭର କରୁଥିଲା ସେଇ ସମୟରୁ ଶିଙ୍ଗାର ପ୍ରଚଳନ ଥିବା ଜଣାଯାଏ । ଏବେ ବି ଅଧିକାଂଶ ଦୁରୁଆ ଜଙ୍ଗଲରୁ ଗୟଳ, ହରିଣ, ସମ୍ବର, ବାର୍‌ହା, ଝିଙ୍କ, ଠେକୁଆ, ମାଙ୍କଡ଼ ଓ ସାପ ପ୍ରଭୃତି ଶିକାର କରି ଖାଦ୍ୟରୂପେ ବ୍ୟବହାର କରିଥାନ୍ତି ।

ପଶୁ ଶିଙ୍ଘରେ ଏହି ବାଦ୍ୟଯନ୍ତ୍ରଟି ତିଆରି ହୋଇଥିବାରୁ ଏହାର ନାମ 'ଶିଙ୍ଗା' ହୋଇଛି । ପୂର୍ବେ ଧାରୁଆମାନେ ଗୟଳଶିଙ୍ଘରେ ଶିଙ୍ଘା ତିଆରି କରୁଥିଲେ । ସଂପ୍ରତି ଗୟଳ ଶିଙ୍ଗ ନମିଳିବା ହେତୁ ଗୋ-ମହିଷାଦି ଶିଙ୍ଘ ଏଥିପାଇଁ ବ୍ୟବହାର କରିଥାନ୍ତି । ପୋଲା ଓ ସାମାନ୍ୟ ବକ୍ରାକାର ଶିଙ୍ଗ ଶିଙ୍ଗ ତିଆରି ପାଇଁ ବ୍ୟବହୃତ ହୋଇଥାଏ । ସାଧାରଣତଃ ମହିଷାଦି ପଶୁଙ୍କ ଶିଙ୍ଘ ମୋଟା ଓ ପୋଲା ହୋଇଥିବାରୁ ଶିଙ୍ଘା ତିଆରିରେ ଏହାକୁ ଅଧିକାଂଶ ବ୍ୟବହାର କରିଥାନ୍ତି ।

ପ୍ରଥମେ ମୃତ ପଶୁର ଶିଙ୍ଘକୁ ଉତ୍ତମରୂପେ ଫୁଟନ୍ତା ପାଣିରେ ସିଝାଇ ଦିଆଯାଏ । ଏହାପରେ ୧୦ରୁ ୧୫ଦିନ ଟାଣ ଖରାରେ ଏହାକୁ ଶୁଖାଇ ଭିତର ଅଂଶକୁ ଭଲଭାବେ ସଫା କରାଯାଏ । ଏଥିରେ ଜଡ଼ାତେଲ ଲଗାଇ ୫ରୁ ୭ଦିନ ଟାଣ ଖରାରେ ଶୁଖାଇ ଦିଆଯାଏ । ପୁନଶ୍ଚ ଏହି ଶିଙ୍ଘ ଭିତର ଓ ବାହାର ପଟେ ଜଡ଼ାତେଲ ଲଗାଯାଏ । ଏହାର ସରୁ ପାର୍ଶ୍ୱରୁ ୧'' କିମ୍ବା ୨'' କାଟି ଏଥିରେ ଛୋଟ ବାଉଁଶନଳୀ କିମ୍ବା ତାଳପତ୍ରର ସରୁନଳୀଟିଏ ସଂଯୁକ୍ତ କରାଯାଏ । ଏହି ପଟକୁ ଶିଙ୍ଗା ବାଦକ ଅଧିକ ପ୍ରଶ୍ୱାସନେଇ ଫୁଙ୍କି ଗୁରୁଗମ୍ଭୀର ନାଦ ସୃଷ୍ଟି

କରିଥାଏ । ଶିଙ୍ଗାର ନାଦ ବହୁଦୂରକୁ ଶୁଣାଯାଉଥିବାରୁ ଏହାକୁ ଧାଙ୍ଗୁଆମାନେ ନିଜ ଲୋକଙ୍କୁ ଡାକି ଏକତ୍ରିତ କରିବାପାଇଁ ମଧ୍ୟ ବାଦନ କରିଥାନ୍ତି । ଅନଭ୍ୟସ୍ତ ବ୍ୟକ୍ତି ଶିଙ୍ଗା ବଜାଇ ଗମ୍ଭୀର ସ୍ୱର ସୃଷ୍ଟି କରିବା ସମ୍ଭବନୁହେଁ । ଧାଙ୍ଗୁଆମାନେ ଚଇତପରବ, ପୁଷ୍ପପରବରେ ଓ ଶିକାର ସମୟରେ ଶିଙ୍ଗା ବଜାଇ ନୃତ୍ୟ କରିଥାନ୍ତି ।

ବେରଟ୍ (ବଂଶୀ)– ଧାଙ୍ଗୁଆମାନଙ୍କ ନୃତ୍ୟଗୀତରେ ବେରଟ୍ (ବଂଶୀ)ର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ । ଅନ୍ୟ ଆଦିବାସୀଙ୍କ ଆଡବଂଶୀ ଅପେକ୍ଷା ଧାଙ୍ଗୁଆଙ୍କ ବେରଟ୍ ସାମାନ୍ୟ ଛୋଟ ଓ ସ୍ୱର ମଧୁର । ଏହାର ଲମ୍ବ ୧୦''ରୁ ୧୨'' ମଧ୍ୟରେ ଓ ଏଥିରେ ସ୍ୱର ନିୟନ୍ତ୍ରଣ ନିମନ୍ତେ ୫ଟି ରନ୍ଧ୍ର ରହିଥାଏ ।

ପୋଲା ଓ ଶକ୍ତ ଥିବା ବାଉଁଶକୁ ଆଣି ଏହାର ଭିତର ଓ ବାହାର ପଟକୁ ଭଲ ରୂପେ ସଫା କରାଯାଏ । ଏହାର ପୃଷ୍ଠରେ ବାଦନରନ୍ଧ୍ରକୁ ଛାଡ଼ି ୨'' ବ୍ୟବଧାନରେ ୫ଟି ରନ୍ଧ୍ର କରାଯାଏ । ବାଦନ ରନ୍ଧ୍ରଟି ଶୀର୍ଷ ଆଡ଼କୁ ରହିଥାଏ । ଏଥିରେ ଓଠରଖି ଫୁଙ୍କି ବାଦକ ମଧୁର ସ୍ୱର ସୃଷ୍ଟି କରିଥାଏ । ଧାଙ୍ଗୁଆମାନଙ୍କ ପୁଷ୍ପପରବ, ଚଇତପରବ, ନୂଆଖିଆ ପ୍ରଭୃତି ପର୍ବପର୍ବାଣୀରେ ଢ଼ୋଲା, କିରକସା, ମିଟାଣ୍ଡା, ଡୁଡୁବୁଡ଼ି, ଶିଙ୍ଗାସହ ବେରଟ୍ ବାଜିଥାଏ ।

ଦାଦୁର – ଧାଙ୍ଗୁଆ ସଂପ୍ରଦାୟଙ୍କ ଲୁପ୍ତପ୍ରାୟ ଓ ବିରଳ ବାଦ୍ୟ ହେଉଛି ଦାଦୁର । ଏହାକୁ କେହି କେହି 'ଗୁଞ୍ଜି' ବୋଲି ମଧ୍ୟ କହିଥାନ୍ତି । ଏହି ବାଦ୍ୟଟି ଆଦିମ କାଳରୁ ପ୍ରଚଳିତ ଥିବା ଜଣାଯାଏ । କାରଣ ଆଦିମ ମଣିଷର ଆଦିପର୍ଯ୍ୟାୟରେ ଆନଦ୍ଧ ଶ୍ରେଣୀୟ ବାଦ୍ୟଥିଲା ଏକମୁଖୀ । ଏହି ଏକ ମୁଖୀ ବାଦ୍ୟର ନମୂନା ସ୍ୱରୂପ ଧାଙ୍ଗୁଆ ସଂପ୍ରଦାୟରେ 'ଦାଦୁର'ର ପ୍ରଚଳନ ରହିଛି । ଆଦିମମଣିଷର ପ୍ରଥମ ଆବିଷ୍କାର ଏହି ବାଦ୍ୟଟି ଢ଼ୋଲ, ମାଦଳ, ଟମକ, ମୃଦଙ୍ଗ ପ୍ରଭୃତି ଆନନ୍ଧବାଦ୍ୟର ସୃଷ୍ଟି ଓ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅନୁମାନ କରାଯାଏ ।

ଏହି ବାଦ୍ୟର ନିର୍ମାଣ ନିମନ୍ତେ ମୁଖ୍ୟତଃ ଗମ୍ଭାରୀ, ପଣସ ଓ ପିଆଶାଳ କାଠ ଉତ୍କୃଷ୍ଟ ବିବେଚିତ ହୋଇଥାଏ । କାଠର ଗଣ୍ଡିକୁ ଭିତରପଟୁ ଚାଞ୍ଛି ଖୋଳ

ତିଆରି କରାଯାଏ । ଏହି ଖୋଳର ଉଭୟ ପାର୍ଶ୍ୱ ମସୃଣ କରି ଏହାର ଏକ ପାଖରେ ଗୋଚର୍ମ କିମ୍ବା ଛାଗ ଚର୍ମର ଛାଉଣି ଦିଆଯାଇ ଉଭୟ ପାର୍ଶ୍ୱକୁ ଚର୍ମ ଦଉଡିରେ ଶକ୍ତ ଭାବେ ବନ୍ଧନ କରାଯାଏ । ଏହାର ଲମ୍ୱ ୩ଫୁଟରୁ ୪ଫୁଟ । ଏହି ବାଦ୍ୟଟିକୁ ସାଧାରଣତଃ କୌଣସି ଏକ ସ୍ଥାନରେ ଉପର ମୁଖ କରି ରଖି ହାତ ପୁପୁଲିରେ ଆଘାତ କରି ବଜାଯାଏ । କେହି କେହି ଏହାକୁ କାନ୍ଧରେ ଝୁଲାଇ ମଧ୍ୟ ବଜାଉଥିବା ଦୃଷ୍ଟିଗୋଚର ହୋଇଥାଏ । ଏଥିରୁ ଗୁରୁଗମ୍ଭୀର ନାଦ ସୃଷ୍ଟି ହେଉଥିବାରୁ ଏହାକୁ ଶିକାର ସମୟରେ ମଧ୍ୟ ବଜାଇଥାନ୍ତି। ଧାଗୁଆଙ୍କ ପୁଷ୍ ପରବ, ଚଇତ ପରବ, ନୂଆଖିଆ ପ୍ରଭୃତି ପର୍ବପର୍ବାଣୀରେ ଅନ୍ୟାନ୍ୟ ବାଦ୍ୟସହ ଦାଦୁର ବଜାଇଥାନ୍ତି ।

**ଢ଼ୋଲ (ଢ଼ୋଲ)** – ଧାଗୁଆମାନେ ଏମାନଙ୍କ ଢ଼ୋଲକୁ 'ଢ଼ୋଲ' କହିଥାନ୍ତି । ଏହାର ଲମ୍ୱ ୧ ୧/୨ଫୁଟ ଓ ଦୁଇ ବ୍ୟାସ ୭''ରୁ ୮'' ମଧ୍ୟରେ ରହିଥାଏ । ଏହାର ଖୋଳ ନିର୍ମାଣ ନିମନ୍ତେ ଗମ୍ଭାରୀ ଓ ପିଆଶାଳକାଠ ବ୍ୟବହୃତ ହୋଇଥାଏ । କାଠଗଣ୍ଡିର ଭିତରପଟୁ ଚାଞ୍ଛି ଖୋଳ କରାଯାଏ । ଏହାର ଦୁଇ ପାର୍ଶ୍ୱକୁ ମସୃଣ କରି ଦୁଇ ମୁଖରେ ଗୋଚର୍ମର ଛାଉଣି ଦିଆଯାଏ । ଦୁଇ ପାର୍ଶ୍ୱକୁ ଅନ୍ୟାନ୍ୟ ଆନନ୍ଧବାଦ୍ୟ ପରି ସରୁଚର୍ମ ଦଉଡିଦ୍ୱାରା ଶକ୍ତ ଭାବେ ବନ୍ଧାଯାଏ । ବାଦକ ଏହାକୁ କାନ୍ଧରେ ଝୁଲାଇ ଦୁଇ ପାପୁଲି ଦ୍ୱାରା ଆଘାତ କରି ବଜାଇଥାଏ । ଢ଼ୋଲର ତାଧିନ୍‌ଧିନ୍ ତାଧିନ୍‌ଧିନ୍ ଧ୍ୱନି ବନଭୂମିକୁ ପ୍ରକମ୍ପିତ କରିଥାଏ । ଢ଼ୋଲ ବାଦକ ମୁଣ୍ଡରେ ଶିଙ୍ଗଯୁକ୍ତ କଉଡିମାଳ ଖଚିତ ମୁକୁଟ ଓ ପାରଂପରିକ ପୋଷାକ ପିନ୍ଧି ଉଦ୍ଦାମନୃତ୍ୟ କରି ଢ଼ୋଲ ବାଦନ କରିଥାଏ ।

**କିରକସା** – ଲୌହ ନିର୍ମିତ ଏହି ବାଦ୍ୟଯନ୍ତ୍ରଟି ଧାଗୁଆ ସଂପ୍ରଦାୟଙ୍କ ଏକ ବହୁ ପ୍ରଚଳିତ ବାଦ୍ୟ । ପୂର୍ବେ ଏହା ବାଉଁଶରେ ତିଆରି ହେଉଥିଲା । ଲୁହାର ବ୍ୟବହାର ପରେ ଏହି ବାଦ୍ୟଟିକୁ ତିଆରିକରି ଧାଗୁଆମାନେ ବିଭିନ୍ନ ନୃତ୍ୟଗୀତରେ ବାଦନ କରିଥିବା ଜଣାଯାଏ । ପ୍ରାୟ ୧୨୦ ସେ.ମି. ଲମ୍ୱ ଓ ୬୦ସେ.ମି. ବ୍ୟାସ ବିଶିଷ୍ଟ ଏହାର ଦନ୍ତୁରିତ ଅଂଶକୁ ଅନ୍ୟ ଏକ ଲୌହଖଣ୍ଡ ଦ୍ୱାରା ଘର୍ଷଣ କଲେ

ଏଥିରୁ 'କିର୍‌କିସ୍' ନାଦ ସୃଷ୍ଟି ହୋଇଥାଏ । ଏଣୁ ଏହି ବାଦ୍ୟଟିର ନାମ 'କିର୍‌କସା' ହୋଇଛି ।

ଏହି ବାଦ୍ୟଟିକୁ କମାରମାନେ ନିର୍ମାଣ କରିଥାନ୍ତି । ଲୁହା ପାତିଆକୁ ଉତ୍ତପ୍ତ କରି ଗୋଲାକାର ନଳୀକରାଯାଏ । ଏହାର ଲମ୍ବ ୨୦'' । ଦୁଇ ପାର୍ଶ୍ୱରେ ଛିଦ୍ର କରି କ୍ଷୁଦ୍ର ଲୁହା ପାତିଆମାନ ଏଥିରେ ସଂଯୋଗ କରାଯାଏ । ଏହାର ପୃଷ୍ଠ ଭାଗରେ ଦୁଇଟି ରନ୍ଧ୍ର କରାଯାଏ । ଏହାଦ୍ୱାରା ବାୟୁ ପ୍ରବେଶ ଓ ଧ୍ୱନି ନିୟନ୍ତ୍ରଣ ହୋଇଥାଏ ।

ଉକ୍ତ ବାଦ୍ୟଟିକୁ ବାଦକ ବାମ ହାତରେ ଧରି ଏକ ବକ୍ରାକାର ଓ ଦନ୍ତୁରିତ ଲୁହାଦଣ୍ଡରେ ଏହା ଉପରେ ଘର୍ଷଣ କରିଥାଏ । ଏଥିରୁ କିର୍ କିର୍ କିସ୍ ପରି ଏକ କୌତୂହଳ ପୂର୍ଣ୍ଣ ଧ୍ୱନି ସୃଷ୍ଟି ହୋଇଥାଏ । ଧାରୁଆ ସଂପ୍ରଦାୟଙ୍କ ଉଭୟ ପୁରୁଷ ଓ ସ୍ତ୍ରୀ କିର୍‌କସାକୁ ଏମାନଙ୍କ ଚଇତପରବ, ପୁଷ୍‌ପରବ, ନୂଆଖିଆ, ବିବାହ ପ୍ରଭୃତି ଉତ୍ସବରେ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ସହ ବାଦନ କରି ନୃତ୍ୟ କରିଥାନ୍ତି ।

ଏତଦ୍‌ବ୍ୟତୀତ ଧାରୁଆମାନେ ଦଣ୍ଡାହୁଲିଆ ବାଜି (ବାଉଁଶବାଡ଼ି), କାଠି, ସଲପଗଛର ବାହୁଙ୍ଗାଖଣ୍ଡ, ବାଇଡଙ୍କଫଳ, ଟାଇଫଳ, ଖପରା ଖଣ୍ଡ, ପତ୍ର ଫେଁକାଲି, ଶୃଙ୍ଖଳାବେଲ, ଆମ୍ବଟାକୁଆ, ଧାନକଟାଦା, ବିଭିନ୍ନ ବାସନ କୁସନ, ଝାଡୁ, ଟାଙ୍ଗିଆ, କାତି ପ୍ରଭୃତିକୁ ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବମାନଙ୍କରେ ବାଦ୍ୟଭାବେ ବ୍ୟବହାର କରୁଥିବା ଦୃଷ୍ଟି ଗୋଚର ହୁଏ ।

ଲୋକକଳା – ଲୋକକଳା ଲୋକସଂସ୍କୃତିର ପ୍ରମୁଖ ବିଭବ । ଭିତ୍ତିଚିତ୍ର, ଝୋଟି, ଚିତା, ହସ୍ତକଳା, ମୃଣ୍ମୟକଳା, କାଠ, ବାଉଁଶକାମ ତଥା ବିଭିନ୍ନ ଗୃହୋପକରଣରେ ଖୋଦିତ ଓ ଅଙ୍କିତ ଚିତ୍ର ପ୍ରଭୃତି ଲୋକକଳାର ଅନ୍ତର୍ଭୁକ୍ତ । ଧାରୁଆମାନଙ୍କ ଗୃହସଜ୍ଜା, ଝୋଟି, ଚିତାକୁଟା, ମୃଣ୍ମୟକଳା, କାଠ ଓ ବାଉଁଶରେ ସୁନ୍ଦର ଗୃହୋପକରଣ ତିଆରି କରିବା, ଉଭୟ ପୁରୁଷ ଓ ସ୍ତ୍ରୀ ମୁଣ୍ଡର କେଶକୁ ସ୍ୱତନ୍ତ୍ର ଶୈଳୀରେ ବାନ୍ଧି ସେଥିରେ ନିଜସ୍ୱ ତିଆରି କାଠ ପାନିଆ ଖୋସିବା, ଧନୁତୀର,

ଛୁରୀକାତି, କାଠ ପେଟିକା ପ୍ରଭୃତିରେ ବିଭିନ୍ନ ଚିତ୍ର ଖୋଦନ କରିବା କଳାରୁ ଏମାନଙ୍କ ସୌନ୍ଦର୍ଯ୍ୟ ପ୍ରାଣତା ଓ କଳା ପ୍ରବଣତାର ପରିଚୟ ମିଳିଥାଏ ।

ଭିତ୍ତିଚିତ୍ର – ଏମାନଙ୍କ ଛୋଟ କୁଡ଼ିଆ କାନ୍ଥକୁ ଧଳାମାଟିରେ ଓ ଚଟାଣକୁ ହରିଡ଼ାକୁ ପୋଚ କରି କଳାରେ ଆକର୍ଷଣୀୟ ଭାବେ ଲିପିଥାନ୍ତି । ଏହି ଲିପିବା କୌଶଳ ଏମିତିଯେ କାନ୍ଥ କିମ୍ବା ଚଟାଣକୁ ଲାଗିଲେ ରଂଗ ଛାଡ଼ିବାର ଆଂଶଙ୍କା ନଥାଏ । ଏମାନେ କାନ୍ଥରେ ମଣିଷ, ଅସୁର, ପଶୁପକ୍ଷୀ, ବୃକ୍ଷଲତା, ବର୍ଗାକାର, ଆୟତାକାର, ବୃତ୍ତାକାର ଆକୃତିର ବିଭିନ୍ନ ଚିତ୍ରମାନ କଳା, ସବୁଜ କିମ୍ବା ଲାଲ ରଂଗରେ ଅଙ୍କନ କରିଥାନ୍ତି । ମଣିଷ ଓ ପଶୁପକ୍ଷୀଙ୍କ କେତେକ ଚିତ୍ର ରେଖାଦ୍ୱାରା ପ୍ରତୀକାତ୍ମକ ଭାବେ ଅଙ୍କିତ ହୋଇଥାଏ ।

ଝୋଟି – ଧାରୁଆମାନେ ସେମାନଙ୍କ ବିଭିନ୍ନ ଉତ୍ସବମାନଙ୍କରେ ଝୋଟି ଅଙ୍କନ କରିବା ଦେଖାଯାଏ । ଏମାନେ ବିଶେଷତଃ ବିବାହ ସନ୍ତାନଜନ୍ମ ଓ ବିଭିନ୍ନ ପର୍ବପର୍ବାଣୀରେ ବିନ୍ଦୁ, ବିସର୍ଗ, ଆୟତାକାର, ବର୍ଗାକାର, ତ୍ରିଭୁଜାକାର, ବୃତ୍ତାକାର, ଅର୍ଦ୍ଧବୃତ୍ତାକାର ରେଖାଅଙ୍କନ କରିଝୋଟି ଦେଇଥାନ୍ତି । ଏହି ଝୋଟି ମଧ୍ୟରେ ବୃକ୍ଷଲତା, ଫୁଲଫଳ, ସୂର୍ଯ୍ୟଚନ୍ଦ୍ର ପ୍ରଭୃତି ସ୍ଥାନ ପାଇଥାଏ । ଏହାକୁ ଚାଉଳଚୁନା, ପିଠଉ, ଅଙ୍ଗାରକଳା, ଗେରୁ (ଲାଲମାଟି) ଓ ସବୁଜ ପତ୍ରରେ ଅଙ୍କନ କରିଥାନ୍ତି । ଏମାନଙ୍କ ବିଭିନ୍ନ ଦେବଦେବୀ ପୂଜାରୀ ଦିସାରୀମାନେ ପଞ୍ଚବର୍ଣ୍ଣର ମୁରୁଜରେ ଚକ୍ର ଓ ଯନ୍ତ୍ର ଅଙ୍କନ କରିଥାନ୍ତି ।

ଚିତାକୁଟା – ଅନ୍ୟ ଆଦିବାସୀଙ୍କ ପରି ଧାରୁଆମାନେ ଶରୀରର ବିଭିନ୍ନ ଅଙ୍ଗରେ ଚିତା କୁଟାଇବାକୁ ପସନ୍ଦ କରିଥାନ୍ତି । ଏମାନଙ୍କ ସମାଜରେ ପୁରୁଷଙ୍କ ଅପେକ୍ଷା ନାରୀମାନେ ଅଧିକାଂଶ ଚିତାକୁଟାଇଥାନ୍ତି । ଏମାନେ କପାଳ, ଚିବୁକ, ବାହୁ, ହାତ, ଗୋଡ଼, ବକ୍ଷ, ଜଙ୍ଘ ପ୍ରଭୃତି ଅଂଗପ୍ରତ୍ୟଙ୍ଗରେ ଚିତାକୁଟାଇ ଥିବା ଦୃଷ୍ଟି ଗୋଚର ହୁଏ । ଏହି ଚିତାକୁଟା ମୁଖ୍ୟତଃ ବିଭିନ୍ନ ଲତା, ଫୁଲ, ପତ୍ର, ବିନ୍ଦୁ, ରେଖା, ସୂର୍ଯ୍ୟଚନ୍ଦ୍ର, ନକ୍ଷତ୍ର ପ୍ରଭୃତି ଅଙ୍କନ କରିଥାନ୍ତି । ପଡୋଶୀ ଛତିଶଗଡ଼ ଓ କୋରାପୁଟର କିଛି ପେଶାଦାର ଚିତାକୁଟାଳୀ ଦୁରୁଆଗ୍ରାମ ବୁଲି ଚିତାକୁଟାଇ

ପାରିଶ୍ରମିକ ସ୍ୱରୂପ ଧାନ, ଚାଉଳ, ଲୁଗାପଟା ଓ ପଇସା ପାଇଥାନ୍ତି । ଏମାନେ ଏକ କଣ୍ଠାରେ ସ୍ୱପ୍ରସ୍ତୁତି ଚେରମୂଳୀ କଳା ବୋଲି ଶରୀରର ବିଭିନ୍ନ ଅଙ୍ଗରେ ଫୁଟାଇ ଚିତା କୁଟାଇଥାନ୍ତି ।

ଏମାନଙ୍କ ଚିତା କୁଟାଇବା କାରଣ ସଂପର୍କରେ ଅନୁଧ୍ୟାନରୁ ଜଣାଯାଏ ଯେ, ଚିତା କୁଟାଇଥିବା ବ୍ୟକ୍ତିର ମୃତ୍ୟୁପରେ ଯମ ଦଣ୍ଡ ନାହିଁ ବୋଲି ବିଶ୍ୱାସ ରହିଛି । ଏମାନଙ୍କ ଧାରଣା ଯେ ମଣିଷର ମୃତ୍ୟୁପରେ ତାହାର ସବୁକିଛି ମାଟିରେ ମିଶିଯାଏ । କିନ୍ତୁ ସେ ଯେଉଁ ଚିତା କୁଟାଇଥାଏ ତାହାକୁ ସେ ଧରି ଯମପୁରକୁ ଯାଏ । ଏହାକୁ ଦେଖି ଯମ ଦଣ୍ଡ ଦିଏନାହିଁ । ଏହାର ଲୋକ ବିଶ୍ୱାସ ଯାହା ଥାଉନା କାହିଁକି ଚିତାକୁଟା ଏକ ପାରଂପରିକ ଲୋକକଳା, ଏଥିରେ ଏମାନଙ୍କ ସୌନ୍ଦର୍ଯ୍ୟ ଚେତନା ଓ କଳାତ୍ମକ ଅଭିରୁଚି ନିହିତ ।

ବାଉଁଶ କାମ – ଏମାନଙ୍କ ମୁଖ୍ୟ ଜୀବିକା କୃଷି ଓ ଶିକାର ହେଲେ ହେଁ ଏଥିରେ ବର୍ଷସାରା ଚଳିବା ସମ୍ଭବ ହୋଇନଥାଏ । ଏଣୁ ଏମାନେ ବାଉଁଶରେ ବିଭିନ୍ନ ଗୃହୋପଯୋଗୀ ଉପକରଣମାନ ତିଆରି କରି କିଛି ଅର୍ଥ ରୋଜଗାର କରିଥାନ୍ତି । ଭୂମିହୀନ ଧାରୁଆ ପରିବାରଙ୍କ ମୁଖ୍ୟ ଜୀବିକା ହେଉଛି ବାଉଁଶକାମ । ଏମାନେ ବାଉଁଶରେ ଡାଟି, ଚାଙ୍ଗୁଡ଼ି, କଲ୍‌କି, ଡାଲା, ଡାର୍ଲା, ଛତାଡ଼ି, ଚାଲୁଣି, ଟିଫନି, କୁଲା, ବିଞ୍ଚଣା, ପାଛିଆ ପ୍ରଭୃତି ତିଆରିକରି ନିକଟସ୍ଥ ହାଟରେ ବିକ୍ରୟ କରି ପରିବାର ପୋଷଣ କରିଥାନ୍ତି । ଏମାନେ ଜଙ୍ଗଲରୁ ବାଉଁଶ ଆଣି ତାହାକୁ ଖରାରେ ଓ ନିଆଁରେ ଶୁଖାଇ ବିଭିନ୍ନ ଆକାରରେ କାଟିଥାନ୍ତି । ଏଥିରୁ ବିଭିନ୍ନ ଗୃହୋପକରଣମାନ ତିଆରି କରିଥାନ୍ତି । ଏହି କାମରେ ପୁରୁଷମାନଙ୍କୁ ନାରୀମାନେ ବିଶେଷ ସାହାଯ୍ୟ କରିଥାନ୍ତି । ଜଙ୍ଗଲରୁ ବାଉଁଶ ଆଣିବା, ଶୁଖାଇବା, ଫାଳ, ଗଡ଼ି, ପାତିଆ କରିବା, ଚାଞ୍ଚ ସଫା କରିବା, ଏହାକୁ ନିଆଁରେ ପୋଡ଼ି ଓ ରଂଗ ଦେଇ ଆକର୍ଷଣୀୟ କରିବା ଆଦି କାମରେ ଧାରୁଆ ରମଣୀ ସିଦ୍ଧହସ୍ତା । ଏମାନେ ବାଉଁଶର ବିଭିନ୍ନ ଉପକରଣରେ ବୃତ୍ତ, ଅର୍ଦ୍ଧବୃତ୍ତ, ନକ୍ଷତ୍ର, ଘନ, ଆୟତ, ବର୍ଗ, ପତ୍ର, ଲତା ପ୍ରଭୃତି ସୁନ୍ଦର ଭାବେ ବୁଣିଥାନ୍ତି । ସାମଗ୍ରୀସବୁକୁ ଲୋଭନୀୟ

କରିବାପାଇଁ ବାଉଁଶ ପାଡିଆକୁ ଲାଲ, କଳା ଓ ସବୁଜ ରଂଗ ଦେଇଥାନ୍ତି । ଏଥିରୁ ଏମାନଙ୍କ ଉତ୍କୃଷ୍ଟ ଲୋକକଳାର ନମୂନା ସୁସ୍ପଷ୍ଟ ।

ଏମାନେ ମାଟିରେ ବିଭିନ୍ନ ମୂର୍ତ୍ତି ଗଠନ କରି ଦେବଦେବୀଙ୍କ ନିକଟରେ ପୂଜା କରିଥାନ୍ତି । ଏଘୁଡ଼ିକ ମଧ୍ୟରେ ଗାଇ, ଘୋଡ଼ା, ସାପ, ମାତା, ପିତା, ସ୍ତ୍ରୀ ଓ ପୁରୁଷ ଦେବତା ଓ କେତେକ ଦେବଦେବୀ ପ୍ରଧାନ । ଦୁରୁଆ ଶିଶୁମାନେ ମଧ୍ୟ ମାଟିରେ ବିନ୍ନ ପଶୁପକ୍ଷୀ ମଣିଷ ଓ ଶଗଡ଼ ତିଆରି କରି ଖେଳିଥାନ୍ତି । ଏମାନେ ନିଜ ଆବଶ୍ୟକତାକୁ ନେଇ ମାଟିରେ କେତେକ ମୂର୍ତ୍ତିଗଠନ କରୁଥିଲେ ହେଁ ଏଗୁଡ଼ିକୁ ବିକ୍ରୟ କରି ଅର୍ଥ ରୋଜଗାର କରିନଥାନ୍ତି । ଏମାନଙ୍କ ମୃଣୟ କଳା କର୍ମରେ ଆଦିମ ସଭ୍ୟତାର ପ୍ରଭାବ ଅନୁମିତ ହୁଏ ।

ଧାରୁଆଙ୍କ ଭିତ୍ତିଚିତ୍ର, ଝୋଟି, ଚିତାକୁଟା, ବାଉଁଶ କାମ ଓ ମୃଣ୍ମୟକଳା ବ୍ୟତୀତ ଏମାନଙ୍କ ଦୈନନ୍ଦିନ ଜୀବନରେ ବ୍ୟବହୃତ ନିତ୍ୟବ୍ୟବହାର୍ଯ୍ୟ ଉପକରଣମାନଙ୍କରେ ମଧ୍ୟ ଲୋକକଳାର ସଂକେତ ବିଦ୍ୟମାନ । ଯଥା – ଧନୁତୀର ଆଲୁମିନିୟମ ପାଡିଆକୁ ସୁନ୍ଦର ଭାବେ ଲଗାଇବା, ଦିଭିନ୍ନ ବାଦ୍ୟଯନ୍ତ୍ର ଯଥା – ବଂଶୀ, ସିଙ୍ଘ, ଡାଙ୍ଗ, ଚଟ୍କୁ, ଢ଼ୋଲ ପ୍ରଭୃତିରେ ଚିତ୍ର ଖୋଦନ, ଘରର ଚୌକାଠ, କବାଟ, କାଠପେଡ଼ି, ବାସନକୁସନ, ଲାଉତୁମ୍ବା ଇତ୍ୟାଦିରେ ପତ୍ର, ଲତା, ଫୁଲ ଓ ବିଭିନ୍ନ ଚିତ୍ର ଖୋଦନ ବାଉଁଶ ପାଡିଆରେ ରଂଗୀନ ସୂତାରେ ପାନିଆ ତିଆରିରୁ ଏହି ସଂପ୍ରଦାୟଙ୍କ ସୌନ୍ଦର୍ଯ୍ୟ ପ୍ରୀତି ଓ କଳାପ୍ରବଣତାର ନିଦର୍ଶନ ମିଳିଥାଏ ।

**ଉପସଂହାର :**

ଆଦିମ ଜନଗୋଷ୍ଠୀ ଧାରୁଆ ସମାଜରେ ୮୦%ରୁ ଉର୍ଦ୍ଧ୍ୱ ଲୋକ ନିରକ୍ଷର । ଏମାନେ ସ୍ୱାଧୀନତାର ୫୫ବର୍ଷ ପରେ ମଧ୍ୟ ସଭ୍ୟତାର ମୁଖ୍ୟ ସ୍ରୋତରେ ମିଶିପାରି ନାହାନ୍ତି । କୋଲାବନଦୀ ପାର୍ଶ୍ୱ ଗୁପ୍ତେଶ୍ୱରର ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଧାରୁଆମାନେ ଆଦିମ ବଣ୍ଡା ସଂପ୍ରଦାୟଙ୍କ ପରି ଅତ୍ୟନ୍ତ ରକ୍ଷଣଶୀଳ

ହୋଇଥିବାରୁ ନିଜକୁ ସହଜରେ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିବାରେ କୁଣ୍ଠା ପ୍ରକାଶ କରିଥାନ୍ତି । କିନ୍ତୁ, ଯେଉଁ କେତେକ ଧାରୁଆ ମୂଳବସତିରୁ ଚାଲିଆସି ଅନ୍ୟ ଆଦିବାସୀ ଗ୍ରାମ ନିକଟରେ ବସବାସ କରିଛନ୍ତି, ସେମାନଙ୍କ ଭାଷାରେ ପରିବର୍ତ୍ତନ ଘଟିଛି । ତଥାପି ନିଜସ୍ୱ ପ୍ରଜାତିଗତ ସାମାଜିକ ଓ ଧର୍ମୀୟ ପରଂପରା ରହିଛି ଅପରିବର୍ତ୍ତିତ ।

ଧାରୁଆମାନଙ୍କ ଗ୍ରାମଶାସନ ବ୍ୟବସ୍ଥାରେ ସାମାଜିକ ରୀତି ନୀତି, ପାରଂପରିକ ନିୟମ କଡ଼ା କଡ଼ି ଭାବେ ପରିଚାଳିତ । ଗ୍ରାମର ମୁଖ୍ୟ 'ନାଇକ' ଗ୍ରାମଶାସନକୁ ନିୟନ୍ତ୍ରଣ କରୁଥିବା ବେଳେ ଧର୍ମୀୟ ଜୀବନରେ ପୂଜାରୀ, ଦିସାରୀ ଓ ଗୁରୁମାଈମାନଙ୍କ ଗୁରୁତ୍ୱ ଅଧିକ । ଏମାନେ ବର୍ଷରେ ପାଳିତ ବିଭିନ୍ନ ସାମାଜିକ ଓ ଧର୍ମୀୟ ଉତ୍ସବରେ ନିଜ ପରଲୋକ ଗତ ଆତ୍ମା, ଗ୍ରାମର ଗୁଡ଼ିମାତା, ମାଉଲୀ, ଡଙ୍ଗରାନୀ ଓ ଅନ୍ୟ ଦେବଦେବୀଙ୍କୁ ପଶୁପକ୍ଷୀବଳି ଓ ନୃତ୍ୟଗୀତ ମାଧ୍ୟମରେ ସାମୂହିକ ମଙ୍ଗଳ କାମନା ନିମନ୍ତେ ପ୍ରାର୍ଥନା କରିଥାନ୍ତି । ଏମାନଙ୍କ ସାମାଜିକ ଉତ୍ସବ ହେଉ, ଧର୍ମୀୟ ପର୍ବପର୍ବାଣୀ ହେଉ ପ୍ରତ୍ୟେକଟି ନୃତ୍ୟଗୀତ ବିନା ସଂପନ୍ନ ହେବା ଅସମ୍ଭବ । ଏଣୁ ନୃତ୍ୟଗୀତ ଏମାନଙ୍କ ଖାଦ୍ୟପାନୀୟ ପରି ଅତ୍ୟନ୍ତ ଆବଶ୍ୟକୀୟ ସାମଗ୍ରୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ଆଦିବାସୀ ସମାଜରେ ଧାଙ୍ଗଡ଼ା ବସା (ଯୁବପ୍ରମୋଦ ଅନୁଷ୍ଠାନ) ପରଂପରା କ୍ରମଶଃ ଲୋପ ପାଇଯାଉଥିବା ବେଳେ କୋରାପୁଟର ଧାରୁଆ ଗ୍ରାମରେ ଏହି ଅନୁଷ୍ଠାନର କ୍ଷୀଣସ୍ୱରଟି ଏବେ ବି ବଞ୍ଚିରହିଛି । ଏହି ଯୁବ ପ୍ରମୋଦ ଅନୁଷ୍ଠାନ ନିଜ ସଂପ୍ରଦାୟର ଲୋକାଚାର, କୁଳାଚାର, ଯୌନଜୀବନର ଶୃଙ୍ଖଳା, ପାରଂପରିକ କଳାପ୍ରବଣତା, ସାମାଜିକ ରୀତିନୀତି, ଅତିଥିଚର୍ଚ୍ଚା, ଏକତା ଓ ସଂହତି ପ୍ରତିଷ୍ଠା ଦିଗରେ ବିଶେଷ ସହାୟକ ହୋଇଥାଏ । ସଂପ୍ରତି ଏମାନଙ୍କର ଏହି ଅନୁଷ୍ଠାନର ବିଲୟ ହୋଇଯାଉଥିବା ହେତୁ ଯୁବପୀଢ଼ିଙ୍କ ମଧ୍ୟରେ କଳାପ୍ରବଣତା କମିବାରେ ଲାଗିଛି । ନିଜ ନୃତ୍ୟଗୀତ ପ୍ରତି ଆଗ୍ରହ ରହୁନଥିବା ଓ ସମାଜରେ ବିଶୃଙ୍ଖଳା

ସୃଷ୍ଟିହେଉଛି । ଏହି ଯୁବଅନୁଷ୍ଠାନର ବିକଳ୍ପ ବ୍ୟବସ୍ଥା ଚିନ୍ତା କରିବା ସମୟ ଆସିଛି ।

ଧାରୁଆମାନଙ୍କ ବେଶ ଭୂଷା, ଖାଦ୍ୟପେୟ, ବାସଗୃହ, ସାମାଜିକ ରୀତିନୀତି, ଧର୍ମବିଶ୍ୱାସ, ଗୋଷ୍ଠୀଗତ ଜୀବନ, ଜୀବିକା ନିର୍ବାହ ପ୍ରଣାଳୀ, ବିଭିନ୍ନ ଅସ୍ତ୍ରଶସ୍ତ୍ରର ବ୍ୟବହାର, ନୃତ୍ୟଶୈଳୀ, ବାଦ୍ୟଯନ୍ତ୍ରର ଗଠନରୀତି ପ୍ରଭୃତିକୁ ଅନୁଧ୍ୟାନକଲେ ଏମାନେ ଆଦିମ ଜନଗୋଷ୍ଠୀଙ୍କ ବଂଶଧର ବୋଲି ଅନୁମିତ ହୁଏ । ଏମାନଙ୍କ ଦେବଦେବୀ, ବୃକ୍ଷଲତା, ପାହାଡ଼ପର୍ବତ, ନିଶାପାନୀୟ ଓ ଅନ୍ୟାନ୍ୟ ସୃଷ୍ଟି ସଂପର୍କିତ ମିଥ୍ ଓ ଲୋକକଥାରେ ମାନବ ସଭ୍ୟତାର ଇତିହାସ ଅଧ୍ୟୟନ ନିମନ୍ତେ ଉପାଦେୟ ତଥ୍ୟ ସଂଗୋପିତ ରହିଛି ।

ଧାରୁଆମାନେ ମୁଖ୍ୟତଃ ଜଙ୍ଗଲରୁ ଫଳମୂଳ, କନ୍ଦା ସଂଗ୍ରହ, ନଦୀରୁ ମାଛ ମାରିବା, ବନ୍ୟଜନ୍ତୁଶିକାର, ବାଉଁଶରେ ବିଭିନ୍ନ ଗୃହୋପକରଣ ତିଆରି କରି ଜୀବିକା ନିର୍ବାହ କରିଥାନ୍ତି । ଏମାନେ ସର୍ବପ୍ରଥମେ ଜଙ୍ଗଲ ସଫା କରି ବସତିସ୍ଥାପନ କରିଥିଲେ ମଧ୍ୟ ଅଧିକାଂଶ ଜମିହୀନ । ଯେଉଁମାନଙ୍କ କିଛି ଜମି ରହିଛି ସେମାନେ ଏଯାବତ୍ ଆଧୁନିକ କୃଷି ପ୍ରଣାଳୀ ଅବଲମ୍ବନ କରିପାରି ନଥିବାରୁ ଓ ପାରଂପରିକ ପଦ୍ଧତିରେ କୃଷିକାର୍ଯ୍ୟ କରୁଥିବାରୁ ପରିଶ୍ରମ ତୁଳନାରେ ଖୁବ୍ କମ୍ ଆୟ କରିଥାନ୍ତି । ଏଣୁ ଅଧିକାଂଶ ଧାରୁଆଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ । ନିଜର ସରଳତା ଓ ଅଜ୍ଞତାହେତୁ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଇବାରୁ ଏମାନେ ବଞ୍ଚିତ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସୁବିଧାକ୍ଷେତ୍ରରେ ଏମାନେ ବହୁତ ପଛୁଆ । ଏମାନଙ୍କ ଅଞ୍ଚଳକୁ ଲାଗିରହିଥିବା ଛତିଶଗଡ଼ରେ ବାସକରୁଥିବା ଜ୍ଞାତି ବନ୍ଧୁ ବାନ୍ଧବମାନେ ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି କରିଥିବା ସ୍ଥଳେ ଆମ ପ୍ରଦେଶର ଧାରୁଆ ସଂପ୍ରଦାୟ ଦାରିଦ୍ର୍ୟର କଷାଘାତରେ ନିଷ୍ପେଷିତ । ଓଡ଼ିଶାର ଅନ୍ୟ ଆଦିବାସୀଗୋଷ୍ଠୀଙ୍କ ଉନ୍ନତି ନିମନ୍ତେ ଯେପରି ଅଣୁଯୋଜନାମାନ କାର୍ଯ୍ୟକାରୀ ହୋଇଛି, ସେହିପରି ଧାରୁଆମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ଓ ସାମାଜିକ ବିକାଶ ନିମନ୍ତେ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିବା ଅତ୍ୟନ୍ତ ଜରୁରୀ ।

ଅଦ୍ୟାବଧି ଲୋକ ଲୋଚନର ଅନ୍ତରାଳରେ ରହିଆସିଥିବା ଆଦିମ ଧାରୁଆ ଜନଗୋଷ୍ଠୀଙ୍କ ସଂକ୍ଷିପ୍ତ ପରିଚୟ ଏମାନଙ୍କ ସଂସ୍କୃତିର ବିଭିନ୍ନ ଦିଗ ସଂପର୍କରେ ବିସ୍ତୃତ ଗବେଷଣା ପାଇଁ ମାର୍ଗ ଉନ୍ମୋଚନ କରିପାରିବ ବୋଲି ଆଶା । ଏହି ପୁସ୍ତିକାରେ ଦୁଇ ଭାଷାଗୋଷ୍ଠୀଙ୍କ କିଛି ଲୋକ ସଂସ୍କୃତି ଓ ସାହିତ୍ୟ ସଂପର୍କରେ ଆଲୋକପାତ କରାଯାଇଛି । ସଂପ୍ରତି ଅନ୍ୟଭାଷା ଓ ସଂସ୍କୃତିର ପ୍ରଭାବରେ ବହୁ ଲୋକ ଉପାଦାନ ହଜିବାରେ ଲାଗିଛି । ଏମାନଙ୍କ ସମାଜରେ ମୌଖିକ ସାହିତ୍ୟର ଉପାଦାନ ଅତିସନ୍ନ । ତଥାପି, ଆହୁରି କେତେକ ମୂଲ୍ୟବାନ ତଥ୍ୟ ଲୋକମାନସରେ ରହିଯାଇଥିବା ଅସମ୍ଭବ ନୁହେଁ । ଏଣୁ ଏହି ଆଦିମ ଜନଗୋଷ୍ଠୀଙ୍କ ସାଂସ୍କୃତିକ ବିଭବର ସୁରକ୍ଷା ଦିଗରେ ଯତ୍ନଶୀଳ ହେବାକୁ ପଡ଼ିବ ।

ଧାରୁଆମାନଙ୍କ ସରଳ ଜୀବନଚର୍ଯ୍ୟା, ନିଷ୍କପଟ ହୃଦୟବତ୍ତା, ନିଜ ଜନ୍ମମାଟି, ବଣଜଙ୍ଗଲ ପ୍ରତି ପ୍ରଗାଢ଼ ଅନୁରକ୍ତି, ପରଂପରା ପ୍ରତି ପ୍ରବଳ ମୋହ, ଗୋଷ୍ଠୀବଦ୍ଧ ଜୀବନ, ବହୁ ଆଦିମ ଧର୍ମବିଶ୍ୱାସ, ଏକତା, ଭାତୃତ୍ୱ, ପରୋପକାର, ସମାଜିକ ଜୀବନରେ ଶୃଙ୍ଖଳା ପ୍ରଭୃତି ସଦ୍‌ଗୁଣାବଳୀ ଏମାନଙ୍କ ସଂସ୍କୃତିର ଉତ୍କର୍ଷତା ପ୍ରତିପାଦନ କରିଥାଏ ।

# ପରିଶିଷ୍ଟ

| ପ୍ରବକ୍ତା/କଳାକାର ନାମ ଓ ଠିକଣା | ବୟସ | ଲିଙ୍ଗ | ଶିକ୍ଷାଗତ ଯୋଗ୍ୟତା |
|---|---|---|---|
| ୧. ପୂର୍ଣ୍ଣି ଦୁରୁଆ, କେନ୍ଦୁଗୁଡ଼ା | ୫୫ | ସ୍ତ୍ରୀ | ୨ୟ ଶ୍ରେଣୀ |
| ୨. ଜଗନ୍ନାଥ ଦୁରୁଆ, ତାଲୁର, ହଳଦିକୁଣ୍ଡ | ୩୨ | ପୁରୁଷ | - |
| ୩. ମାଧବ ଦୁରୁଆ, ହଳଦିକୁଣ୍ଡ | ୪୦ | ପୁରୁଷ | - |
| ୪. ରିପାଲି ଦୁରୁଆ, ହଳଦିକୁଣ୍ଡ | ୩୦ | ପୁରୁଷ | - |
| ୫. ବିନ୍ଦୁ ଦୁରୁଆ, ହଳଦିକୁଣ୍ଡ | ୪୫ | ,, | - |
| ୬. ବୈଶାଖ ଦୁରୁଆ, ଶିରିବେଡ଼ା | ୫୨ | ,, | - |
| ୭. ଭୀମା ଦୁରୁଆ, କେନ୍ଦୁଗୁଡ଼ା | ୪୮ | ,, | ୫ମ ଶ୍ରେଣୀ |
| ୮. ପୁଷୁ ନାୟକ, କେନ୍ଦୁଗୁଡ଼ା | ୫୨ | ,, | - |
| ୯. ଲଖଣ ଦୁରୁଆ, କେନ୍ଦୁଗୁଡ଼ା | ୫୫ | ,, | - |
| ୧୦. ବୁନ୍ଦୁରା ଦୁରୁଆ, କେନ୍ଦୁଗୁଡ଼ା | ୫୮ | ,, | - |
| ୧୧. ସୁପାରୁ ଦୁରୁନି, କେନ୍ଦୁଗୁଡ଼ା | ୬୨ | ସ୍ତ୍ରୀ | - |
| ୧୨. ମଙ୍ଗଲ ଦେଇ ଦୁରୁନି, କେନ୍ଦୁଗୁଡ଼ା | ୬୫ | ସ୍ତ୍ରୀ | - |
| ୧୩. ଲଖଣ ପଡ଼ିଆମି, ସାନବୁଡୁଲି ମାଲକାନାଗିରି | ୫୫ | ପୁରୁଷ | ୫ମ ଶ୍ରେଣୀ |
| ୧୪. ବଲରା ପଡ଼ିଆମି, ମାଲକାନଗିରି | ୪୮ | ପୁରୁଷ | - |
| ୧୫. ଚମ୍ପା ଦୁରୁଆ, ମାଲକାନଗିରି | ୨୫ | ସ୍ତ୍ରୀ | - |

| | | | |
|---|---|---|---|
| ୧୬. କୁମାରୀ ପଡ଼ିଆମି, ମାଲକାନଗିରି | ୨୨ | ସ୍ତ୍ରୀ | – |
| ୧୭. ମାଲତୀ ପଡ଼ିଆମି, କାଲକାନଗିରି | ୨୫ | ସ୍ତ୍ରୀ | – |
| ୧୮. ଗୁରୁନାଥ ଦୁରୁଆ, କେନ୍ଦୁଗୁଡ଼ା | ୫୨ | ପୁରୁଷ | – |
| ୧୯. ବଲି ଦୁରୁଆ , କୁନ୍ଦ୍ରା | ୪୮ | ପୁରୁଷ | – |
| ୨୦. ସୁଲା ଦୁରୁଆ, ଘୋଡ଼ାଘାଟ | ୫୦ | ପୁରୁଷ | |
| ୨୧. ଚେନ୍ଦ୍ରୀ ଦୁରୁଆ, ହଳଦିକୁଣ୍ଡ | ୨୫ | ସ୍ତ୍ରୀ | – |
| ୨୨. ବିମଳା ଦୁରୁଆ, ,, | ୨୨ | ସ୍ତ୍ରୀ | – |
| ୨୩. କମଳା ଦୁରୁଆ, ,, | ୨୫ | ସ୍ତ୍ରୀ | – |
| ୨୪. ଦେବଦାସ ଦୁରୁଆ, ,, | ୫୫ | ପୁରୁଷ | – |
| ୨୫. ମଙ୍ଗୁରାମ ଦୁରୁଆ, ,, | ୫୦ | ,, | |
| ୨୬. ବାଦେଇ ଦୁରୁଆ, ,, | ୫୫ | ,, | |
| ୨୭. ରାଧା ଦୁରୁଆ, ସୁରିଷପଦର | ୪୫ | ସ୍ତ୍ରୀ | |
| ୨୮ ସୁବାଇ ଦୁରୁଆ, ଚାଲୁର | ୪୦ | ସ୍ତ୍ରୀ | – |

